• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR

◆VOLUME- 43 ◆ISSUE-12 ◆SUNDAY ◆6 JULY 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୨ ◆ରବିବାର ◆୬ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)




ବାହୁଡ଼ାବିଜେରେ ଚତୁର୍ଦ୍ଧାମୂର୍ତ୍ତି: ତିନିରଥର ଘର୍ଘର ନାଦ ଓ ଭକ୍ତଙ୍କ କୋଳାହଳରେ ବଡ଼ଦାଣ୍ଡ ପ୍ରକମ୍ପିତ

## ଗିଲ୍‌ଙ୍କ ବିରଳ ଅଧିନାୟକ ଇନିଂସ

### ଗୋଟିଏ ଟେଷ୍ଟରେ ଦ୍ୱିଶତକ ଓ ଶତକ



■ **ବର୍ମିଂହାମ, ୫।୭ (ଏଜେନ୍ସି):** ଭାରତୀୟ କ୍ରିକେଟ ଦଳର ଅଧିନାୟକ ଶୁବମାନ ଗିଲ୍ ଚଳିତ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଇନିଂସରେ ଶତକ (୧୬୧ ରନ୍) ହାସଲ କରିଛନ୍ତି। ପୂର୍ବରୁ ପ୍ରଥମ ଇନିଂସରେ ସେ ୨୬୯ ରନ୍‌ର ମାରାଥନ ଇନିଂସ ଖେଳିଥିଲେ। ଏହା ଫଳରେ ଗୋଟିଏ ଟେଷ୍ଟର ଉଭୟ ଇନିଂସରେ ଦ୍ୱିଶତକ ଓ ଶତକ ହାସଲ କରିବାରେ ବିଶ୍ୱର ୯ମ ତଥା ଭାରତର ଦ୍ୱିତୀୟ ବ୍ୟାଟର ହୋଇଛନ୍ତି। କିନ୍ତୁ ଜଣେ ଅଧିନାୟକ ଭାବେ ସେ ବିଶ୍ୱର ଦ୍ୱିତୀୟ ଏବଂ ଭାରତର ପ୍ରଥମ ଖେଳାଳି ଭାବେ ଏହି ସଫଳତା ଅର୍ଜନ କରିଛନ୍ତି। ଭାରତ ବିପକ୍ଷରେ ଇଂଲଣ୍ଡର ଗ୍ରାହମ ଗୁଚ୍ ପ୍ରଥମ ଅଧିନାୟକ ଭାବେ ୧୯୯୦ରେ ଲର୍ଡ୍‌ସ ଟେଷ୍ଟରେ ଏହି ସଫଳତା ପାଇଥିଲେ। ସେହିପରି ତାଙ୍କ ପୂର୍ବରୁ ୧୯୭୧ରେ ▶ପୃଷ୍ଠା-୭

# ବାହୁଡ଼ିଲେ ମହାବାହୁ, ଆଜି ସୁନାବେଶ

■ **ପୁରୀ, ୫।୭ (ସମିସ):** ଶେଷ ହୋଇଛି ନବଦିନାତ୍ମକ ଯାତ୍ରା। ଚଳିତବର୍ଷ ପାଇଁ ଆଡ଼ପ ମଣ୍ଡପରେ ସରିଛି ମହାପ୍ରଭୁଙ୍କ ଲୀଳାଖେଳା। ଭାଇ, ଭଉଣୀଙ୍କୁ ସାଥୀରେ ଧରି ଜନ୍ମବେଦୀରୁ ରତ୍ନବେଦୀ ଅଭିମୁଖେ ବାହୁଡ଼ି ଯାଇଛନ୍ତି ବାହୁଡ଼ାବ୍ରହ୍ମ। ରାତି ସୁଦ୍ଧା ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଯାଇଛି ତିନିରଥ। ରବିବାର ରଥ ଉପରେ ଭକ୍ତଙ୍କୁ ସୁନାବେଶରେ ଦର୍ଶନ ଦେବେ ବିଶ୍ୱନିୟନ୍ତା। ବାହୁଡ଼ା ଯାତ୍ରାର ପାଗ ବେଶ୍ ଅନୁକୂଳ ଥିଲା। ଝିପିଝିପି ବର୍ଷା ସତ୍ତ୍ୱେ ସକାଳୁ ସକାଳୁ ବଡ଼ଦାଣ୍ଡରେ ଜମିଥିଲା ଭକ୍ତଙ୍କ ଭିଡ଼। ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାରରେ ପ୍ରସ୍ତୁତ ରହିଥିଲେ ତିନିରଥ। ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ଲକ୍ଷଲକ୍ଷ ଭକ୍ତଙ୍କ ଗହଣରେ

### ସଅଳ ହେଲା ପହଣ୍ଡି, ରଥଟଣା

### ସିଂହଦ୍ୱାର ସମ୍ମୁଖରେ ତିନି ରଥ

ବଡ଼ଦାଣ୍ଡରେ ଘର୍ ଘର୍ ନାଦରେ ଗଡ଼ିଥିଲା ତିନିରଥ। ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିରକୁ ଫେରିବାବେଳେ ବାଟରେ ମାଉସୀ ମା'ର ସ୍ନେହଭରା ପୋଡ଼ପିଠା ଖାଇଛନ୍ତି ମହାପ୍ରଭୁ। ତେବେ ବାହୁଡ଼ା ଯାତ୍ରାର ନୀତିକାନ୍ତି ବେଶ ସଅଳ ରହିଥିଲା। ଧାର୍ଯ୍ୟ ସମୟର ୨ ଘଣ୍ଟା ୫ ମିନିଟ୍ ପୂର୍ବରୁ ଆରମ୍ଭ ହୋଇଥିଲା ପହଣ୍ଡି। ଅଝଟ ନ ହୋଇ ବେଗି ବେଗି ରଥାରୂଢ଼ ହୋଇଥିଲେ ଚତୁର୍ଦ୍ଧାବିଗ୍ରହ। ସେହିପରି ନିର୍ଘଣ୍ଟ ସମୟର ୧ଘଣ୍ଟା ୧୦ ମିନିଟ୍ ପୂର୍ବରୁ ରଥଟଣା ଆରମ୍ଭ ହୋଇଥିବା ବେଳେ ରାତି ସୁଦ୍ଧା ସିଂହଦ୍ୱାରରେ ପହଞ୍ଚି ଯାଇଛନ୍ତି ତିନିରଥ। ବାହୁଡ଼ା ଯାତ୍ରାରେ ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ସମାଗମ ହୋଇଥିବା ପ୍ରଶାସନ ପ୍ରାକ୍ ଆକଳନ କରିଛି।

ଆଷାଢ଼ ମାସ ଶୁକ୍ଳ ଦଶମୀ। ଏହି ପବିତ୍ର ତିଥିରେ ଅନୁଷ୍ଠିତ ହୋଇଛି ବାହୁଡ଼ା ଯାତ୍ରା। ମହାପ୍ରଭୁଙ୍କୁ ରତ୍ନସିଂହାସନକୁ ▶ପୃଷ୍ଠା-୭

### ଅଝଟ ହେଲେ ହଳଦୀମୁଖୀ, ମାନ କଲେ ମାନଗୋବିନ୍ଦ

■ **ପୁରୀ, ୫।୭ (ସମିସ):** ସରିଛି ଜନ୍ମବେଦୀରେ ଲୀଳାଖେଳା। ନବଦିନାତ୍ମକ ଯାତ୍ରା ଶେଷ କରି ଭାଇଭଉଣୀଙ୍କୁ ସାଙ୍ଗରେ ଧରି ଜନ୍ମବେଦୀ ଅଭିମୁଖେ ବାହୁଡ଼ିଛନ୍ତି ମହାପ୍ରଭୁ। ହେଲେ ରଥଯାତ୍ରା ଭଳି ବାହୁଡ଼ାରେ ବିଶ୍ୱନିୟନ୍ତା ମାନ କଲାଭଳି ଲାଗୁଥିଲେ। ପହଣ୍ଡିରେ ଅଝଟ କରି ନ ଥିଲେ ବି ଚାରମାଳରେ ରଥାରୂଢ଼ ବେଳେ ସେବାୟତଙ୍କୁ ନାକେଦମ୍ କରିଥିଲେ। ସତେ ଯେମିତି ରଥାରୂଢ଼ ହେବାକୁ ଚାହୁଁ ନ ଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ। ସେବାୟତମାନେ ବି ଝାଳନାଳ ହୋଇଯାଇଥିଲେ। ବେଶ୍ ସନ୍ତର୍ପଣରେ କାଳିଆସାଆନ୍ତଙ୍କୁ ରଥ ଉପରକୁ ବିଜେ କରାଉଥିଲେ। ରଥଯାତ୍ରା କଥା ମନେ ପକାଇ ଅନେକ ସେବାୟତ କହୁଥିଲେ ମାନ କରନି ହେ ମାନଗୋବିନ୍ଦ। ସଅଳ ରଥାରୂଢ଼ ହୁଅ ପ୍ରଭୁ। କାରଣ ରଥଯାତ୍ରା ଦିନ ମାନ କରିଥିଲେ ▶ପୃଷ୍ଠା-୭

## ମହାରାଷ୍ଟ୍ରରେ ମହାମିଳନ ଉଦ୍ଧବ-ରାଜ୍ ଏକାଠି



### ରାଜନୀତି ପାଇଁ ୨୦ ବର୍ଷ ପରେ ବଦଳିଲା ହୃଦୟ

### ହିନ୍ଦୀ ଲଦିବାକୁ ବରଦାସ୍ତ କରିବୁନି

### ମରାଠୀ ପାଇଁ ଲଢ଼ିବା ଯଦି ଗୁଣ୍ଡାଗର୍ଦ୍ଦି; ତା'ହେଲେ ଆମେ ଗୁଣ୍ଡା

■ **ମୁମ୍ବାଇ, ୫।୭ (ଏଜେନ୍ସି):** ମହାରାଷ୍ଟ୍ରରେ ଶନିବାର ମହାମିଳନ ହୋଇଛି। ଦୀର୍ଘ ଦୁଇ ଦଶନ୍ଧିର ବିବାଦ ତୁଟି ଯାଇଛି। ପୁରୁଣା ତିକ୍ତତାକୁ ଭୁଲି ଦୁଇ ପରିବାର ଏକାଠି ହୋଇ ଯାଇଛନ୍ତି। ଦାଦା ପୁଅ ଏବଂ ମାଉସୀ ପୁଅ ଭାଇ ପୁଣି ପରସ୍ପରକୁ ଆଲିଙ୍ଗନ କରିଛନ୍ତି। ୨୦୦୫ ପରେ ଗୋଟିଏ ମଞ୍ଚରେ ଏକାଠି ହୋଇଛନ୍ତି। ନୂଆ ଇତିହାସ ଲେଖିବାକୁ ଆଗେଇ ଆସିଛନ୍ତି ଏହି ଦୁଇ ଭାଇ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ (୬୪) ଏବଂ ଏମଏନଏସ ମୁଖ୍ୟ ରାଜ୍ ଠାକରେ (୫୭)। କେବଳ ରାଜନୀତି ପାଇଁ ଏହା ସମ୍ଭବ ହୋଇପାରିଛି। ମହାରାଷ୍ଟ୍ରରେ ହିନ୍ଦୀକୁ ନେଇ ବିବାଦ ଜାରି ରହିଛି। ରାଜ୍ୟର ପ୍ରାଥମିକ ବିଦ୍ୟାଳୟର ହିନ୍ଦୀକୁ ତୃତୀୟ ଭାଷା କରିବାର ବିବାଦୀୟ ନୀତିକୁ ଶାସକ 'ମହାୟୁତି' ମେଣ୍ଟ ▶ପୃଷ୍ଠା-୭

### ୧୫ ଦିନରେ ତିନି ବ୍ୟାଙ୍କ ଉପରୁ କଟକଣା ଉଠାଇନେଲେ ସରକାର

# କାହା ଚାପରେ ଛେପ ଢୋକିଲେ

■ **ଭୁବନେଶ୍ୱର, ୫।୭ (ସମିସ):** ମାତ୍ର ୧୫ଦିନର କଟକଣା ପରେ ଆଇସିଆଇସିଆଇ, ଆକ୍ସିସ୍ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କକୁ ପୁଣିଥରେ ଅନୁବନ୍ଧିତ ତାଲିକାକୁ ଫେରାଇ ଆଣିଛନ୍ତି ରାଜ୍ୟ ସରକାର। ସରକାରଙ୍କ ଫ୍ଲାଗ୍‌ସିପ୍ ଯୋଜନା କାର୍ଯ୍ୟାନ୍ୱୟନରେ ଦୁର୍ବଳ ପ୍ରଦର୍ଶନ ଦର୍ଶାଇ ଉପରୋକ୍ତ ୩ଟି ଘରୋଇ ବ୍ୟାଙ୍କକୁ ସରକାର ଅନୁବନ୍ଧିତ ବ୍ୟାଙ୍କ ତାଲିକାରୁ ବାଦ୍ ଦେଇଥିଲେ। ଏନେଇ ଗତ ୨୧ ତାରିଖରେ ଅର୍ଥ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ତେବେ ଗତ ମଙ୍ଗଳବାର ଉକ୍ତ ୩ ବ୍ୟାଙ୍କର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କୁ ଲୋକସେବା ଭବନରେ ସାକ୍ଷାତ କରିଥିଲେ। ନିଜ ପ୍ରଦର୍ଶନରେ

### ଯୋଜନା କାର୍ଯ୍ୟାନ୍ୱୟନରେ ଦୁର୍ବଳ ପ୍ରଦର୍ଶନ ଯୋଗୁଁ ଅନୁବନ୍ଧିତ ତାଲିକାରୁ ବାଦ୍ ପଡ଼ିଥିଲେ

### ଅଦୃଶ୍ୟ ଚାପରେ ପଡ଼ି ସରକାର ପଛଘୁଞ୍ଚା ଦେଇଥିବା ନେଇ ତଥ୍ୟାଭିଜ୍ଞ ମହଲର ସନ୍ଦେହ

ସୁଧାର ଆଣିବାକୁ ପ୍ରତିଶ୍ରୁତି ଦେବା ପରେ ସେମାନଙ୍କ ଉପରୁ କଟକଣା ଉଠାଯାଇଥିବା ସରକାର ସଫେଇ ଦେଇଛନ୍ତି।

ଶନିବାର ଅର୍ଥ ବିଭାଗ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ବିଭିନ୍ନ ବିଭାଗକୁ ଚିଠି ଲେଖି ଗତ ୨୧ ତାରିଖରେ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରାଗଲା ବୋଲି ସୂଚନା ଦେଇଛନ୍ତି। ତେବେ ଗତ ୧୫ଦିନ ମଧ୍ୟରେ ପ୍ରଥମେ କଟକଣା ଜାରି କରିବା, ପରେ ଏଥିରେ ଆଂଶିକ ପରିବର୍ତ୍ତନ ଆଣିବା ଏବଂ ଶେଷରେ ନିର୍ଦ୍ଦେଶନାମାକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ପଛରେ କ'ଣ କାରଣ ରହିଛି, ସେନେଇ ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି। ଯେଉଁ ଢଙ୍ଗରେ ସରକାର ଏପରି ନିଷ୍ପତ୍ତି ନେଲେ ଓ ଛେପ ଢୋକିଲେ ଏହା ପଛରେ କୌଣସି ବାହ୍ୟ ଚାପ ଥିବା ତଥ୍ୟାଭିଜ୍ଞ ମହଲ ସନ୍ଦେହ ପ୍ରକାଶ କରୁଛନ୍ତି। ▶ପୃଷ୍ଠା-୭

## ଏଥର ବର୍ଷାଭିଜା ପାର୍ବଣ

■ **ଭୁବନେଶ୍ୱର, ୫।୭ (ସମିସ):** ଆସନ୍ତା ସେପ୍ଟେମ୍ବର ଏବଂ ଅକ୍ଟୋବର ମାସରେ ରାଜ୍ୟରେ ଭଲ ବର୍ଷା ହେବାର ସମ୍ଭାବନା ରହିଛି, ଯାହା ପାର୍ବଣ ଋତୁକୁ ଫିକା କରିପାରେ। ଏପରିକି ଜୁଲାଇ ମାସରେ ସ୍ୱାଭାବିକ ବର୍ଷା ହେବାକୁ ଥିବାବେଳେ ଅଗଷ୍ଟ ମାସରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ ବୋଲି ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ରନାଥ ପଶୁପାଳକ ପୂର୍ବାନୁମାନ କରିଛନ୍ତି। ବିଭିନ୍ନ ମଡେଲର ତଥ୍ୟକୁ ଅନୁଶୀଳନ କରି ଡ. ପଶୁପାଳକ ଉପରୋକ୍ତ ତଥ୍ୟ ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା

### ସେପ୍ଟେମ୍ବର, ଅକ୍ଟୋବର ମାସରେ ଭଲ ବର୍ଷା ଆକଳନ


ରାଜ୍ୟରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ଚାଷକାର୍ଯ୍ୟ ପାଇଁ ବର୍ତ୍ତମାନ ପାଗ ଅନୁକୂଳ ଥିବାବେଳେ ▶ପୃଷ୍ଠା-୭

## ଆଜି ହୀରାକୁଦ ଛାଡ଼ିବ ବନ୍ୟାଜଳ

■ **ସମ୍ବଲପୁର, ୫।୭ (ସମିସ):** ଆସନ୍ତାକାଲି (ରବିବାର) ସକାଳ ୧୦ଟାରେ ହୀରାକୁଦ ଚଳିତବର୍ଷର ପ୍ରଥମ ବନ୍ୟାଜଳ ଛାଡ଼ିବ। ଗତ କିଛି ଦିନ ହେବ ଜଳଭଣ୍ଡାରର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଉପରମୁଣ୍ଡରେ ବର୍ଷା ଓ ଛତିଶଗଡ଼ର କଲମା ବ୍ୟାରେଜ୍‌ର ସମସ୍ତ ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଥିବାରୁ ହୀରାକୁଦ ଫୁଲିବାରେ ଲାଗିଛି। ▶ପୃଷ୍ଠା-୭

## ସାବଧାନ! ଛେନାରୁ ବ୍ୟାପିପାରେ ଝାଡ଼ାବାନ୍ତି


■ **ଭୁବନେଶ୍ୱର, ୫।୭ (ସମିସ):** କେବଳ ରାସ୍ତାକଡ଼ ଦୋକାନର ଖାଦ୍ୟ କି ଢାବା କିମ୍ବା ହୋଟେଲର ବାସି ଖାଦ୍ୟ-ପାନୀୟରୁ ନୁହେଁ; ଛେନା, ପନୀର କି ଖୁଆରୁ ବ୍ୟାପିପାରେ ଡାଇରିଆ। ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ଛେନା, ଖୁଆ, ପନୀର୍ ଆଦିର ଶୁଦ୍ଧତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଲାଣି। କାରଣ ଏହି ସବୁ ଖାଦ୍ୟ ପଦାର୍ଥ ପରିବହନ କରିବା ସମୟରେ ସ୍ୱଚ୍ଛତାକୁ ଦୃଷ୍ଟି ଦିଆଯାଉ ନାହିଁ। ଅତି ଖାମ୍‌ଖିଆଲ୍ ଢଙ୍ଗରେ ବ୍ୟବସାୟୀମାନେ ଏସବୁକୁ ବାଇକ୍‌ରେ ଝୁଲା କରି ନେଉଛନ୍ତି। ବର୍ଷା ଦିନେ ରାସ୍ତାରେ ଅଳିଆ ପାଣି ଉପର ଦେଇ ଯାନବାହନ ଯିବାବେଳେ ପାଣିର ଛିଟା ଏସବୁ ଖାଦ୍ୟ ପଦାର୍ଥ ଉପରେ ପଡୁଛି। ବ୍ୟବସାୟୀମାନେ ଏହି ଅଳିଆପାଣିରେ ବତୁରା



ଛେନା, ପନୀର ଓ ଖୁଆକୁ ନେଇ ବିଭିନ୍ନ ଛକ ବଜାରରେ ବିକ୍ରି କରୁଛନ୍ତି। ଲୋକମାନେ ବି ଏହାକୁ କିଣି ନେଉଛନ୍ତି। ଖାଦ୍ୟ ସୁରକ୍ଷା ଅଧିକାରୀମାନେ ହୋଟେଲ୍, ଢାବା, ରେଷ୍ଟୋରାଁ, ଫାଷ୍ଟଫୁଡ୍ ଷ୍ଟଲ୍‌ରେ ଚଢ଼଼ଉ କରୁଛନ୍ତି; ମାତ୍ର ଏଥିପ୍ରତି ନଜର ନାହିଁ। ଅସନା ପାଣିରେ ବତୁରିଥିବା ପନୀର, ଛେନା, ଖୁଆକୁ ଖାଇ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବାର ମଧ୍ୟ ଆଶଙ୍କା ରହିଛି। ତେଣୁ ଏସବୁ ଖାଦ୍ୟ ସାମଗ୍ରୀ କେତେ ଶୁଦ୍ଧ, ତା'ର ଯାଞ୍ଚ କରାଯିବା ଜରୁରୀ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ▶ପୃଷ୍ଠା-୭

### ଅସୁରକ୍ଷିତ ଅବସ୍ଥାରେ ହେଉଛି ପରିବହନ

### ରାସ୍ତାକଡ଼ ପଚା ପାଣି ଛିଟା ଗଣ୍ଠିଲିରେ ମିଶୁଛି





ଆଜି ସୁନାବେଶ

# ରତ୍ନାଳଙ୍କାରରେ ଝଲସିବେ ବିଶ୍ୱନିୟନ୍ତା

ରବିବାର ଆଷାଢ଼ ଶୁକ୍ଳ ଏକାଦଶୀ। ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ। ମହଣ ମହଣ ସୁନାରେ ସଜେଇ ହେବେ ରଥାରୂଢ଼ ଦାରୁବିଗ୍ରହ। ତେବେ ରଥ ଉପରେ ହେଉଥିବା ଏହି ବେଶକୁ ବଡ଼ତଢ଼ାଉ ବେଶ ମଧ୍ୟ କୁହାଯାଏ। ଗଜପତି ମହାରାଜା କପିଳେନ୍ଦ୍ରଦେବଙ୍କ ସମୟରୁ ଏହି ବେଶ ହୋଇଆସୁଥିବା ଶୁଣିବାକୁ ମିଳେ। ଏହି ଅପୂର୍ବ ବେଶ ଲାଗି ଏଥର ଶ୍ରୀମନ୍ଦିର ପରିସର ଅସ୍ଥାୟୀ ବାହାର ଭଣ୍ଡାରଘରୁ ବାହାରିବ ମହଣ ମହଣ ସୁନା ଓ ରୁପା ଅଳଙ୍କାର। ବହୁବିଧ ରତ୍ନଅଳଙ୍କାର ଲାଗି ହୋଇ ରଥ ଉପରେ ଝଲସିବେ ଦାରୁଦିଅଁ।

## ଅପରାହ୍ନ ୫ଟାରୁ ବେଶ ଆରମ୍ଭ

ରବିବାର ପୂର୍ବାହ୍ନରେ ମହାପ୍ରଭୁଙ୍କର ଅସ୍ଥାୟୀ ବାହାର ରତ୍ନଭଣ୍ଡାର (ଯାହାକି ବର୍ତ୍ତମାନ ଚାଙ୍ଗଡା ଘରେ କାର୍ଯ୍ୟକ୍ଷମ) ଖୋଲାଯିବ। ସେଥିରୁ ସୁନାବେଶ ଲାଗି ଆବଶ୍ୟକ ଅଳଙ୍କାର ବାହାର କରାଯିବ। ଭଣ୍ଡାରମେକାପ ଓ ବଣିଆଙ୍କ ଉପସ୍ଥିତିରେ ଅଳଙ୍କାରଗୁଡ଼ିକ ସଫା କରାଯିବ। ରଥ ଉପରେ ମହାପ୍ରଭୁଙ୍କ ମଇଲମ ଓ ମେକାପ ସର୍ବାଙ୍ଗ ନୀତି ବଢ଼ିବା ପରେ ସୁନାବେଶ ଆରମ୍ଭ ହେବ। ନିର୍ଘଣ୍ଟ ସମୟ ପୂର୍ବରୁ ଅର୍ଥାତ୍ ସଅଳ ନୀତିକାନ୍ତି କରାଯିବା ଲାଗି ପୂର୍ବରୁ ଦଇତାପତିଙ୍କ ସହ ପ୍ରଶାସନର ଆଲୋଚନା ବେଳେ ନିଷ୍ପତ୍ତି ନିଆଯାଇଛି।

ଅନ୍ୟପକ୍ଷରେ, ଚଳିତବର୍ଷ ସୁନାବେଶରେ ୧୦ରୁ ୧୫ଲକ୍ଷ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ଏହାକୁ ନଜରରେ ରଖି ସଅଳ ନୀତିକାନ୍ତି କରାଯାଇ ନିର୍ଘଣ୍ଟ ସମୟ ପୂର୍ବରୁ ଚତୁର୍ଦ୍ଧା ବିଗ୍ରହଙ୍କ ସୁନାବେଶ କରାଯିବ। ଏହାଦ୍ୱାରା ଭକ୍ତମାନେ ଅଧିକ ସମୟ ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶ ଦର୍ଶନ ସୁଯୋଗ ପାଇବେ। ସେହିପରି ସୁନାବେଶ ସମୟରେ ରଥାରୂଢ଼ ଠାକୁରଙ୍କ ସମ୍ମୁଖରେ କୌଣସି ସେବାୟତ ରହିବେ ନାହିଁ। ଫଳରେ ଶ୍ରଦ୍ଧାଳୁମାନେ ସୁନ୍ଦର ଭାବେ ସୁନାବେଶ ଦର୍ଶନ କରିପାରିବେ। ରଥ ଉପରକୁ ଅଣସେବାୟତ ଚଢ଼ିବେ ନାହିଁ। ସେହିପରି କୌଣସି ସେବାୟତ ମୋବାଇଲ ଫୋନ ନେଇପାରିବେ ନାହିଁ ବୋଲି କଡାକଡି ଭାବେ ସ୍ପଷ୍ଟ କରିଦିଆଯାଇଛି।


ଅନ୍ୟପକ୍ଷରେ, ସୁନାବେଶ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ରଥଯାତ୍ରାରେ ଯେଉଁଭଳି ସୁରକ୍ଷା ଏବଂ ଟ୍ରାଫିକ କଟକଣା ଥିଲା ସେହିଭଳି କଟକଣା ମଧ୍ୟ ରହିବ ବୋଲି କହିଛନ୍ତି ଏସ୍‌ପି ପିନାକ ମିଶ୍ର।



## ବଡ଼ତଢ଼ାଉଙ୍କ ଅନୁରୋଧରେ ହେଉଛି ରଥ ଉପରେ ସୁନାବେଶ

ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କର ମାନବୀୟ ଲୀଳା ଭଳି ରାଜକୀୟ ଲୀଳା ମଧ୍ୟ ଅନୁଷ୍ଠିତ ହେଉଛି। ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ହେଉଛନ୍ତି ରାଜାଧିରାଜ। ତାଙ୍କର କେତେକ ରୀତି, ନୀତି, ବେଶ ଓ ଭୋଗ ଇତ୍ୟାଦିରେ ରାଜକୀୟ ଠାଣି ପରିଲକ୍ଷିତ ହୋଇଥାଏ। ରାଜାଧିରାଜ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସୁନାବେଶ ବା ରାଜବେଶ ବର୍ଷକୁ ପାଞ୍ଚଥର ଅନୁଷ୍ଠିତ ହୁଏ। ଆଶ୍ୱିନ ଶୁକ୍ଳ ଦଶମୀ (ଦଶହରା), କାର୍ତ୍ତିକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା ଓ ଦୋଳ ପୂର୍ଣ୍ଣିମା ଏହି ଚାରିଥର ଶ୍ରୀମନ୍ଦିର ରତ୍ନସିଂହାସନରେ ଏବଂ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ସିଂହଦ୍ୱାର ସମ୍ମୁଖରେ ଥିବା ରଥ ଉପରେ ସୁନାବେଶ କରାଯାଇଥାଏ।

ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ମହାପ୍ରଭୁଙ୍କର ଏହି ଲାବଣ୍ୟମୟ ସୁବର୍ଣ୍ଣ ବେଶ କେବେଠାରୁ ଆରମ୍ଭ ହେଲା, ତାହା ଠିକ୍ ଭାବେ କହିବା କଷ୍ଟକର। ଏ ସମ୍ପର୍କରେ ସ୍କନ୍ଦ ପୁରାଣ କିମ୍ବା ନୀଳାଦ୍ରି ମହୋଦୟ ଭଳି ଗ୍ରନ୍ଥମାନଙ୍କରେ କିଛି ଉଲ୍ଲେଖ ନାହିଁ। ତେବେ ମହାପ୍ରଭୁଙ୍କର ଏହି ଦିବ୍ୟ ବେଶକୁ ସର୍ବଧର୍ମ, ସର୍ବମତବାଦର ଜନସାଧାରଣ ଓ



ଭକ୍ତଗଣ ଆନନ୍ଦରେ ଦର୍ଶନ କରିଥା'ନ୍ତି। ଏହି ଦିନ ଶ୍ରୀକ୍ଷେତ୍ରରେ ପ୍ରବଳ ଗହଳି ଲାଗିଥାଏ। ରଥ ଉପରେ ହେଉଥିବା ସୁନାବେଶର ନାମ ହେଉଛି ବଡ଼ତଢ଼ାଉ ବେଶ। ବଡ଼ତଢ଼ାଉ ବେଶ ସମ୍ପର୍କରେ ଜଣାଯାଏ, ୧୪୬୦ ଖ୍ରୀଷ୍ଟାବ୍ଦରେ ରାଜା କପିଳେନ୍ଦ୍ରଦେବ ଦେବୀ ଜୟଦୁର୍ଗାଙ୍କ କୃପାରୁ ଦକ୍ଷିଣ ଭାରତ ବିଜୟ କରି ୧୬ଟି ହସ୍ତୀ ପୃଷ୍ଠରେ ବିପୁଳ ଧନରତ୍ନ ଲଦି ନିଜ ରାଜ୍ୟକୁ ଆଣି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଅର୍ପଣ କରିଥିଲେ।

ଗଜପତି ମହାରାଜାଙ୍କର ମହାପ୍ରଭୁଙ୍କ ପ୍ରତି ଭକ୍ତି ଓ ଆଗ୍ରହ ଲକ୍ଷ୍ୟ କରି ବଡ଼ତଢ଼ାଉ ସେବକ (ଅଳଙ୍କାରଗୁଡ଼ିକୁ ଭଣ୍ଡାରରୁ ଆଣି ବେଶ ଶେଷ ହେବା ପରେ ପୁଣି ଭଣ୍ଡାର ମଧ୍ୟରେ ଯେ ଗଣି କରି ରଖନ୍ତି) ଶ୍ରୀଛାମୁରେ ଜଣାଇଥିଲେ ଯେ ଶ୍ରୀମନ୍ଦିରର ରତ୍ନସିଂହାସନ ଉପରେ ବର୍ଷ ମଧ୍ୟରେ ହେଉଥିବା ସକଳ ବେଶକୁ ସମସ୍ତ ବର୍ଗର ଲୋକେ ଦର୍ଶନ କରିପାରୁନାହାନ୍ତି । ତେଣୁ ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ବାହୁଡ଼ା ଦିନ ରଥତ୍ରୟ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତା' ପରଦିନ ରଥ ଉପରେ ଠାକୁରମାନଙ୍କ ସର୍ବସମ୍ମୁଖରେ ସୁନାବେଶରେ ସୁସଜ୍ଜିତ କରାଗଲେ ସମସ୍ତେ ଉପକୃତ ହୋଇପାରନ୍ତେ। ବଡ଼ତଢ଼ାଉ ସେବକଙ୍କ ଅନୁରୋଧକ୍ରମେ ସେହି ଦିନଠାରୁ ରାଜା କପିଳେନ୍ଦ୍ରଦେବ ୧୩୮ ପ୍ରକାର ରତ୍ନଖଚିତ ସ୍ୱର୍ଣ୍ଣ ଅଳଙ୍କାର ନିର୍ମାଣ କରି ପ୍ରଥମେ ଠାକୁରମାନଙ୍କୁ ରଥ ଉପରେ ବଡ଼ ଏକାଦଶୀଦିନ ଚିତ୍ତାକର୍ଷକ ସୁନାବେଶ କରାଇଥିଲେ। ତେଣୁ ଏହି ସୁନାବେଶ ବଡ଼ତଢ଼ାଉ ବେଶ ନାମରେ ପ୍ରସିଦ୍ଧ ଲାଭ କରିଛି। ମହାପ୍ରଭୁଙ୍କର ମଧ୍ୟାହ୍ନ ଧୂପ ନୀତି ସରିବା ପରେ ଦୁର୍ଲଭ ସୁନାବେଶ ଆରମ୍ଭ ହୋଇଥାଏ। ଏହି ବେଶରେ ମେକାପ, ପୁଷ୍ପାଳକ ଓ ଖୁଣ୍ଟିଆ ସେବକ ପ୍ରମୁଖ ସାହାଯ୍ୟ କରିଥାନ୍ତି। ରଥ ଉପରେ ଏମାନଙ୍କ ସହ ଦଇତାପତି ସେବକମାନେ ମଧ୍ୟ ଅଂଶଗ୍ରହଣ କରିଥା'ନ୍ତି। ଏହିଦିନ ଦ୍ୱିପ୍ରହର ଧୂପ (ଖଇ, କୋରା, ଧୁଆମୁଗ, ଆମ୍ବ, ପଣସ, ନଡ଼ିଆ ଇତ୍ୟାଦି ଶୁଖିଲି ଭୋଗ) ପରେ ଠାକୁରମାନେ ମଇଲମ ହୁଅନ୍ତି। ଏହାପରେ ଖଣ୍ଡେଖଣ୍ଡେ ଶାଢ଼ି ଓ ଖଣ୍ଡୁଆ ଲାଗି ହୁଅନ୍ତି। ପରେ ଫୁଟାଲାଗି (ଟାଇଟ ବସ୍ତ୍ର ପରିଧାନ କରନ୍ତି) ହୁଅନ୍ତି। ଅଧର ବଳା ଓ ଦୁଇ ଭୁଜରେ ବଳା ଲାଗି ହେବା ପରେ ଅଳଙ୍କାରମାନ ଲାଗି ହୋଇଥାନ୍ତି।

## ସୁନାବେଶ ନୀତି ନିର୍ଘଣ୍ଟ



| | |
|---|---|
| ମଙ୍ଗଳ ଆଳତି | ସକାଳ ୬ରୁ ୬ଟା ୩୦ |
| ମଇଲମ ତଡ଼ପଲାଗି | ସକାଳ ୭ଟା |
| ଅବକାଶ | ୮ଟା |
| ବେଶ ଶେଷ | ୯ଟା |
| ଗୋପାଳବଲ୍ଲଭ | ପୂର୍ବାହ୍ନ ୧୦ରୁ ୧୦ଟା ୩୦ |
| ସକାଳଧୂପ | ୧୧ଟାରୁ ମଧ୍ୟାହ୍ନ ୧୨ଟା |
| ମଇଲମ | ୧୨ଟା ୩୦ |
| ମହାସ୍ନାନ ଓ ସର୍ବାଙ୍ଗ | ଅପରାହ୍ନ ୧ଟା |
| ବେଶ ଶେଷ | ୧ଟା ୩୦ |
| ମଧ୍ୟାହ୍ନ ଧୂପ | ଅପରାହ୍ନ ୨ରୁ ୩ଟା |
| ମଇଲମ | ୩ଟା ୩୦ |
| ଖଣ୍ଡୁଆ ଲାଗି ସନ୍ଧ୍ୟା ଆଳତି | ୪ଟା |
| ଏକାଦଶୀ ସର୍ବାଙ୍ଗ | ୪ଟା ୩୦ |
| ସୁନାବେଶ | ୫ଟାରୁ ୬ଟା ୩୦ |
| ସନ୍ଧ୍ୟାଧୂପ | ରାତି ୮ରୁ ୯ଟା |
| ସୁନାବେଶ ମଇଲମ | ରାତି ୧୦ରୁ ୧୧ଟା |
| ଚନ୍ଦନଲାଗି | ୧୧ଟା |
| ବଡ଼ସିଂହାର ବେଶ | ୧୨ଟା |
| ବଡ଼ସିଂହାର ଭୋଗ | ୧୨ଟା ୩୦ |
| ମଇଲମ | ୧୨ଟା ୪୫ |
| ଶୟନଠାକୁର ବିଜେ | ରାତି ୧ଟା |
| ରାତ୍ର ପହୁଡ | ଭୋର୍ ୪ଟା |






## ମାଉସୀ ମା'ର ପୋଡ଼ପିଠା ଖାଇଲେ ମହାପ୍ରଭୁ



ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଭୋଜନପ୍ରିୟ। ସେଥିପାଇଁ ତାଙ୍କ ନିକଟରେ ଷାଠିଏ ପଉଟି ଭୋଗ ଏବଂ ଛପନପ୍ରକାର ବ୍ୟଞ୍ଜନର ବ୍ୟବସ୍ଥା ରହିଛି। ତଥାପି ପୋଡ଼ପିଠା ପ୍ରତି ଦାରୁବିଗ୍ରହଙ୍କର ଥାଏ ବିଶେଷ ଅଭିରୁଚି। ପ୍ରତିଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପାଖରେ ପିଠା ଭୋଗ ଲାଗି କରାଯାଏ। ଶନିବାର ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡ଼ିବା ବେଳେ ବାଟରେ ଅଟକି ମାଉସୀ ମା'ର ପୋଡ଼ପିଠା ଖାଇଛନ୍ତି ଦାରୁଦିଅଁ। ପ୍ରଥମେ ତାଳଧ୍ୱଜ ରଥ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିବା ପରେ ବଡ଼ଠାକୁରଙ୍କୁ ପୋଡ଼ପିଠା ସର୍ପମଣୋହି କରାଯାଇଥିଲା। ପରେ ଦେବୀ ସୁଭଦ୍ରା ଏବଂ ଶେଷରେ କାଳିଆ ଠାକୁରଙ୍କ ରଥରୁ ଏକ ଲାଗିମାଳ ଅଣାଯାଇ ଅର୍ଦ୍ଧଶୋଷିନୀଙ୍କୁ ଲାଗି କରାଯାଇଥିଲା। ପରେ ମାଉସୀ ମା' ଘର ପୋଡ଼ପିଠା ଖାଇ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଥିଲେ ଭାବବିନୋଦିଆ। ବଡ଼ଠାକୁର ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ପୋଡ଼ପିଠା ସମର୍ପଣ ପରେ ସନ୍ଧ୍ୟାରେ ମାଉସୀ ମା' ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା ନନ୍ଦିଘୋଷ ରଥ। ପୂଜାପଣ୍ଡା ସାମନ୍ତ ଭୋଗ କରିବା ପରେ ପୂଜକ ବିଶ୍ୱନାଥ ମିଶ୍ର ପୋଡ଼ପିଠା ସମର୍ପି ଦେଇଥିଲେ।







ଚତୁର୍ଦ୍ଧାମୂର୍ତ୍ତିଙ୍କ ବାହୁଡ଼ାବିଜେ: ଲୋକାରଣ୍ୟ ପୁରୀ ବଡ଼ଦାଣ୍ଡ

(ଫଟୋ-ଅନିଲ)

# ଅଣ୍ଟୁନି 'ହରିଶ୍ଚନ୍ଦ୍ର' ସହାୟତା

## ଶବ ସତ୍କାର ପାଇଁ ହୀନସ୍ତା ହେଉଛନ୍ତି ଆତ୍ମୀୟ

ଭୁବନେଶ୍ୱର,୫।୭(ସମିସ): ଶବ ସତ୍କାର ପାଇଁ ୨୦୧୩ରୁ ରାଜ୍ୟ ସରକାର ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ଯୋଗାଇ ଦେଉଛନ୍ତି। ଗ୍ରାମାଞ୍ଚଳରେ ଏଥିପାଇଁ ୩ ହଜାର ଟଙ୍କା ମିଳୁଥିବାବେଳେ ସହରାଞ୍ଚଳରେ ୪ ହଜାର ଟଙ୍କା ମିଳୁଛି। ହେଲେ ଏତିକି ଟଙ୍କାରେ ବର୍ତ୍ତମାନ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଶବ ପୋଡ଼ିବା ସମ୍ଭବ ହେଉନି। ଜଙ୍ଗଲ କାଟିବାରେ ବିଭିନ୍ନ ପ୍ରକାର ଅଙ୍କୁଶ ଲାଗିବା ଯୋଗୁଁ କାଠ ଦାମ୍ ଦିନକୁ ଦିନ ବଢ଼ି ଚାଲିଛି।

### ବର୍ଷକ ଭିତରେ ୫୩ କୋଟି ଖର୍ଚ୍ଚ କରିଛନ୍ତି ସରକାର

ଏଥିସହ ଘିଅ, ବ୍ରାହ୍ମଣ ଖର୍ଚ୍ଚ ଓ ମାଲଭାଇଙ୍କ ଖର୍ଚ୍ଚ ମିଶାଇଲେ ଏହି ଟଙ୍କା ଆଦୌ ଅଣ୍ଟୁନି। ହିନ୍ଦୁ ଧର୍ମାବଲମ୍ବୀ ଲୋକମାନେ ଯେନତେନ ପ୍ରକାରେ ଦାହ, ସଂସ୍କାର କରି ଦେଉଛନ୍ତି। ମାତ୍ର ମୁସଲ୍‌ମାନ ଓ ଖ୍ରୀଷ୍ଟିଆନ୍‌ମାନଙ୍କୁ ଏତିକି ଟଙ୍କା କାଣିଚାଏ ବି ଅଣ୍ଟୁନଥିବା ଜଣାପଡ଼ିଛି। ମୁସଲ୍‌ମାନ ଓ ଖ୍ରୀଷ୍ଟିଆନ୍ ଲୋକମାନଙ୍କ ପାଇଁ ୬ଫୁଟ୍‌ରେ ୪ ଫୁଟ୍‌ର ଗାତ ଖୋଳିବାକୁ ପଡୁଛି। ଏହି ଗାତ ଖୋଳିବାରେ ହିଁ ସରକାର ଦେଉଥିବା ସହାୟତା ଶେଷ ହୋଇଯାଉଛି। ବାକି ପ୍ଲାଏ, ଚାଦର ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଟଙ୍କା ଅଣ୍ଟୁନି। ତେଣୁ ଏହି ସହାୟତା ରାଶି ବଢ଼ାଇବା ପାଇଁ ଦାବି ହେଉଛି।

୨୦୨୩ରେ ଶେଷଥର ପାଇଁ ସରକାର ଏହି ଯୋଜନାର ସହାୟତା ରାଶି ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ୧ହଜାର ଟଙ୍କା ବଢ଼ାଇଥିଲେ। ହେଲେ ଗତ ଦୁଇ ବର୍ଷ ଭିତରେ ବଜାର ଦାମ୍ ହୁ ହୁ ବଢ଼ିବା ଲାଗିଛି। ବିଶେଷକରି କାଠ, ଘିଅ, ପ୍ଲାଏ, ଓ ଅନ୍ୟାନ୍ୟ ସାମଗ୍ରୀର ଦର ବଢ଼ିଛି। ତେଣୁ ସରକାର ଯେତିକି ଟଙ୍କା ବଢ଼ାଇଛନ୍ତି ଏହା ସମୁଦ୍ରକୁ ଶଙ୍ଖେ। ଗରିବ ଲୋକଟିଏ ସମ୍ମାନର ସହ ଶବ ସତ୍କାର କରିବା ପାଇଁ ସରକାର ଏକ ମହତ୍ ଉଦ୍ଦେଶ୍ୟ



ରଖି ଏହି ଯୋଜନା ଆରମ୍ଭ କରିଥିଲେ। କିନ୍ତୁ ବାସ୍ତବରେ ଏହି ଉଦ୍ଦେଶ୍ୟ ସାଧିତ ହୋଇପାରୁନି। ତେଣୁ ସରକାର ଏହାକୁ ଗମ୍ଭୀରତାର ସହ ନେଇ ବିଚାର କରିବାକୁ ସଚେତନ ନାଗରିକ ମହଲରେ ଦାବି ହେଉଛି। ଅନ୍ୟପକ୍ଷରେ ହରିଶ୍ଚନ୍ଦ୍ର ଯୋଜନାରେ ହିନ୍ଦୁ ଧର୍ମାବଲମ୍ବୀ ଲୋକଙ୍କ ପାଇଁ ବିଶେଷ ସୁବିଧା କରାଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ଶବ ସତ୍କାର କଲେ ହରିଶ୍ଚନ୍ଦ୍ର ଯୋଜନାରେ ବିଶେଷ ସୁବିଧା କରାଯାଇଛି। ଯେପରି ପୁରୀ ସ୍ୱର୍ଗଦ୍ୱାରରେ ଶବ ସତ୍କାର କଲେ ଶବ ପହଞ୍ଚିବା ପରେ ଯଦି ହରିଶ୍ଚନ୍ଦ୍ର ସହାୟତା ପାଇବା ପାଇଁ ଯୋଗ୍ୟ ବିବେଚିତ ହେଉଛନ୍ତି ତେବେ ଫର୍ମ ପୂରଣ କରିକି ଦେଇଦେଲେ ସବୁ ସହାୟତା ମାଗଣାରେ ମିଳିଯାଉଛି। ହେଲେ ମୁସଲିମ୍ କି ଖ୍ରୀଷ୍ଟୀୟାନ ଧର୍ମାବଲମ୍ବୀ ଯଦି କେହି ମୃତ୍ୟୁବରଣ କରୁଛନ୍ତି, ତେବେ ତାଙ୍କୁ ପ୍ରଥମେ ନିଜ ହାତରୁ ଅର୍ଥ ଖର୍ଚ୍ଚ କରି ସବୁ କାର୍ଯ୍ୟ କରିବାକୁ ପଡୁଛି। ଏହାପରେ ତାଙ୍କୁ ଫର୍ମ ପୂରଣ କରିକି ଦେଲେ କିଛି ଦିନ ପରେ ସହାୟତା ମିଳୁଛି।

ସେହିପରି ଅଚିହ୍ନା ଶବ ବିଶେକରି ଦୁର୍ଘଟଣା ଆଦିରେ ମିଳୁଥିବା ଶବର ସତ୍କାର ପାଇଁ ରାଜ୍ୟ ସରକାର ଅର୍ଥ ଯୋଗାଇ ଦେଉଛନ୍ତି। ଗତବର୍ଷ ହରିଶ୍ଚନ୍ଦ୍ର ଯୋଜନାରେ ଶବ ସତ୍କାର ପାଇଁ ୧ଲକ୍ଷ ୬୯ହଜାର ପରିବାରକୁ ୫୩ କୋଟି ଟଙ୍କାରୁ ଅର୍ଥ ଅର୍ଥ ଯୋଗାଇ ଦିଆଯାଇଛି। ଅତୀତରେ ରାଜ୍ୟର କେତେକ ସ୍ଥାନରେ ହରିଶ୍ଚନ୍ଦ୍ର ଯୋଜନାରେ ହେରଫେର ନେଇ ଅଭିଯୋଗ ଆସିଥିବା ବେଳେ ଏତେ ସଂଖ୍ୟାରେ ଲୋକଙ୍କ ନିକଟରେ ନିଜର ପ୍ରିୟଜନଙ୍କ ଶବ ସତ୍କାରପାଇଁ ଅର୍ଥ ନଥିବା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ତେବେ ରାଜ୍ୟର ୮୦ ପ୍ରତିଶତରୁ ଅଧିକ ଲୋକଙ୍କର ରାସନକାର୍ଡ ଥିବାରୁ ସେମାନେ ମାଗଣା ଚାଉଳ ପାଇବା ସହିତ ଏହି କାର୍ଡ ସହାୟତାରେ ପ୍ରିୟଜନଙ୍କ ଶବକୁ ହରିଚନ୍ଦ୍ର ଯୋଜନାରେ ସାମିଲ କରି ସରକାରୀ ସହାୟତା ପାଇବାରେ ସଫଳ ହେଉଛନ୍ତି। ତେଣୁ ହରିଶ୍ଚନ୍ଦ୍ର ସହାୟତା ବଢ଼ାଇବା ପାଇଁ ବିଭିନ୍ନ ଧର୍ମାବଲମ୍ବୀ ଲୋକମାନେ ଦାବି କରିଛନ୍ତି।

# ମାଲିରେ ହିଞ୍ଜିଳି ଯୁବକଙ୍କୁ ଅପହରଣ



ବ୍ରହ୍ମପୁର,୫।୭(ସମିସ): ପଶ୍ଚିମ ଆଫ୍ରିକା ମହାଦେଶର ମାଲି ଦେଶରେ ଆତଙ୍କବାଦୀମାନେ ଅପହରଣ କରିନେଇଥିବା ୩ ଭାରତୀୟଙ୍କ ମଧ୍ୟରେ ଓଡ଼ିଶାରୁ ଜଣେ ରହିଛନ୍ତି। ସେ ହେଲେ, ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ସମରଝୋଲ ଗ୍ରାମର ପି. ଭେଙ୍କଟରମଣ (୨୮)। ଏହି ଖବର

### ଥାନାରେ ଏତଲା ଦେଲେ ମା'

ପ୍ରଘଟ ହେବା ପରେ ଭେଙ୍କଟରମଣଙ୍କ ପରିବାରର ଚିନ୍ତା ବଢ଼ି ଯାଇଛି। ପୁଅକୁ ଫେରାଇ ଆଣିବା ପାଇଁ ଶନିବାର ରାତିରେ ମା' ପି. ନାର୍ସାମା ହିଞ୍ଜିଳି ଥାନାରେ ଲିଖିତ ଅଭିଯୋଗ କରିବା ସହ ଭାରତ ସରକାରଙ୍କୁ ନିବେଦନ କରିଛନ୍ତି। ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀନିବାସ ସେଠୀ କହିଛନ୍ତି।

ସୂଚନାନୁଯାୟୀ, ଗତ ନଭେମ୍ବରରେ ଭେଙ୍କଟରମଣ ମାଲିର ଏକ ଘରୋଇ ସିମେଣ୍ଟ କମ୍ପାନୀରେ ନିଯୁକ୍ତି ପାଇଥିଲେ। ଗତ ୩୦ ତାରିଖରେ ତାଙ୍କୁ ସେଠାକାର ପୁଲିସ୍ ଗିରଫ କରିଥିବା ନେଇ ସଂପୃକ୍ତ କମ୍ପାନୀ ପକ୍ଷରୁ ପରିବାର ସଦସ୍ୟଙ୍କୁ ଫୋନ୍ ଯୋଗେ ଜଣାଯାଇଥିଲା। କିନ୍ତୁ ଏହାକୁ ତାଙ୍କ ପରିବାରଲୋକ ସହଜରେ ଗ୍ରହଣ କରିପାରିନଥିଲେ। ତେବେ ପରବର୍ତ୍ତୀ ସମୟରେ ଆତଙ୍କବାଦୀମାନେ ସଂପୃକ୍ତ ସିମେଣ୍ଟ କାରଖାନା ଉପରେ ଆକ୍ରମଣ କରି ୩ ଭାରତୀୟଙ୍କୁ ଅପହରଣ କରିନେଇଥିବା ଗଣମାଧ୍ୟମରୁ ଜାଣିବାକୁ ପାଇଥିଲେ। ଅପହୃତଙ୍କ ମଧ୍ୟରେ ତାଙ୍କ ପୁଅ ଥିବା ଜାଣିବା ପରେ ପରିବାରଲୋକେ ହିଞ୍ଜିଳି ଥାନାରେ ଅଭିଯୋଗ କରିବା ସହ ପୁଅକୁ ଫେରାଇ ଆଣିବାକୁ ଭାରତ ସରକାରଙ୍କୁ ନିବେଦନ କରିଛନ୍ତି।

■ ଚିନ୍ତା ପ୍ରକଟ କଲେ ନବୀନ

# ବ୍ୟକ୍ତିଗତ ହସ୍ତକ୍ଷେପ କରନ୍ତୁ ବୈଦେଶିକ ମନ୍ତ୍ରୀ

ଭୁବନେଶ୍ୱର, ୫।୭ (ସମିସ): ମାଲିରେ ଉଗ୍ରବାଦୀମାନେ ହିଞ୍ଜିଳିକାଟୁ ବ୍ଲକ୍‌ର ପି. ଭେଙ୍କଟରମଣଙ୍କୁ ଅପହରଣ କରିନେବା ଘଟଣାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିନ୍ତା ପ୍ରକଟ କରିଛନ୍ତି। ଏକ ଟୁଇଟ୍‌ରେ ନବୀନ କହିଛନ୍ତି, ଭେଙ୍କଟରମଣଙ୍କ ସହ ତାଙ୍କ ପରିବାରଲୋକ ଯୋଗାଯୋଗ କରିପାରୁନାହାନ୍ତି। ସେମାନେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଏଣୁ କେନ୍ଦ୍ର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏହି ମାମଲାରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବା ସହ ତାଙ୍କର ଶୀଘ୍ର ଏବଂ ନିରାପଦ ମୁକ୍ତି ନିଶ୍ଚିତ କରାନ୍ତୁ ବୋଲି ନବୀନ ଅନୁରୋଧ କରିଛନ୍ତି।

# ତଡୁଥିଲା ପୁଲିସ୍; ଅଟକାଇଲେ ସେବାୟତ



ପୁରୀ,୫।୭(ସମିସ): ରଥଯାତ୍ରା ବିଭ୍ରାଟ ପ୍ରଶାସନକୁ ଘାରିଛି। କର୍ଡନ ଭିତରେ ହଜାର ହଜାର ପାସ୍‌ଧାରୀ ରହିବାରୁ ରଥଟଣାରେ ବିଶୃଙ୍ଖଳା ହେଲା। ତେଣୁ ବାହୁଡ଼ାରେ ଯେପରି ଏହି ବିଭ୍ରାଟର ପୁନରାବୃତ୍ତି ନ ହୁଏ, ସେଥିପାଇଁ ପ୍ରଶାସନ କର୍ଡନ ଭିତରେ ପାସ୍‌ଧାରୀଙ୍କୁ କାଣ୍ଟଛାଣ୍ଟ କରିବାକୁ ଚିନ୍ତା କରିଥିଲା। ଏଥିପାଇଁ ଶନିବାର କର୍ଡନ୍ ଭିତରୁ ନୃତ୍ୟଶିଳ୍ପୀଙ୍କୁ ବାରଣ କରାଯାଉଥିଲା। ବହୁ ଶିଳ୍ପୀ କର୍ଡନ ପାସ୍ ପାଇଥିଲେ ବି ତାଙ୍କୁ ନାଚିବାକୁ ମନା କରାଯାଇଥିଲା। ଏହାକୁ ନେଇ ନୃତ୍ୟଶିଳ୍ପୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନେକ ମନ ଦୁଃଖରେ ଫେରିଯାଉଥିବା ବେଳେ ଏହା ବରିଷ୍ଠ ସେବାୟତ ତଥା ମହାପ୍ରଭୁ ଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ରଙ୍କ ନଜରରେ ପଡ଼ିଥିଲା। ନୃତ୍ୟଶିଳ୍ପୀଙ୍କୁ ବାହାର କରୁଥିବା ମହିଳା ପୁଲିସକୁ ଏପରି ନ କରିବାକୁ କହିଥିଲେ। ଏହା ସତ୍ତ୍ୱେ ସମ୍ପୃକ୍ତ ପୁଲିସ ଅଧିକାରିଣୀ ନୃତ୍ୟଶିଳ୍ପୀଙ୍କୁ ବାହାର କରୁଥିବା ଦେଖି ଉତ୍‌କ୍ଷିପ୍ତ ହୋଇଥିଲେ ଜଗୁନି। ମହିଳା ପୁଲିସକୁ କଡ଼ା ଭାଷାରେ ଆଇପିଏସ୍ ବୋଲି କ'ଣ ଭାବୁଛ, ମୋତେ ଚିହ୍ନିଛ

### ପହଣ୍ଡିରେ ନୃତ୍ୟ କଲେ ଶିଳ୍ପୀ

ବୋଲି କହିବା ସହ ସେମାନେ ମହାପ୍ରଭୁଙ୍କ ପହଣ୍ଡିରେ ନାଚିବା ପାଇଁ କେତେ ଦୂରରୁ ଆସିଛନ୍ତି। ତାଙ୍କୁ ସୁଯୋଗ ଦିଆଯିବା ଦରକାର। ମହାପ୍ରଭୁ ଖୁସି ହେବେ ବୋଲି ସେ କହିଥିଲେ। ପରେ ନୃତ୍ୟଶିଳ୍ପୀମାନେ ପହଣ୍ଡିରେ ନୃତ୍ୟ ପରିବେଷଣ କରିଥିଲେ।

କାଦୁଅରେ ଦବି ଭାଙ୍ଗିଗଲା ରଥ ଚକ

# କାନ୍ଧରେ ବୁହା ହୋଇ ମନ୍ଦିର ଗଲେ ମହାପ୍ରଭୁ





କେନ୍ଦୁଝର,୫।୭(ସମିସ): କାଦୁଅ ରାସ୍ତାରେ ଦବିଯାଇ ଭାଙ୍ଗିଗଲା ଚକ। ଆଉ ଆଗକୁ ଗଡ଼ିପାରିଲାନି ରଥ। ତେଣୁ ମହାପ୍ରଭୁଙ୍କୁ କାନ୍ଧେଇ କାନ୍ଧେଇ ମନ୍ଦିରକୁ ବୋହିଲେ ଭକ୍ତ। କେନ୍ଦୁଝର ଜିଲ୍ଲା ଯୋଡ଼ା ଅଞ୍ଚଳରେ ଆଜି ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ରାସ୍ତା ଖରାପ ଯୋଗୁଁ ମହାପ୍ରଭୁ କାଳିମାଟି ଜଗନ୍ନାଥ ମନ୍ଦିରକୁ ରଥରେ ବାହୁଡ଼ି ପାରିନାହାନ୍ତି।

ସୂଚନାନୁଯାୟୀ, ପ୍ରତିବର୍ଷ ରଥଯାତ୍ରାରେ କାଳିମାଟି ଜଗନ୍ନାଥ ମନ୍ଦିରରୁ ଚତୁର୍ଦ୍ଧା ବିଗ୍ରହ ଦବୁନା କ୍ୟାମ୍ପ ପର୍ଯ୍ୟନ୍ତ ଯାଇ ବାହୁଡ଼ାରେ ଫେରିଥା'ନ୍ତି। ଆଜି ବାହୁଡ଼ା ଅବସରରେ ଭକ୍ତମାନେ ମହାପ୍ରଭୁଙ୍କୁ ମନ୍ଦିରକୁ ବାହୁଡ଼ାଇ ଆଣୁଥିବା ବେଳେ ବିପର୍ଯ୍ୟସ୍ତ ରାସ୍ତା ଯୋଗୁଁ ବାଟରେ ରଥର ଚକ କାଦୁଅରେ ଦବିଯିବା ସହ ଭାଙ୍ଗି ଯାଇଥିଲା। ଫଳରେ ରଥ ଆଉ ଆଗକୁ ବଢ଼ି ପାରିନଥିଲା। ତେଣୁ, ଅନ୍ୟୋନପାୟ ହୋଇ ଭକ୍ତମାନେ ମହାପ୍ରଭୁଙ୍କୁ କାନ୍ଧେଇ କାନ୍ଧେଇ ମନ୍ଦିରକୁ ଆଣିଥିଲେ। ଏହି ଘଟଣାରୁ, ଖଣି ଅଞ୍ଚଳର ରାସ୍ତାଘାଟ ଅବସ୍ଥା କିପରି ତାହା ସ୍ପଷ୍ଟ ବାରି ହୋଇପଡୁଛି। ରାସ୍ତାର ରକ୍ଷଣାବେକ୍ଷଣ ପ୍ରତି କାହାର ଉତ୍ତରଦାୟିତ୍ୱ ନଥିଲା ପରି ମନେ ହେଉଛି। ରାସ୍ତାଟିର ଏଭଳି ଅବସ୍ଥା ଦେଖି ଲୋକେ ଦୁଃଖ ବ୍ୟକ୍ତ କରୁଥିବା ବେଳେ ଆଉ କେତେ ଦିନ ରାସ୍ତା ଅବସ୍ଥା ରହିବ ବୋଲି ପ୍ରଶ୍ନ ହେଉଛି।

# ଅନିଶ୍ଚିତତାରେ ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର

## କେନ୍ଦ୍ରର କଠୋର ସର୍ତ୍ତ ପରେ ରାଜ୍ୟରେ ଉଦ୍‌ବେଗ

ଭୁବନେଶ୍ୱର,୫।୭(ସମିସ): ପୁରୀରେ ବହୁପ୍ରତୀକ୍ଷିତ ବିମାନ ବନ୍ଦର ପ୍ରତିଷ୍ଠା ନେଇ କେନ୍ଦ୍ର ପରିବେଶ ମନ୍ତ୍ରାଳୟର ପରାମର୍ଶଦାତା କମିଟି କଠୋର ସର୍ତ୍ତ ରଖିବା ପରେ ଏହାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ପୁରୀକୁ ଗ୍ରୀନଫିଲ୍ଡ ବିମାନ ବନ୍ଦର ବାବେ ଗଢ଼ିତୋଳିବା ପାଇଁ ଗତ ମେ ୬ ତାରିଖରୁ କେନ୍ଦ୍ର ସରକାର ନୀତିଗତ ଅନୁମୋଦନ ଦେଇଥିଲେ ହେଁ ପରିବେଶ ମନ୍ତ୍ରାଳୟ ଏଥିରେ କେଁ ପୂରାଇଛି। ଫଳରେ ବିମାନ ବନ୍ଦରର ଭାଗ୍ୟକୁ ନେଇ ଅନିଶ୍ଚିତତା ଦେଖା ଦେଇଥିବା ବେଳେ ଉଭୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ ଦଳ। ବିଜେଡି ଉଦବେଗ ପ୍ରକାଶ କରିଥିବା ବେଳେ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟ ମଞ୍ଜୁରୀ ଖୁବଶୀଘ୍ର ମିଳିଯିବ ବୋଲି ଆଶା ପ୍ରକଟ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ମାସ ୨୪ ତାରିଖରେ କେନ୍ଦ୍ର ପରିବେଶ ମନ୍ତ୍ରାଳୟର ପରାମର୍ଶଦାତା କମିଟି ବୈଠକ ହୋଇଥିଲା। ଏଥିରେ ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପୁରୀ ଉପକୂଳ, ବନ୍ୟପ୍ରାଣୀ, ଜୈବବିବିଧତା ଏବଂ ପ୍ରାକୃତିକ ପରିବେଶ ଗଭୀର ଭାବେ ପ୍ରଭାବିତ ହେବ ବୋଲି କମିଟି ସଦସ୍ୟ ଉଦବେଗ ପ୍ରକାଶ କରିଥିଲେ। ଏନେଇ ସେମାନେ ରାଜ୍ୟ ସରକାରଙ୍କଠାରୁ କିଛି ନିର୍ଦ୍ଦିଷ୍ଟ ଅତିରିକ୍ତ ସୂଚନା ମାଗିଥିବା ଜଣାପଡ଼ିଛି।

ବିଜେଡିର ବରିଷ୍ଠ ବିଧାୟକ କ୍ୟାପ୍ଟେନ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ ପୁରୀରେ ବିମାନବନ୍ଦର ହେବା ଅତ୍ୟନ୍ତ ଜରୁରୀ ଅଟେ। କଳାହାଣ୍ଡିରେ ଉତ୍କେଳା ଏୟାରପୋର୍ଟ ହେବା ପରେ ଗୋଟେ ଅଞ୍ଚଳର ପରିଭାଷା ବଦଳି ଗଲା। ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ହେଲେ ପୂରା ବିଶ୍ୱରୁ ଲୋକେ ପୁରୀରେ ସହଜରେ ପହଞ୍ଚିବାକୁ ଥିବାବେଳେ ଆମର ପରମ୍ପରା ବିଶ୍ୱବ୍ୟାପୀ ହେବ।

■ ଆଲୋଚନା ମାଧ୍ୟମରେ ସମାଧାନ କରନ୍ତୁ ସରକାର: ବିଜେଡି
■ ବିଜେପିର ଦୃଢ଼ୋକ୍ତି, ଡବଲ ଇଞ୍ଜିନ ସରକାରରେ କିଛି ବାଧକ ସାଜିବ ନାହିଁ

ଓଡ଼ିଶାର ମାନଚିତ୍ର ପୁରା ବିଶ୍ୱରେ ପ୍ରକାଶିତ ହେବ। ପ୍ରକଳ୍ପ କାର୍ଯ୍ୟନ୍ୱୟନରେ ଯାହା ବାଧା ଆସୁଛି ସେ ବିଷୟରେ ଆମେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରି ସମାଧାନର ବାଟ ବାହାର କରିବା ଉଚିତ। ଅନେକ ଅନ୍ତର୍ଜାତୀୟ ବିମାନବନ୍ଦର ସମୁଦ୍ର କୂଳରେ ହୋଇଛି ଆଉ କିଛି ସମୁଦ୍ର ଭିତରେ ହୋଇଛି। କେନ୍ଦ୍ର ଯଦି ପୁରୀରେ ବିମାନବନ୍ଦର ନ କରିବ ଏବଂ ଜଗନ୍ନାଥ ସଂସ୍କୃତିର ବିକାଶରେ ପ୍ରତିବନ୍ଧକ ହେବ ସେ ସରକାରର ପତନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ସେପଟେ ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ କେନ୍ଦ୍ରର ଡବଲ ଇଞ୍ଜିନ ସରକାର ଓଡ଼ିଶାକୁ ଡବଲ ଧକ୍କା ଦେଇଛି। ସବୁ କ୍ଷେତ୍ରରେ ଓଡ଼ିଶାକୁ ଲୁଟିଛନ୍ତି।

ଅନ୍ୟପକ୍ଷରେ ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଦାସ କହିଛନ୍ତି ପୁରୀରେ ସାଢେ ଚାରି କୋଟି ଓଡିଆଙ୍କ ଦେବତା ଅଛନ୍ତି। ପୁରୀରେ ଏୟାର ପୋର୍ଟ ହେବ। କେନ୍ଦ୍ର ସରକାର ପାଖରେ ନିଶ୍ଚିତ ଭାବରେ ଆମେ ଦାବି ରଖିବୁ। ବିମାନ ବନ୍ଦର ପ୍ରତିଷ୍ଠା ଦିଗରେ ଯାହା ବାଧକ ସାଜୁଛି ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହ ବସି ଆଲୋଚନା କରିବେ। ଆମର ଡବଲ ଇଞ୍ଜିନ ସରକାର ଅଛି। କୌଣସି ଜିନିଷରେ ବାଧକ ସାଜିବ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ପରିବେଶ ମନ୍ତ୍ରଣାଳୟର ଜଙ୍ଗଲ ପରାମର୍ଶଦାତା କମିଟି ଓଡ଼ିଶାର ପୁରୀରେ ପ୍ରସ୍ତାବିତ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ମଞ୍ଜୁରୀକୁ ସ୍ଥଗିତ ରଖିଛି। ଏହା ଅଲିଭ୍ ରିଡଲେ କଇଁଛ, ଡଲଫିନ୍ ଏବଂ ପ୍ରବାସୀ ପକ୍ଷୀଙ୍କ ପାଇଁ ସମ୍ଭାବ୍ୟ କ୍ଷତି ଏବଂ ଉପକୂଳକୁ ବାତ୍ୟା ଠାରୁ ସୁରକ୍ଷା ଦେଉଥିବା ୧୩,୦୦୦ ଗଛ ନଷ୍ଟ ହେବାର ପ୍ରଭାବ ବିଷୟରେ ଏହାର ଆଞ୍ଚଳିକ କାର୍ଯ୍ୟାଳୟର ଚିନ୍ତାକୁ ଉଦ୍ଧୃତ କରିଛି।



# ଜନ୍ମବେଦୀରୁ ବାହୁଡ଼ିଲେ ତିନି ଠାକୁର






ବଲାଙ୍ଗିର, ୫।୭ (ସମିସ)

## ବଲାଙ୍ଗିର ସହର

ବଲାଙ୍ଗିରର ସହରର ବିଭିନ୍ନ ପୀଠରେ ବାହୁଡା ଯାତ୍ରା ଆଡମ୍ବର ସହ ସମାପନ ହୋଇଛି। ନିଜ ମନ୍ଦିରରୁ ତିନି ଠାକୁର ମାଉସୀ ମା'ମନ୍ଦିରକୁ ଯାଇ ଲିଳାଖେଳା କରିବା ପରେ ନିଜ ମନ୍ଦିରକୁ ଫେରିଛନ୍ତି। ବଲାଙ୍ଗିର ସହରର ବିଭିନ୍ନ ସ୍ଥାନରେ ବେଶ ଉତ୍ସାହର ସହ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିଲା। ସୂଚନା ଅନୁସାରେ ଦୋବୋତ୍ତର ବିଭାଗ ଅଧିନରେ ଥିବା ଗୋପାଳଜୀ ମନ୍ଦିରରୁ ମହାପ୍ରଭୁ ରାଧାରାଣୀପଡ଼ା ମାଉସୀ ମା'ମନ୍ଦିରରୁ ବାହୁଡା ଯାତ୍ରାରେ ସେ ଗୋପାଳଜୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେହିପରି ଜଗନ୍ନାଥପଡ଼ାରେ ଥିବା ଜଗନ୍ନାଥ ମନ୍ଦିରର ତିନି ଠାକୁର ଟିକ୍ରାପଡ଼ା ପୂଜା ମଣ୍ଡପରେ ଦଶାବତାରରେ ଦର୍ଶନ ଦେବା ପରେ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରାମଜୀପଡ଼ା ଠାରେ ଥିବା ରାମ ମନ୍ଦିରରୁ ଠାକୁର ସାହାଣୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଡେଲିମାର୍କେଟ ରାମ ମନ୍ଦିରରୁ ଚାନ୍ଦ ମନ୍ଦିରକୁ ତିନି ଠାକୁର ଫେରିଆସିଛନ୍ତି। ସେହିପରି ବଲାଙ୍ଗିର ଶୈଲେଶ୍ରୀ ପ୍ୟାଲେସରେ ଥିବା ମନ୍ଦିରର ଠାକୁର ମାଲପଡ଼ା ରାମାସ୍ୱାମୀ ମନ୍ଦିରକୁ ଘୋଷଯାତ୍ରା ସମୟରେ ଆସିଥିବା ବେଳେ ବାହୁଡା ଯାତ୍ରାରେ ପୁଣି ପ୍ୟାଲେସରେ ଥିବା ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହା ବ୍ୟତୀତ ସହରର ବିଭିନ୍ନ ପଡ଼ାରେ ଅନୁଷ୍ଠିତ ହେଉଥିବା ବାହୁଡା ଯାତ୍ରାକୁ ନେଇ ଲୋକଙ୍କ ଉତ୍ସାହ ଦେଖିବାକୁ ମିଳିଥିଲା। ରଥାରୂଢ ତିନି ଠାକୁରଙ୍କ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ବହୁ ଭିଡ ହୋଇଥିଲା। ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।




## ମଣ୍ଡଳ ଗାଁ

**ବେଲପଡ଼ା:** ବଲାଙ୍ଗିର ଜିଲ୍ଲା ମଣ୍ଡଳ ଗାଁରେ ଥିବା ସର୍ବପୁରାତନ ଜଗନ୍ନାଥ ମନ୍ଦିରରେ ବିଗ୍ରହ ମାନଙ୍କ କଲକୀ ଅବତାର ସହ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ପ୍ରଭୁଙ୍କ ପହଣ୍ଡି ବିଜେ କରାଇ ରଥରୂଢ ହୋଇଥିଲେ ତିନି ଠାକୁର। ବାହୁଡା ଯାତ୍ରା ବେଳେ ସଂକୀର୍ତ୍ତନ, ଘୁମୁରା, ଘଣ୍ଟବାଦ୍ୟ ସହ ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହେଇ ଉଠିଥିଲା ସହର। ଦେବୋତ୍ତର ବିଭାଗ ପକ୍ଷରୁ ରଥ ଯାତ୍ରା କାର୍ଯ୍ୟ ତଦାରଖ କରାଯାଇଥିଲା। ଏଥିରେ ସଭାପତି ରଥାଙ୍ଗ ପାଢ଼ୀ, ଉପ ସଭାପତି ଚିନ୍ତାମଣି ପାଢ଼ୀ, ଜୟକୃଷ୍ଣ ବଗର୍ତ୍ତୀ, ଘୋଷକ ଭାବେ ବୁଲୁ ବଗର୍ତ୍ତୀ, ପୂଜକ କୃପାସିନ୍ଧୁ ଖମାରି, ରସରାଜ ଠାକୁର ଥିବାବେଳେ ଛେରାପହଁରା ନିଗମାନନ୍ଦ ଠାକୁର, ସାଇଦାସ ହୋତା କରିଥିଲେ।ପ୍ରଭାସ ଅଗସ୍ତି ଓ ସୁଧୀର ଖମାରି, ବଣ୍ଟି ପୁରୋହିତ, ମଦନମୋହନ ଠାକୁର, ବିଭୀଷଣ ଦାନୀ, ଭୋଳାନାଥ ବଗର୍ତ୍ତୀ ପ୍ରଦୀପ ନାଏକ, ଗୋବିନ୍ଦ ପାଢ଼ୀ, ରାଜ ସାହୁ, ବିନୋଦ ଠାକୁର, ପ୍ରମୁଖ ସହଯୋଗ କରିଥିଲେ।



## ଲୋଇସିଂହା

**ଲୋଇସିଂହା:** ବଲାଙ୍ଗିର ଜିଲ୍ଲା ଲୋଇସିଂହାରେ ୧୦୦ତମ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଘୋଷଯାତ୍ରା ସମୟରେ ତିନି ଠାକୁରଙ୍କୁ ଜଗନ୍ନାଥ, ସୁଭଦ୍ରା ଓ ଭଳଭଦ୍ର ରଥାରୁଢ ହୋଇ ଦୈନିକ ବଜାରରେ ଥିବା ମାଉସୀ ମନ୍ଦିରକୁ ନିଆଯାଇଥିଲା। ସେଠାରେ ଦଶାବତାର ଧାରଣ କରିବା ପରେ ଶନିବାର ତିନି ଠାକୁର ପୁଣି ନିଜ ମନ୍ଦିରକୁ ବାହୁଡିଛନ୍ତି। ମନ୍ଦିର ପରିଚାଳନା କମିଟି, ରଥଯାତ୍ରା ସମନ୍ୱୟ କମିଟିର ମିଳିତ ଉଦ୍ୟମରେ ପୂଜକ ସୁଧାଂଶୁ ଶେଖର ପାଣ୍ଡିଆଙ୍କ ପୌରୋହିତ୍ୟରେ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। ଶିବ ନାରାୟଣ ହୋତା, ବୃନ୍ଦାବନ ପାଢ଼ୀ, ବିମଳ ଚରଣ ହୋତା, ଶଙ୍କର ବେଜ, ଦିନବନ୍ଧୁ ନାୟକ, ବୀରେନ୍ଦ୍ର ହୋତା, ବିଜୟ ପାଢ଼ୀ, ବୈଲୋଚନ ପୁରୋହିତ, ଦାମୋଦର ଖମାରୀ, ଦେବବ୍ରତ ହୋତା, ଶ୍ରୀବନ୍ତ ପାଢ଼ୀ, ପ୍ରଶାନ୍ତ ପାଢ଼ୀ, ଅଭିଳାଷ ହୋତା, ରଶ୍ମୀରଞ୍ଜନ ହୋତା, ସୁଶାନ୍ତ ପାଢ଼ୀ, ଗୋଲାପ ପଣ୍ଡା, ଅଭିଷେକ ଖମାରୀ, ଅଖିଲେଶ ଖମାରୀ ପ୍ରମୁଖ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡିରେ ସାମିଲ ହୋଇଥିଲେ। ସ୍ଥାନୀୟ ଜମିଦାର ପରିବାରର ସଦସ୍ୟମାନେ ମଧ ପହଣ୍ଡିରେ ଉପସ୍ଥିତ ରହିଥିଲେ।ବାହୁଡା ଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ରବିବାର ତିନି ଠାକୁରଙ୍କ ସୁନାବେଶ ରଥ ଉପରେ ଅନୁଷ୍ଠିତ ହେବ। ସୁନାବେଶ ସରିବା ପରେ ଠାକୁରଙ୍କୁ ମନ୍ଦିର ବିଜେ ଅନୁଷ୍ଠିତ ହେବ।

## ବାହୁଡ଼ାରେ ପ୍ରସାଦ ବଣ୍ଟନ

**କଣ୍ଟାବାଞ୍ଜି:** କଣ୍ଟାବାଞ୍ଜି ବ୍ରାହ୍ମଣ ସମାଜ ପକ୍ଷରୁ ବାହୁଡା ଅବସରରେ ପ୍ରସାଦ ବଣ୍ଟନ ହୋଇଥିଲା। ସ୍ଥାନୀୟ ମାଉସୀ ମନ୍ଦିର ମୁଖ୍ୟ ରାସ୍ତା ପାର୍ଶ୍ୱରେ ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା।ସଭାପତି ଚିନ୍ମୟ କୁମାର ଯୋଶୀ, ଉପସଭାପତି ବିଜୟ କୁମାର ମିଶ୍ର, ସମ୍ପାଦକ ସରୋଜ କୁମାର ପଣ୍ଡା, ସହ ସମ୍ପାଦକ ଜୟବ୍ରତ ସାହୁ, କୋଷଦକ୍ଷ ଜନାର୍ଦ୍ଦନ ଠାକୁର, ସହ କୋଷଦକ୍ଷ ପ୍ରତ୍ୟୁଷ ପାଣିଗ୍ରାହୀ, ଆଇନ ପରାମର୍ଶଦାତା ପ୍ରଫୁଲ ନାୟକ, ବରିଷ୍ଠ ସଦସ୍ୟ ବ୍ରଜଶ୍ୟାମ ଗୁରୁ, ମନୋଜ ଠାକୁର, ସଞ୍ଜୟ ପଣ୍ଡା, କାହ୍ନୁ ଚରଣ ମିଶ୍ର, ହରିହର ଠାକୁର, ମୋହନ ଖମାରୀ ପ୍ରମୁଖ ସାମିଲ ଥିଲେ।



ଦେଓଗାଁ ବ୍ଲକ୍ ସାଲେପାଲିରେ ବାହୁଡ଼ା ଅବସରରେ ମାଉସୀ ମା'ମନ୍ଦିରରେ ଶୀଜୀଉଙ୍କ କଲ୍‌କୀ ଅବତାର ବେଶ

# ଘରୋଇ ବ୍ୟବସାୟୀଙ୍କ ଠାରୁ ବିହନ କିଣି ଫସିଲେ ଚାଷୀ

**ଟିଟିଲାଗଡ଼, ୫।୭ (ସମିସ):** ଦାଦନ ପ୍ରବଣ, ଜଳସେଚନ ବିହୀନ ଟିଟିଲାଗଡ଼ ଅଞ୍ଚଳର ଘରୋଇ ବିହନ ସାର, ଔଷଧ କମ୍ପାନୀଙ୍କ ଦବଦବା ସର୍ବଦା ଚର୍ଚ୍ଚାର ବିଷୟ ହୋଇ ଆସିଥିବା ସହ ଚାଷୀ ପରିବାରଙ୍କୁ ତଳିତଳାନ୍ତ କରିଚାଲିଥିବା ଅଭିଯୋଗ ହୋଇଆସିଛି। ସମ୍ପ୍ରତି ଟିଟିଲାଗଡ଼ ବ୍ଲକ ଦେଶିଲଗ୍ରାମର ଅନେକ ଚାଷୀ ଧାନ ବିହନ ଘରୋଇ ବ୍ୟବସାୟୀଙ୍କ ଠାରୁ କ୍ରୟ କରିଥିବା ବେଳେ ପ୍ରାୟ ମାସଟିଏ ପରେ ମଧ ଧାନ ଗଜା ହେଉନଥିବା ଅଭିଯୋଗ ହୋଇଛି। ଟିଟିଲାଗଡ଼ ସ୍ଥିତ ହିନ୍ଦୁସ୍ତାନ ସିଡ଼ସ ଦୋକାନରୁ ଚାଷୀ ଧାନ ବିହନ କ୍ରୟ କରିଛନ୍ତି। ଚାଷୀ ପରିବାରର ରୀନା ମାଝୀ, ଗେଲ ଜାଲ, ଭିକାରୀ ନାଗ ପ୍ରମୁଖ ଅନେକ ଚାଷୀ ୨୦ କିଲୋଗ୍ରାମ ବିଶିଷ୍ଟ ବସ୍ତାକୁ ୧୦୨୦ ଧାନ ବିହନ କିଣିଥିବା ବେଳେ ପ୍ରାୟ ମାସ ଟିଏ ପରେ ମଧ ଧାନ ଗଜା ହୋଇନଥିବା ଅଭିଯୋଗ କରିଛନ୍ତି। ଗ୍ରାମର ଈଶ୍ୱର ଜାଲ ୨୦ କିଲୋଗ୍ରାମର ଧାନ ବିହନ ବସ୍ତା ପିଛା ୧୦୨୦ ଟଙ୍କା ଗଣି ୭ ବସ୍ତା ଧାନ କ୍ରୟ କରିଥିଲେ, ପ୍ରସନ୍ନ ମାଝୀ ୫ ପାକିଟ ଧାନ କ୍ରୟ କରିଥିଲେ, ଭିକାରି ନାଗ ୭ ବସ୍ତା ଧାନ କ୍ରୟ କରିଥିଲେ, ହେଲେ ଗଜା ହେଲା ନାହିଁ। ପ୍ରାଥମିକ କୃଷି ସମବାୟ ସମିତି ଗୁଡିକୁ ଅଣଦେଖା କରି ବିହନ ବିକ୍ରୟ ବ୍ୟବସ୍ଥା ଘରୋଇ ବ୍ୟବସାୟୀଙ୍କ ହାତରେ ନ୍ୟସ୍ତ କରିବା



ଫଳରେ ସମସ୍ୟା ଉପୁଜିଲା ବୋଲି ଟିଟିଲାଗଡ଼ କୃଷକ ସଂଘର୍ଷ ଅଭିଯାନ ସମିତି ଆବାହକ ବାଲକୃଷ୍ଣ ଷାଣ୍ଢ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଗ୍ରାମର ଚାଷୀଙ୍କ ଅଭିଯୋଗ ନେଇ କୌଣସି ପ୍ରଶାସନିକ ଅଧିକାରୀ ଗସ୍ତ କରି ନଥିବା ସନ୍ଦେହ ସୃଷ୍ଟି କରିଛି। ଅନ୍ୟପକ୍ଷରେ ପ୍ରମାଣ ନଷ୍ଟ କରିବା ପାଇଁ ଉକ୍ତ ବିହନ ଉତ୍ପାଦକ କମ୍ପାନୀର କର୍ମଚାରୀ ଗ୍ରାମରେ ଘର ଘର ବୁଲି ସେମାନଙ୍କ କମ୍ପାନୀର ନାମ ମୁଦ୍ରିତ ଥିବା ଖାଲି ଧାନ ବସ୍ତା ନାନାଦି ଫନ୍ଦି କରି ବୋହି ନେଇଯାଇଥିବା ଜଣାପଡ଼ିଛି। ଏସମ୍ପର୍କରେ ପୂର୍ବରୁ ଟିଟିଲାଗଡ଼ କୃଷି ବିଭାଗ ଏଏଓ ରୀତିକ ରାୟଙ୍କୁ ଗ୍ରାମବାସୀ ଅବଗତ କରିଥିଲେ ହେଁ ଅଦ୍ୟାବଧି ସେ ସରଜମିନ ତଦନ୍ତ ନକରିବା ସନ୍ଦେହ ହୋଇଛି। ମୁଖ୍ୟମନ୍ତ୍ରୀ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ଏନେଇ ବିହନ ଉତ୍ପାଦକ କମ୍ପାନୀ ହିନ୍ଦୁସ୍ତାନ ସିଡ଼ସର ମାଲିକ ସନ୍ତୋଷ କେଜ୍ରିୱାଲ ଠିକ ଅଛି ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏନେଇ ଟିଟିଲାଗଡ଼ କୃଷି ବିଭାଗ ଏଏଓ ରୀତିକ ରାୟଙ୍କୁ ପଚାରିବାରୁ ହିନ୍ଦୁସ୍ତାନ ସିଡ଼ସ କମ୍ପାନୀର ଧାନ ବିହନ ପରୀକ୍ଷା ପାଇଁ ପଠାଯାଇଛି। ଖୁବ ଶୀଘ୍ର କ୍ଷେତ୍ର ପରିଦର୍ଶନ ସହ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।

# ବରିଷ୍ଠ କଂଗ୍ରେସ କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ

**ଦେଓଗାଁ, ୫।୭ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ କୁତୁର୍ଲା ପଞ୍ଚାୟତର ବରିଷ୍ଠ କଂଗ୍ରେସ କର୍ମୀ ବଳରାମ ନାୟକଙ୍କୁ ଶନିବାର ଜଣେ ଦୁର୍ବୃତ୍ତ କୁତୁର୍ଲା କଲେଜ ନିକଟରେ ମାରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନାନୁସାରେ



ଶନିବାର ପ୍ରାୟ ୯ଟା ସମୟରେ ବଳରାମ ଏକ ବାଇକ୍‌ରେ ସ୍ଥାନୀୟ କଲେଜ ନିକଟରେ ବସୁଥିବା ସାପ୍ତାହିକ ବଜାରକୁ ଆସୁଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ଗ୍ରାମର ଜଣେ ଯୁବକ କାଠବାଡିରେ ମୁଣ୍ଡରେ ଆକ୍ରମଣ କରିଥିଲା। ଫଳରେ ବଳରାମ ତଳେପଡ଼ିଯାଇଥିଲେ। ମୁଣ୍ଡଫାଟି ଗଭୀର ଆଘାତ ହେବାସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ନିକଟକେ ଥିବା କିଛିଲୋକ ତୁରନ୍ତ ଦେଓଗାଁ ଗୋଷ୍ଠି ଚିକିତ୍ସାଳୟକୁ ନେଇ ପ୍ରାଥମିକ ଚିକିତ୍ସା କରାଇଥିଲେ। ପରେ ଡାକ୍ତର ବଲାଙ୍ଗିର ସ୍ଥାନାନ୍ତରପାଇଁ ପରାମର୍ଶ ଦେବାରୁ ବଲାଙ୍ଗିର ଭୀମଭୋଇ ମେଡିକାଲକୁ ନେଇ ଚିକିତ୍ସା କରାଯାଉଛି। ବଳରାମଙ୍କ ଅଭିଯୋଗକୁ ଆଧାରକରି ଦେଓଗାଁ ପୁଲିସ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିଥିବା ବେଳେ ରବିବାର କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ଦେଇଛନ୍ତି।

# ରାଣୀପୁର-ଝରିଆଲ ଉନ୍ନତି ନେଇ ଆଲୋଚନା




**କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା, ୫।୭ (ସମିସ):** ବଲାଙ୍ଗିର ଜିଲ୍ଲାର ସର୍ବପ୍ରାଚୀନ ଐତିହାସିକ ଧରୋହର ରାଣୀପୁର ଝରିଆଲର ଗୌରବ ଫେରାଇ ଆଣିବାକୁ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ସରକାର ଏହାକୁ ପ୍ରସାଦ ଯୋଜନାରେ ସାମିଲ କରି ଉନ୍ନତି ଓ ବିକାଶ କରିବା ପାଇଁ କମିଟି ଗଠନ କରାଯାଇଥିଲା। ଏହାକୁ ନେଇ ଓଡ଼ିଶା ପର୍ଯ୍ୟଟନ କମିଶନରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଙ୍କ କନଫରେନ୍ସ ହଲ୍‌ରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରଥମ ଆଭାସୀ ମାଧ୍ୟମରେ ହୋଇଥିବା ପ୍ରସ୍ତାବ ଗୁଡ଼ିକର ତିଆରି ହୋଇଥିବା ଡିପିଆରକୁ ଛାୟା ଚିତ୍ର ମାଧ୍ୟମରେ ଦେଖାଇ ତାର ରୂପରେଖ କେମିତି ହେବ ତା ଉପରେ ଦାୟୀତ୍ୱରେ ଥିବା ଆର୍କିଟେକ ସ୍ୱାଗତ ଜେନା ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଭାସୀ ମାଧ୍ୟମରେ ବଲାଙ୍ଗିର ସାଂସଦ ସଂଗିତା ସିଂହଦେଓ, ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶୀବାଜୀ ଇସଲୱାର, ଉପଜିଲ୍ଲାପାଳ ରେହାନ ଖେତ୍ରୀ, ବିଡ଼ିଓ ବାସନ୍ତୀ ସେଠୀଙ୍କ ସହ ବହୁ ପ୍ରଶାସନିକ ଅଧିକାରୀ ଥିଲେ। ସେହିପରି ଭାବେ ଓଡ଼ିଶା ପର୍ଯ୍ୟଟନ ବିଭାଗର କନଫରେନ୍ସ ହଲ୍‌ରେ କମିଶନରଙ୍କ ସହ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ରାଣୀପୁର ଝରିଆଲ ମନ୍ଦିର ଟ୍ରଷ୍ଟ କମିଟିର ଆବାହକ ଅନିଲ କୁମାର ତ୍ରିପାଠୀ, ଝରିଆଲ ସରପଞ୍ଚ ଭରଦ୍ୱାଜ ଗହୀର, ସିନ୍ଧେକେଲା ସମିତି ସଭ୍ୟ ଭୋଲାନାଥ ବେହେରା, ଅଲଣ୍ଡା ପଞ୍ଚାୟତ ପୂର୍ବ ସରପଞ୍ଚ ଅର୍ଜୁନ ଯାଦବ, ହେମନ୍ତ ସାହୁ, ସୁଶାନ୍ତ ଥନାପତୀ, ରାକେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବୁଢ଼ୀବାହାଲ ଗାଁରେ ଚାରାରୋପଣ

**ଖପ୍ରାଖୋଲ, ୫।୭ (ସମିସ):** ବଲାଙ୍ଗିର ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ବୁଢ଼ୀବାହାଲ ଗ୍ରାମର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଓ ସଚେତନତା ସଭା ପ୍ରଧାନଶିକ୍ଷକ ବୃନ୍ଦାବନ ଧରୁଆଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସହକାରୀ ବନ ସଂରକ୍ଷକ ତଥା ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ମୁଖ୍ୟ ବକ୍ତା ଭାବେ ପରିବେଶ କର୍ମୀ ଅଭୟ ତ୍ରିପାଠୀ, ସମ୍ମାନୀତ ଅତିଥି ଭାବେ ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ଧଣ୍ଡାମୁଣ୍ଡା ବନପାଳ ଇନ୍ଦ୍ରମଣି ବେହେରା, ଓଡ଼ିଆପାଲି ପଞ୍ଚାୟତ ନାଏବ ସରପଞ୍ଚ ଗୌରୀ ଖୁଆସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉମାକାନ୍ତ ପୁଟେଲ, ଗାଁ କମିଟି ସଭାପତି ପ୍ରଦ୍ୟୁମ୍ନ ସାହୁ, ଇନ୍ଦ୍ରମଣି ସାହୁ ଯୋଗଦେଇଥିଲେ। ପରିବେଶ ସୁରକ୍ଷା ପାଇଁ ସମସ୍ତେ ଗଛ ଲଗାଇବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅତିଥିମାନେ ଚାରାରୋପଣ କରିଥିବା ବେଳେ ବନ ବିଭାଗ ତରଫରୁ ସବୁଜ ରଥ ମାଧ୍ୟମରେ ଚାରା ବଣ୍ଟନ କରାଯାଇଥିଲା।

# ସ୍ୱେଚ୍ଛାକୃତ ଅବସର ପାଇଁ ରାଜେନ୍ଦ୍ର ନାରାୟଣ ବିଶ୍ୱବିଦ୍ୟାଳୟ ଭିସିଙ୍କ ଆବେଦନ

**ବଲାଙ୍ଗିର, ୫।୭ (ସମିସ):** ବଲାଙ୍ଗିର ରାଜେନ୍ଦ୍ର ନାରାୟଣ ବିଶ୍ୱବିଦ୍ୟାଳୟର କୁଳପତି ଉମାବଲ୍ଲଭ ମହାପାତ୍ର ସ୍ୱାସ୍ଥ୍ୟଗତ କାରଣ ଦେଖାଇ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଥିବା ଜଣାପଡ଼ିଛି। ଗୋଟିଏ ପଟେ ହଷ୍ଟେଲ ଫି ବୃଦ୍ଧିକୁ ନେଇ ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖାଦେଇଥିବା ବେଳେ ହଠାତ କୁଳପତିଙ୍କ ଅବସର ଆବେଦନକୁ ନେଇ ଭିନ୍ନ ଭିନ୍ନ କଥା ଆଲୋଚନା ହେଉଛି। ସୂଚନା ଅନୁସାରେ ଗତ ଦୁଇ ଦିନ ତଳେ ରାଜେନ୍ଦ୍ର ନାରାୟଣ ବିଶ୍ୱବିଦ୍ୟାଳୟର ହୋଷ୍ଟେଲ ଫି ବୃଦ୍ଧିକୁ ନେଇ ଛାତ୍ର ଅଶାନ୍ତି ଦେଖିବାକୁ ମିଳିଥିଲା। ଛାତ୍ରଛାତ୍ରୀମାନଙ୍କ ଏହି ଫି କମାଇବା ଦାବିକୁ ବିଭିନ୍ନ ଛାତ୍ର ସଂଗଠନ ସମର୍ଥନ ଦେଇଥିଲେ। ଏହି ଘଟଣା ସାମ୍ନାକୁ ଆସିବା ପରେ ବିଶ୍ୱବିଦ୍ୟାଳୟର କୁଳପତି ଉମାବଲ୍ଲଭ ମହାପାତ୍ର ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଥିବା ଜଣାପଡ଼ିଛି। ତେବେ ଶ୍ରୀ ମହାପାତ୍ର ୨୦୨୦ ମସିହାରେ କୁଳପତି ଭାବେ ନିଯୁକ୍ତି ପାଇଥିଲେ। ନିୟମନୁସାରେ ତାଙ୍କ କାର୍ଯ୍ୟକାଳ ଚାରି ବର୍ଷ ହୋଇଥିବା ବେଳେ ଗତ ଦୁଇ ମାସ ତଳେ ତାଙ୍କ କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହୋଇଥିଲା। ନୂତନ କୁଳପତି ରାଜ୍ୟ ସରକାର ନିଯୁକ୍ତି ଦେଇନପାରିବାରୁ ତାଙ୍କ କାର୍ଯ୍ୟକାଳକୁ ଆଉ ଛଅ ମାସ ବୃଦ୍ଧି କରିଥିଲେ ସରକାର। ଯାହାକି ଆକ୍ଟୋବରରେ ସରିବାର ଥିଲା। କିନ୍ତୁ ଏହା ପୂର୍ବରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିବା ସହ ଏଥିପାଇଁ ଆବେଦନ କରିଥିବା ଜଣାପଡ଼ିଛି।



# ରଥଯାତ୍ରା ଉପଲକ୍ଷେ ଅଙ୍କୁର ସାହିତ୍ୟ ସଂସଦର କବିତା ପାଠୋତ୍ସବ

**ବଲାଙ୍ଗିର, ୫।୭ (ସମିସ):** ସ୍ଥାନୀୟ ସନାତନ ମନ୍ଦିର ଠାରେ ଅଙ୍କୁର ସାହିତ୍ୟ ସଂସଦ ତରଫରୁ ଶିଶୁ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। କବିତା ପାଠ ଉତ୍ସବ ଅଙ୍କୁରର ସଭାପତି କସ୍ତୁରୀ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଡ.ଅଶୋକ ସେଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଡ. ପ୍ରେମଚାନ୍ଦ ମହାନ୍ତି ଜଗନ୍ନାଥ ଓ ଅଲାରନାଥଙ୍କ ଉପରେ ବକ୍ତବ୍ୟ ରଖିଥିଲେ। କବିତା ପାଠ କରିଥିଲେ ହୃଷିକେଶ ପୁରୋହିତ, ନଳନୀପ୍ରଭା ଶତପଥି, ସୌରନ୍ଧ୍ରୀ ନାୟକ, କସ୍ତୁରୀ ରଥ, ମଦନ ରଥ, ଉମା ଶଙ୍କର ଶତପଥି, ମାଳତି ଉଦ୍‌ଗାତା, ନିରୁପମା ମିଶ୍ର, ରଶ୍ମି ପାତ୍ର, ସସ୍ମିତା ସାହୁ, ତପସ୍ୱିନି ପଶାୟତ, ଭବାନୀ ପଟେଲ, ବଳିଷ୍ଠ ପ୍ରଧାନ, ହରିଶଙ୍କର ପୁରୋହିତ ଓ ସହଯୋଗ କରିଥିଲେ ପ୍ରଦୀପ ପଶାୟତ ଓ ବୃଡେନ୍ଦ୍ର ବେହେରା। ଶେଷରେ ମଦନ ମୋହନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# କବିତା ସଂକଳନ 'କଣ୍ଟା ଓ ଗୋଲାପ'ର ପାଠକାର୍ପଣ ସମାରୋହ

**ବଲାଙ୍ଗିର, ୫।୭ (ସମିସ):** କବିତା ସବୁବେଳେ ଜୀବନର କଥା କହେ। ସମୂହ ନିମନ୍ତେ ଅଭିପ୍ରେତ ଭାବ ବ୍ୟଞ୍ଜନାକୁ ବ୍ୟକ୍ତିଗତ ଭାବରେ ଅନୁଭବୀ ସଭିଙ୍କ ପାଇଁ ପ୍ରକାଶିତ କରେ। ସମୟର ପ୍ରତିରୂପ ହେଉଛି ସମସାମୟିକ କବିତା ବୋଲି ମତ



ପ୍ରକାଶ ପାଇଛି କବୟିତ୍ରୀ ସରସ୍ୱତୀ ମିଶ୍ରଙ୍କ ଦ୍ୱିତୀୟ କବିତା ସଂକଳନ କଣ୍ଟା ଓ ଗୋଲାପର ପାଠକାର୍ପଣ ସମାରୋହ ଅବସରରେ କହିଛନ୍ତି। ବଲାଙ୍ଗିରସ୍ଥିତ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପବିତ୍ର ବାହୁଡ଼ାଯାତ୍ରା ଅବସରରେ କବୟିତ୍ରୀ ସରସ୍ୱତୀ ମିଶ୍ରଙ୍କ ଦ୍ୱିତୀୟ କବିତା ସଂକଳନ କଣ୍ଟା ଓ ଗୋଲାପର ପାଠକାର୍ପଣ ସମାରୋହ ସ୍ରୋତସ୍ୱତୀ ପ୍ରକାଶନୀର ଆୟୋଜନରେ ଅନୁଷ୍ଠିତ ହୋଇଥିଲା। ସମାରୋହରେ ମୁଖ୍ୟଅତିଥି ଭାବରେ ନାଟ୍ୟଭୂଷଣ ଜଗଦା ନନ୍ଦ ଛୁରିଆ, ସମ୍ମାନିତ ଅତିଥି ସ୍ରୋତ ସ୍ୱତୀ ପ୍ରକାଶନୀର ପ୍ରତିଷ୍ଠାତା ସନ୍ଦୀପ କୁମାର କୁଅଁର ଓ ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ୍ ଡ.ଗୋପବନ୍ଧୁ ରଥ ପ୍ରମୁଖ ଉପସ୍ଥିତ ରହି କବୟିତ୍ରୀ ସରସ୍ୱତୀ ମିଶ୍ରଙ୍କ କବିତା ସଂକଳନ କଣ୍ଟା ଓ ଗୋଲାପକୁ ପାଠକାର୍ପଣ କରିଥିଲେ।ପାଠକାର୍ପଣ ସମୟରେ ସହ ପ୍ରକାଶକ କୃଷ୍ଣ ଚନ୍ଦ୍ର ମିଶ୍ର ଉପସ୍ଥିତ ଥିବା ସହ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଭାକୁ କବୟିତ୍ରୀ କସ୍ତୁରୀ ରଥ ସଂଯୋଜନା କରିଥିବା ବେଳେ ରଶ୍ମୀ ପାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପାଠକାର୍ପିତ କବିତା ସଂକଳନ କଣ୍ଟା ଓ ଗୋଲାପରୁ କବିତା ଆବୃତ୍ତି କରିଥିଲେ କବିତା ମିଶ୍ର, ଧର୍ମେନ୍ଦ୍ର ପ୍ରଧାନ, ନଳିନୀପ୍ରଭା ଶତପଥି। ଆୟୋଜିତ କବିତା ପାଠକୁ ସଂଯୋଜନା କରିଥିଲେ କବୟିତ୍ରୀ ପୁଷ୍ପାଞ୍ଜଳି ମେହେର ଓ କବିତା ମିଶ୍ର। ଶତାଧିକ କବି ଓ କବୟିତ୍ରୀ ଉପସ୍ଥିତ ରହି କବିତା ପାଠ କରିଥିଲେ।

**ମାତିଛନ୍ତି ଭିକମଗା ଚୋର ଗ୍ୟାଙ୍ଗ**

# ନିଛାଟିଆ ସୁଯୋଗରେ ଘରେ ପଶି ଲୁଟୁଛନ୍ତି

ବଲାଙ୍ଗିର, ୫।୭ (ସମିସ)

ସାବଧାନ ବଲାଙ୍ଗିର ସହର ସମେତ ଜିଲ୍ଲାର ବିଭିନ୍ନ ଗାଁରେ ମାତିଛନ୍ତି ଭିକାରୀ ଚୋର। ଭିକ ମାଗିବା ଆଳରେ ଶିଶୁମାନେ ଘରେ ପଶୁଛନ୍ତି। ନିଛାଟିଆ ଦେଖି ମୋବାଇଲ, ଲାପଟପ୍ ଭଳି ବିଭିନ୍ନ ସାମଗ୍ରୀ ଚୋରି କରୁଥିବା ଜଣାପଡ଼ିଛି। ଏହିଭଳି ଏକ ଗ୍ୟାଙ୍ଗ ବଲାଙ୍ଗିର ଜିଲ୍ଲାରେ ମାତିଥିବା ବେଳେ ଜିଲ୍ଲାର ବିଭିନ୍ନ ଥାନାରେ ଏନେଇ ମାମଲା ମଧ ରୁଜୁ ହୋଇଛି। ଶିଶୁମାନଙ୍କୁ କିଛି ବୟସ୍କ ବ୍ୟକ୍ତି ଚୋର ସଜାଇ କାରବାର ଚଳାଇଥିବା ବେଳେ ଚୋରି କରୁଥିବା ଶିଶୁମାନଙ୍କୁ ଏହିଭଳି ତାଲିମ ଦିଆଯାଇଛି ଯେ ନାଁ ସେମାନେ ଚୋରି ମାନୁଛନ୍ତି ନା ମୁହଁ ଖୋଲୁଛନ୍ତି। ନିଜ ରହୁଥିବା ଠିକଣାରୁ ଅନ୍ୟ ସ୍ଥାନକୁ ଯାଇ ଶିଶୁ ଚୋର ମାନେ ଚୋରି କରୁଥିବା ବେଳେ ଆଇନର ଫନ୍ଦିଫିକର ଭିତରେ ବର୍ତ୍ତିଯାଉଥିବା ଅଭିଯୋଗ ହୋଇଛି। ଏହି ଗ୍ୟାଙ୍ଗକୁ ପୁଲିସ ଧରିଲେ ମୋବାଇଲ, ଲାପଟପ୍ ଚୋରିର ଏକ ବଡ ର୍ୟାକେଟ୍‌ର ପର୍ଦ୍ଦାଫାସ ହେବ।

ଶନିବାର ସକାଳୁ ବଲାଙ୍ଗିର ସହର ମାଲପଡ଼ା ଶିବ ମନ୍ଦିର ନିକଟରେ ଥିବା ଏକ ଘରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଘର ଲୋକ କାମବ୍ୟସ୍ତ ଥିବା ବେଳେ ଭିକ ମାଗିବା ବାହାନାରେ ତିନି ଜଣ ଜଣେ ମହିଳା ଓ ଦୁଇ ଜଣ ବାଳିକା ଲୋପନ କୁମାର ସାହୁ ନାମକ ଜଣେ ଯୁବକଙ୍କ ରୁମ୍‌ରେ ପଶି କଳାକନା ବୁଲାଇଥିଲେ। ରୁମରେ ଥିବା ଲାପଟପ୍ ଓ ଦୁଇଟି ମୋବାଇଲ ଚୋରି କରିନେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ଚୋରି ହେବା ନେଇ ସିସିଟିଭି ଫୁଟେଜରୁ ତିନି ଜଣଙ୍କ ଚେହେରା ସ୍ପଷ୍ଟ ହେଉଥିବା ବେଳେ ତାଙ୍କ ହାବଭାବରୁ ସେମାନେ ଭିକମଗା ଗ୍ୟାଙ୍ଗର ବୋଲି ଜଣାପଡୁଛି। ସେହିପରି ଗତ ଶୁକ୍ରବାର ଲୋଇସିଂହା ଥାନା ଅନ୍ତର୍ଗତ ସଦର ଗାଁ ଲୋଇସିଂହା ବସ୍ତି ରାମଜୀପଡ଼ାର ଏକ ଘରେ ପଶି ଜଣେ ନାବାଳକ ଓ ଜଣେ ନାବାଳିକା ଦୁଇଟି ମୋବାଇଲ ଚୋରି କରିଥିବା ଅଭିଯୋଗ ହୋଇଥିଲା। ଭିକ ମାଗିବା ବାହାନାରେ ଆସି

**ମୋବାଇଲ, ଲାପଟପ୍ ଚୋରି ଅଭିଯୋଗ**

**ଚୋରି କାରବାରରେ ଶିଶୁଙ୍କ ସମ୍ପୃକ୍ତି**

ମୋବାଇଲ ଚୋରି କରିବା ପରେ ଉକ୍ତ ଦୁଇ ଚୋର ଫେରାର ମାରିଥିବା ବେଳେ ଶନିବାର ଉଭୟଙ୍କୁ ବଲାଙ୍ଗିରର ଜଣେ ଯୁବକ ଠାବ କରିଥିଲେ। ମୋବାଇଲ ଚୋରି କରୁଥିବା ଉକ୍ତ ଦୁଇ ଶିଶୁର ପୋଷାକ ରଙ୍ଗ କୁ ନେଇ ସନ୍ଦେହ କରିବା ପରେ ସେମାନଙ୍କୁ ଦେଖିଥିବା ବସ୍ତିବାସିନ୍ଦାକୁ ଫଟୋ ଦେଖି ସ୍ପଷ୍ଟ କରିବା ପରେ ଉଭୟଙ୍କୁ ପୁଲିସର ଜିମା ଦେଇଥିଲେ। କିନ୍ତୁ ସେହି ଦୁଇ ଶିଶୁ ମୋବାଇଲ ଚୋରିକୁ ମାନୁନଥିବା ବେଳେ ସେମାନେ ବାହାର ରାଜ୍ୟର ବୋଲି ଜଣାପଡ଼ିଛି। ସେମାନଙ୍କ ପାଖରେ ଚୋରି ମୋବାଇଲ ଉଦ୍ଧାର ହୋଇନଥିବା ବେଳେ ସହର ତଥା ଜିଲ୍ଲାର ଗାଁମାନଙ୍କରେ ଭିକମଗା ଚୋର ଗ୍ୟାଙ୍ଗ ମାତିଛନ୍ତି। ଚୋରି କାମରେ ପ୍ରାୟତଃ ଶିଶୁମାନଙ୍କୁ ବ୍ୟବହାର କରାଯାଉଥିବା ଦେଖାଯାଉଛି। ଏହା ପଛରେ ଏକ ବଡ ର୍ୟାକେଟ୍ କାମ କରୁଥିବା ଅନୁମାନ କରାଯାଉଛି। ଏହି ଶିଶୁମାନଙ୍କୁ ଅଧିକ ତଦନ୍ତ କରାଗଲେ ଅନେକ ଚୋରି ମାମଲାର ସନ୍ଧାନ ମିଳିବାର ସମ୍ଭାବନା ରହିଛି। ଏନେଇ ଟାଉନ ଥାନା ଅଧିକାରୀ ଅବନୀ ସାହୁଙ୍କୁ ପଚାରିବାରୁ ଏନେଇ ତଦନ୍ତ କରାଯାଉଥିବା କହିଛନ୍ତି।

# ଆନ୍ଦୋଳନରୁ ଓହରିଲା ସଚେତନ ନାଗରିକ ମଞ୍ଚ



ଆନ୍ଦୋଳନକାରୀ ସଚେତନ ନାଗରିକ ମଞ୍ଚ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଦାବିଗୁଡ଼ିକ ଶୁଣିଲା ପରେ ସରକାରୀ ପ୍ରକ୍ରିୟାରେ ରହିଛି ବୋଲି ଜିଲ୍ଲାପାଳ କହିଥିଲେ। ଶେଷରେ ପ୍ରତିଶ୍ରୁତି ଦେଇ

**କେସିଙ୍ଗା, ୫।୭(ସମିସ):** କେସିଙ୍ଗା ସଚେତନ ନାଗରିକ ମଞ୍ଚ ୧୮ ଦିନ ପରେ ଆନ୍ଦୋଳନକୁ ସ୍ଥଗିତ ରଖିଛି। କେସିଙ୍ଗା ସହରର ୧୦ ଟି ମୁଖ୍ୟ ଦାବି ନେଇ ଜୁନ ୧୮ ତାରିଖରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଆନ୍ଦୋଳନ ସମାପ୍ତ କରିବା ପାଇଁ ସଚେତନ ନାଗରିକ ମଞ୍ଚକୁ ଅନୁରୋଧ କରିଥିଲେ। ଉପଜିଲ୍ଲାପାଳ ପ୍ରଭାତ ପରିଡ଼ା, କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ, ବିଡ଼ିଓ ଜନ୍ମେଜୟ ସ୍ୱାଇଁ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# କେସିଙ୍ଗା ମହାବିଦ୍ୟାଳୟରେ ନୂତନ ଗୃହ ଉଦ୍‌ଘାଟିତ



**କେସିଙ୍ଗା, ୫।୭ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ମହାବିଦ୍ୟାଳୟରେ ବିଭିନ୍ନ ନୂତନ ଗୃହ ଉଦ୍‌ଘାଟିତ ହୋଇଛି। ଉଚ୍ଚ ଶିକ୍ଷା ବିଭାଗର ଆର୍ଥିକ ଅନୁଦାନରେ ବାଳକ ସାଧାରଣ ପ୍ରକୋଷ୍ଠ, ଲୋକସଭା ସଦସ୍ୟଙ୍କ ପଶ୍ଚିମଓଡ଼ିଶା ବିକାଶ ପରିଷଦର ଆର୍ଥିକ ଅନୁଦାନରେ ନିର୍ମିତ ରାତ୍ରି ଜଗୁଆଳି କକ୍ଷ ଏବଂ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ନୂତନ କାର୍ଯ୍ୟାଳୟକୁ କେସିଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ଚନ୍ଦନ ସେନାପତି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ କେସିଙ୍ଗା ବିଡିଓ ଜନ୍ମେଜୟ ସ୍ୱାଇଁ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ ପାଢ଼ୀଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ଯୁବ ରେଡକ୍ରସ୍ କାଉନସେଲର ଅଧ୍ୟାପକ ରାଇମୋହନ ମାଝି ଏବଂ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ମଣି ରଣାଙ୍କ ତତ୍ତ୍ୱାବଧାନରେ ଚାରା ରୋପଣ କରିଥିଲେ।

# ୧୧୬ତମ ଶିକ୍ଷା ଚେତନା କାର୍ଯ୍ୟକ୍ରମ



**ଧର୍ମଗଡ଼, ୫।୭(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ସ୍ଥିତ ମହିଳା ମହାବିଦ୍ୟାଳୟରେ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗନାଇଜେସନ୍ ଏବଂ ସ୍ୱସ୍ତି ହେଲଥ କେୟାର ଆନୁକୂଲ୍ୟରେ ଜଗନ୍ନାଥ ସଂସ୍କୃତି ଉପରେ ୧୧୬ତମ ଶିକ୍ଷା ଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷା ପ୍ରିୟମ୍ବଦା ଚାନ୍ଦଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଲିଙ୍ଗରାଜ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଡ. ପଦ୍ମାଳୟା ଦଣ୍ଡସେନା, ଅଧ୍ୟାପିକା ମମତା ତ୍ରିପାଠୀ, ସରିତା ସାମନ୍ତରାୟ, ଲିପିରାଣୀ ବାଗ, ସୁଜାତା ସାହୁ, ଭାଗ୍ୟବତୀ ମିଶ୍ର, ଉମେଶ ସୁନା ପ୍ରମୁଖ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ବଙ୍କିମ ମୁଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରଜତ ବଂଶଲ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅବିନାଶ ମୁଣ୍ଡ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଜଗନ୍ନାଥ ସଂସ୍କୃତି ଉପରେ ବିଭିନ୍ନ ପ୍ରଶ୍ନ ପଚରାଯାଇ କୃତୀ ଛାତ୍ରୀମାନଙ୍କୁ ସମ୍ମାନୀତ ଓ ପୁରସ୍କୃତ କରାଯାଇଥିଲା। ନିରୁପମା ବଗର୍ତ୍ତି ପ୍ରଥମ, ହେମାଙ୍ଗିନୀ ପ୍ରଧାନୀ ଦ୍ୱିତୀୟ ଏବଂ ଖୁସବୁ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଲକ୍ଷପତି ନାଏକ, ମନୋଜ ସେଠୀ, ଡମ୍ବରୁଧର ନାଏକ ପ୍ରମୁଖ ସହଯୋଗ କରିଥିଲେ।

**ସରିଲା ଜନ୍ମବେଦୀରେ ଲୀଳାଖେଳା**

# ନବଦିନାତ୍ମକ ଯାତ୍ରାରୁ ଫେରିଲେ ଚତୁର୍ଦ୍ଧାମୂର୍ତ୍ତି

**କୋକସରା, ୫।୭(ସମିସ)**

ଜନ୍ମବେଦୀରେ ଲୀଳାଖେଳା ସରିଛି। ନଅ ଦିନ ପରେ ଭାଇ ଭଉଣୀଙ୍କୁ ଘେନି ଜନ୍ମବେଦୀରୁ ରତ୍ନବେଦୀଙ୍କୁ ବାହୁଡ଼ା ଯାତ୍ରା କରିଛନ୍ତି କାଳିଆ ଠାକୁର। ଶନିବାର ବାହୁଡା ଯାତ୍ରା ପାଇଁ ପୁରପଲ୍ଲୀ ଉତ୍ସବ ମୁଖର ହୋଇ ଉଠିଥିଲା। ଘଣ୍ଟଘଣ୍ଟା, ମୃଦଙ୍ଗ, ସଂକୀର୍ତ୍ତନ, ଭକ୍ତଙ୍କ ଭଜନ ଦ୍ୱାରା ଗହଳି ଲଗାଇ ହଲି ହଲି ବଡ ଠାକୁର ରତ୍ନବେଦୀକୁ ଆସିଛନ୍ତି। କୋକସରା ବ୍ଲକର ବିଭିନ୍ନ ଗ୍ରାମରେ ଶାନ୍ତି ଶୃଙ୍ଖଳା ସହ ମହାବାହୁଙ୍କ ବାହୁଡାଯାତ୍ରା ସମ୍ପନ୍ନ ହୋଇଛି। ଗୋତମୁଣ୍ଡାରେ ଦେବାଦେବୀଙ୍କ ଲାଠୀ, କୁର୍ସୀ ଓ କାଳିଶୀ ଗହଣରେ ମହାପ୍ରଭୁ ଶ୍ରୀମନ୍ଦିରକୁ ଫେରିଛନ୍ତି। ଜିଲ୍ଲା ତଥା ଜିଲ୍ଲା ବାହାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ବଡ଼ପୋଡ଼ାଗୁଡ଼ା, ଆମପାଣି, କାଉଡୋଲା, ସିଉନୀ, କେନ୍ଦୁଡଙ୍ଗରୀ, ଲଡୁଗାଁ, କୋକସରା, କାଶୀବାହାଲ, ମୋଟେର, ଛିଲିପାମାଲ, ଡଙ୍ଗରୀଗୁଡା, ତୁନଗାଁ, ଟେମରା ଆଦି ସ୍ଥାନରେ ମଧ ଶାନ୍ତି ଶୃଙ୍ଖଳା ସହ ବାହୁଡାଯାତ୍ରା ସମାପନ ହୋଇଛି। ପାଗ ଅନୁକୂଳ ଥିବାରୁ ମହାପ୍ରଭୁଙ୍କ ଦର୍ଶନ ପାଇବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବିଭିନ୍ନ



ସ୍ଥାନରେ ପାଳିତ ବାହୁଡା ଯାତ୍ରାରେ ପୂଜା କମିଟି ଓ ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

**ସିନାପାଲି:** ଜନଗହଳି ମଧ୍ୟରେ ସିନାପାଲିରେ ଶ୍ରୀଜୀଉଙ୍କ ବାହୁଡ଼ାଯାତ୍ରା ଶନିବାର ସମ୍ପର୍ଣ୍ଣ ହୋଇଯାଇଛି। ଶନିବାର ଭୋରରୁ ନେହେରୁ ମଣ୍ଡପ ସ୍ଥିତ ମାଉସୀ ମା' ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାପାଠ ଆରମ୍ଭ ହେଇଥିଲା। ସକାଳୁ ଆଡପ ମଣ୍ଡପରେ ଲୋକଙ୍କ ଭିଡ଼ ଜମିଥିଲା। ଅପରାହ୍ଣରେ ଶ୍ରୀଜୀଉଙ୍କ ପହଣ୍ଡି ବିଜେ କରାଯାଇ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ବୈଶମ୍ପାୟନ ମେହେରଙ୍କ ଦ୍ୱାରା ତିନି ରଥରେ ଛେରାପହରା ପରେ ରଥଟଣା ଆରମ୍ଭ ହୋଇଥିଲା। ପାରମ୍ପରିକ ସମ୍ପ୍ରଦା, ସଂକୀର୍ତ୍ତନ, ଘଣ୍ଟଦଳ ସହ ମହିଳା ଶ୍ରଦ୍ଧାଳୁଙ୍କ ହୁଳହୁଳିରେ ସମଗ୍ର ପରିବେଶ ଦୁଲୁକି ଯାଇଥିଲା। ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦେଇ ରଥାରୁଢ଼ ଶ୍ରୀଜୀଉଙ୍କ ପୂଜାଅର୍ଚ୍ଚନା କରିବା ସହ ରଥ ଟାଣି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ସୁଭଦ୍ରାଙ୍କ ଦେବଦଳନ ରଥକୁ ମହିଳାମାନେ ଟାଣିଥିଲେ। ଆଠଦିନ ଧରି ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତିକୁ ମାଉସୀ ମା' ମନ୍ଦିର କମିଟି ତରଫରୁ ସଭାପତି ଶଶିଭୂଷଣ ମାଝୀ, ଉପସଭାପତି ରଜନୀ ମାଝୀ, ସମ୍ପାଦକ ମନୋଜ ଜୈନ, ସହ ସମ୍ପାଦକ ରବୀନ୍ଦ୍ର ସା, କୋଷାଧ୍ୟକ୍ଷ ଚନ୍ଦ୍ରଶେଖର ମେହେରଙ୍କ ସହ ଅଜିତ ଯୋଶୀ, ଅରିଗଞ୍ଜନ ଯୋଶୀ, ବିଦ୍ୟାଧର ମେହେର, ରାଜେଶ ଜୈନ, ପ୍ରସନ୍ନ ସାହୁ, ସଙ୍ଗୀତ ଜୈନ, ନାରାୟଣ ପାତ୍ର, ଟେଣୋ ମେହେର, ଗଲାମଣି ସା, ଲିଲାକର ସା, ମକର ସା, ଜଗମୋହନ ସା ପ୍ରମୁଖ ଶୃଙ୍ଖଳାର ସହ ସମ୍ପାଦନା କରିଥିଲେ। ରବିବାର ରଥାରୁଢ଼ ଶ୍ରୀଜୀଉଙ୍କ ଅଧରପଣା ନୀତି, ସୁନାବେଶ ଓ ପରେ ନିଳାଦ୍ରୀ ବିଜେ କରାଯିବ ବୋଲି ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ତୁଳସୀରାମ ମେହେର ସୂଚନା ଦେଇଛନ୍ତି। ଏଥିସହ ଏହି ବ୍ଲକ ଅନ୍ତର୍ଗତ ହାତୀବନ୍ଧା, କେନ୍ଦୁମୁଣା, ନୂଆଁମାଳପଡ଼ା, ଖଳନା, ବ୍ରାହ୍ମଣପଡ଼ା, ପତିଏଲପଡ଼ା, ଚଳନା, ଗୋର୍ଲା, ସାଗୁନଭାଡି, ଟିମନପୁର, ଜାମଗାଁ, ଅରସାପଡ଼ା, ଗଣାବାହାଲି, ବରଗାଁ, ଗମ୍ଭାରିଗୁଡ଼ା, ଗୋର୍ଲା, ସିଙ୍ଘରର ଆଦି ଗ୍ରାମରେ ମଧ ଶୃଙ୍ଖଳାର ସହ ବାହୁଡ଼ାଯାତ୍ରା ସମ୍ପନ୍ନ ହୋଇଛି।

**କେସିଙ୍ଗା:** କେସିଙ୍ଗାରେ ଶାନ୍ତିଶୃଙ୍ଖଳାର ସହ ସମସ୍ତଙ୍କ ସହଯୋଗରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ଦୀର୍ଘ ୯ ଦିନ ପରେ ବଡଭାଇ ଓ ଭଉଣୀଙ୍କୁ ଧରି ମହାପ୍ରଭୁ ଦେଉଳରେ ପହଞ୍ଚିଛନ୍ତି। ଘଣ୍ଟାଶଙ୍ଖ, ହରିବୋଲ, ହୁଳହୁଳିରେ ମହାବାହୁଙ୍କୁ ଭକ୍ତ ମନ୍ଦିରକୁ ପାଛୋଟି ନେଇଥିଲେ।

**ଭବାନୀପାଟଣା:** ବିକାଶ ୱିସଡମ ପାର୍କ ପରିସରରେ ଧୁମଧାମରେ ବାହୁଡା ଯାତ୍ରା ପାଳିତ ହୋଇଥିଲା। ଭକ୍ତିମୟ ପରିବେଶ ଓ ଜୟ ଜଗନ୍ନାଥ ଧ୍ୱନିରେ ବିକାଶ ୱିସଡମ ପାର୍କ ଉଚ୍ଛୁଳି ଉଠିଥିଲା। ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ।

# ଗୋଲାମୁଣ୍ଡା ବ୍ଲକ୍‌ରେ ନୂତନ ବିଡ଼ିଓ



**ଧର୍ମଗଡ଼, ୫।୭(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକରେ ତ୍ରିପୁରା ମହାନନ୍ଦ ବିଡିଓ ଭାବେ ଯୋଗ ଦେଇଛନ୍ତି। ଏଥି ପୂର୍ବରୁ ସେ ବରଗଡ଼ ଜିଲ୍ଲା ଭେଡେନ ବ୍ଲକର ବିଡିଓ ଭାବେ କାର୍ଯ୍ୟ ତୁଲାଇଥିଲେ।

# ଆଇନଜୀବୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ସିନାପାଲି, ୫।୭(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଜେଏମ୍‌ଏଫ୍‌ସିରେ କାର୍ଯ୍ୟରତ ବରିଷ୍ଠ ଆଇନଜୀବୀ ଇନ୍ଦ୍ରଦ୍ୟୁମ୍ନ ମାଝୀଙ୍କୁ ଶନିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସିନାପାଲି ଜେଏମ୍‌ଏଫ୍‌ସି କୋର୍ଟରେ ୨୦୧୮ ରୁ କାର୍ଯ୍ୟରତ ଥିଲେ। ବର୍ତ୍ତମାନ ଶ୍ରୀ ମାଝୀଙ୍କ ଟିଟିଲାଗଡ଼ କୋର୍ଟକୁ ଏପିପି ଭାବରେ ବଦଳି ହୋଇଛି। ଏହି ସମ୍ବର୍ଦ୍ଧନା ସଭାରେ ଓକିଲ ସଙ୍ଘ ସଭାପତି ବାଣୀବଲ୍ଲଭ ପାଣିଗ୍ରାହୀ, ସମ୍ପାଦକ ରୁଷଭ ମେହେର, କୋଷାଧ୍ୟକ୍ଷ ଗୁଣସାଗର ମେହେରଙ୍କ ସମେତ ଆଇନଜୀବୀ ସୁବ୍ରତ ମେହେର, ଗଣେଶଚନ୍ଦ୍ର ମେହେର, ଜ୍ୟୋତିପ୍ରକାଶ ମେହେର, ନୀଳାଞ୍ଚଳ ମେହେର, ମିନିକେତନ ମାଝୀ, ସଞ୍ଜୟ ବେହେରା, ବିଜୟାନନ୍ଦ ବେହେରା, କ୍ଷେତ୍ରମୋହନ ଗହୀର, ସଞ୍ଜୟ ମେହେରଙ୍କ ସମେତ ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ।



# ସମ୍ପୂର୍ଣ୍ଣ ସାଂସ୍କୃତିକ କେନ୍ଦ୍ର ସ୍ଥାପନ ପାଇଁ ଦାବି

**ଭବାନୀପାଟଣା, ୫।୭(ସମିସ):** ଭବାନୀପାଟଣାରେ ଏକ ସମ୍ପୂର୍ଣ୍ଣ ସାଂସ୍କୃତିକ କେନ୍ଦ୍ର ପ୍ରତିଷ୍ଠା ପାଇଁ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୧୫ ଏକର ଜମି ସହ ୧୦୦୦ ଆସନ ବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ପ୍ରେକ୍ଷାଳୟ, ସମସ୍ତ ବ୍ୟବସ୍ଥା ଥିବା ଗ୍ରୀନ୍‌ରୁମ୍, ଆଧୁନିକ ଆଲୋକ ଏବଂ ଧ୍ୱନି ବ୍ୟବସ୍ଥା, ସାମୂହିକ ନୃତ୍ୟ, ନାଟକ ଏବଂ ସଙ୍ଗୀତ ପାଇଁ ଉପଯୁକ୍ତ ସୁବିଧା, କଳାଦୀର୍ଘା (ଆର୍ଟ ଗ୍ୟାଲେରୀ)ର ବ୍ୟବସ୍ଥା, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆସୁଥିବା ଜାତୀୟ ଓ ଅନ୍ତର୍ଜାତୀୟ କଳାକାରଙ୍କ ପାଇଁ ନିବାସ ବ୍ୟବସ୍ଥା ସହ ସ୍ୱତନ୍ତ୍ର ଅତିଥି ଗୃହ ବ୍ୟବସ୍ଥା, କଳା ଶିକ୍ଷା ପାଇଁ ସ୍ୱତନ୍ତ୍ର କକ୍ଷ, ପୁସ୍ତକାଗାର ଏବଂ ଯାନବାହାନ ପାଇଁ ପାର୍କିଙ୍ଗ ସୁବିଧା ଆଦି ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି।



# ସାଇ ସଂସ୍ଥା ଦ୍ୱାରା ସ୍ୱାସ୍ଥ୍ୟ ଶିବିର



**ସିନାପାଲି, ୫।୭(ସମିସ):** ନୂଆପଡ଼ା ଜିଲ୍ଲା ଲିଙ୍କ ୱାର୍କରସ୍କିମ ପ୍ରକଳ୍ପ ଆନୁକୂଲ୍ୟରେ ସିନାପାଲି ଜଗନ୍ନାଥ ଛକ ପ୍ରାଙ୍ଗଣରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଡାକ୍ତର ନାରଗିସ ଜାହାନ, ମହିଳା ସ୍ୱାସ୍ଥ୍ୟ କର୍ମୀ କନକଲତା ମେହେ. ପୁରୁଷ ସ୍ୱାସ୍ଥ୍ୟକର୍ମୀ ସୁନୀଲ ଠାକୁର, ଲାବୋରିଟୋରି ଟେକସିଆନ ବିକ୍ରମ ଅଗ୍ରୱାଲ, କଉନସିଲର ପାର୍ଥିବ ଜଗତ ଏବଂ ସାଇ ଅନୁଷ୍ଠାନର ଜିତେନ୍ଦ୍ରନାଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରମେଶ୍ୱର ବିଶି, ଜଗଦୀଶ ନାଗ, ଲିଙ୍ଗରାଜ କଟା, ଫଳିନ୍ଦ୍ର ବନ୍ଦିଛୋର, ଉପେନ୍ଦ୍ର ମାଝୀ ମାଝୀ ଯୋଗ ଦେଇଥିଲେ। ଅଙ୍ଗନୱାଡି କର୍ମୀ ଆଶାକର୍ମୀ ସହଯୋଗ କରିଥିଲେ।

# ଚାରାରୋପଣରେ ସୀମିତ ନ ରହୁ ବନ ମହୋତ୍ସବ

**ସିନାପାଲି, ୫।୭(ସମିସ)**

ବନ ବିଭାଗ ପ୍ରତିବର୍ଷ ଜୁଲାଇ ପହିଲାରୁ ଏକ ସପ୍ତାହ ବ୍ୟାପି ବନ ମହୋତ୍ସବ ପାଳନ କରି ଆସୁଛି। ଚଳିତ ବର୍ଷ ମଧ ୭୬ତମ ବନ ମହୋତ୍ସବ ପାଳନ କରାଯାଉଛି; ହେଲେ ଏହା ବନ ମହୋତ୍ସବ ନୁହେଁ; ବରଂ ମାନବ ସମାଜ ପାଇଁ ଦୀର୍ଘଜୀବୀ ହେବାର ମହୋତ୍ସବ ହେଉ। ଯେଉଳି ଭାବରେ ଜଙ୍ଗଲ ଧ୍ୱଂସ ହେଉଛି ଭବିଷ୍ୟତ ପିଢ଼ି ପାଇଁ ବିପଦ ରହିଛି। କେବଳ ଚାରାରୋପଣରେ ବନ ମହୋତ୍ସବ ସୀମିତ ନ ରହୁ। ଜଙ୍ଗଲ ସୁରକ୍ଷା, ନୂତନ ବନୀକରଣ, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ସାଙ୍ଗକୁ ସବୁଜ ସୁନ୍ଦର ପରିବେଶ ସୃଷ୍ଟି କରିବା ଏବଂ ଚାରା ରୋପରଣ ପରେ ତାହାର ଯତ୍ନ ନେବା ଗୁରୁତ୍ୱପୂର୍ଣ୍ଣ। ସିନାପାଲି ରେଞ୍ଜ ଅଧୀନ ମୁଣ୍ଡାପଲା ଗ୍ରାମରେ ଆୟୋଜିତ ବନ ମହୋତ୍ସବରେ ଏହି ମତ ପ୍ରକାଶ ପାଇଛି। ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ଖଡିଆଳ ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନ, ଏସିଏଫ ପ୍ରସନ୍ନଜିତ ନାୟକ, ନୂଆପଡ଼ା ଜିଲ୍ଲା ପୂର୍ବତନ ବିଜେପି ସଭାପତି ଶିବ ପ୍ରସାଦ ମୁଣ୍ଡ, ସ୍ଥାନୀୟ ସରପଞ୍ଚ କୌଶଲ୍ୟା ମେହେର, ତ୍ରିନାଥ ମେହେର, ଗୋପାଳ ଭୋଇ, ଗଣ୍ଡାବାହଲି ହାଇସ୍କୁଲ ପ୍ରଧାନ ଶିକ୍ଷକ ଜଗନ୍ନାଥ ସେଠି, ବିଜ୍ଞାନ ଶିକ୍ଷକ କୈଳାସଚନ୍ଦ୍ର ଦାସ, ସିନାପାଲି ରେଞ୍ଜର କାମେଶ୍ୱର ତାଣ୍ଡି ପ୍ରମୁଖ କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ। ଏହି ଅବସରରେ ଆୟୋଜିତ କୁଇଜ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସ୍ଥାନୀୟ ମୁଣ୍ଡାପଲା ଗ୍ରାମର କାନ୍ଦୁଲ ଡଙ୍ଗରୀ ପାହାଡରେ ଚାରା ରୋପଣ କରଯାଇଥିଲା। ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ନାୟକ, ରଞ୍ଜନ ସାହୁ, ମେଘନାଦ ମାଝି, କନ୍ଦର୍ପ ସୁନାନୀ, ଚୁଡ଼ାନାଥ ସରାଫ, ରମା ରଞ୍ଜନ ରାଉତ, ଫରେଷ୍ଟଗାର୍ଡ ମନୋଜ ବାଗ, ସଂଗ୍ରାମ ପ୍ରଧାନ, ଶରତ ସିଂ ବାରିକ, ରୁକ୍ମଣ ମାଝି, ହେମନ୍ତ ସୁନା, ଚିନ୍ମୟୀ ପାତ୍ର, ଖୁଲେଶ୍ୱରି ମାଝି, ସ୍ୱାଗତିକା ଦାସଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ଜଙ୍ଗଲ ସୁରକ୍ଷା କମିଟି ସଦସ୍ୟ ଓ ଗ୍ରାମବାସୀ ସାମିଲ ହୋଇଥିଲେ।



**ଭବାନୀପାଟଣା:** ସ୍ଥାନୀୟ ବିକାଶ ଡିଗ୍ରୀ ମହାବିଦ୍ୟାଳୟର ୟୁଥ୍ ରେଡକ୍ରସ୍ ଓ ଏନ୍‌ଏସ୍‌ଏସ୍ ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ଉପଲକ୍ଷେ ଚାରାରୋପଣ କରାଯାଇଛି। ମହାବିଦ୍ୟାଳୟରୁ ଆରମ୍ଭ କରି ସହରର ରେଳ ଷ୍ଟେସନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ୨୪୫ଟି ବିଭିନ୍ନ ଔଷଧୀୟ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ, ଡି. ଶ୍ୟାମ, ଡି. ରାମ କୁମାର (ନିର୍ଦ୍ଦେଶକ, ଭିଜିଆଇ), ଏବଂ ଡି. ପଦ୍ମିନୀ (ପରିଚାଳନା କମିଟି ସଦସ୍ୟା, ଭିଜିଆଇ) ଉପସ୍ଥିତ ଥିଲେ। ଡ. ସୁଦୀପ୍ତ ଜାନା, (ଅଧ୍ୟକ୍ଷ, ଏସଆଇଆଇଏମ), ଡ. ଆଦିତ୍ୟ ପଟ୍ଟନାୟକ (ଅଧ୍ୟକ୍ଷ, ବିକାଶ +୩ ବିଜ୍ଞାନ ମହାବିଦ୍ୟାଳୟ) ସହଯୋଗ କରିଥିଲେ। ଆଇଟି ଓ ମ୍ୟାନେଜମେଣ୍ଟ ବିଭାଗର ଅଧ୍ୟାପକ କୁମାର ମନ୍ଥନ ସାହୁ, ବିଜ୍ଞାନ ବିଭାଗର ଅଧ୍ୟାପକ ଅଭିଜିତ ପଟ୍ଟଯୋଶୀ, ନର୍ସିଂ ବିଭାଗର ଅଧ୍ୟାପିକା ସ୍ନେହାରିକା ପଟ୍ଟନାୟକ, ଅଧ୍ୟାପକ ରାମଚନ୍ଦ୍ର ସାହୁ, ନର୍ସିଂ ବିଭାଗର ଅଧ୍ୟାପିକା ବେଦମତି ଜାନି, ଜନ ସମ୍ପର୍କ ଅଧିକାରୀ ଅମୀୟ ମହାନ୍ତି ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ। ଭବାନୀପାଟଣା ବିକାଶ ୱିସଡ଼ମ ପାର୍କ ପରିସରରେ ମଧ ଚାରା ରୋପଣ କରାଯାଇଛି। ନିର୍ଦ୍ଦେଶକ ଡି ଶ୍ୟାମ, ଶିକ୍ଷା ପ୍ରଭାରୀ ଡି ବିଜୟା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତୀ ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



**କୋକସରା:** ସ୍ଥାନୀୟ ଜବାହର ଉଚ୍ଚ ବିଦ୍ୟାପୀଠରେ ବନ ମହୋତ୍ସବ ଅବସରରେ ଚାରା ରୋପଣ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷୀ ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ ଭାଟି, କୋକସରା ଫରେଷ୍ଟର ରଶ୍ମି ରଞ୍ଜିତା ନାଏକ, ସ୍କୁଲ ପରିଚାଳନା କମିଟି ସଦସ୍ୟ ତ୍ରିଭୁବନ ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କ୍ରମରେ ସ୍କୁଲ ପରିସରରେ ଚାରା ରୋପଣ କରାଯାଇଥିଲା। କୋକସରା ଫରେଷ୍ଟ ଗାର୍ଡ ହିମାଦ୍ରୀ ତନୟା ବିଶି, ଅଶୋକ ନାଏକ, ଖେଳ ଶିକ୍ଷକ ଅମିତ ମହାନ୍ତି, ଶିକ୍ଷକ ହେମନ୍ତ ମାଝୀ, ଶିକ୍ଷୟିତ୍ରୀ ସିମାରାଣୀ ସିଂ, ରଶ୍ମିତା ନିଆଲ ପ୍ରମୁଖ ଉପସ୍ଥିତ ଥିଲେ।

**ଧର୍ମଗଡ଼:** ସ୍ଥାନୀୟ ଜ୍ଞାନ ବିକାଶ ପବ୍ଲିକ ସ୍କୁଲ ପରିସରରେ ବନ ମହୋତ୍ସବ ପାଳିତ ହୋଇଛି। ବିଦ୍ୟାଳୟର ନିର୍ଦ୍ଦେଶକ ଜ୍ଞାନ ରଞ୍ଜନ ନାଏକ ଏଥିରେ ଅଧ୍ୟକ୍ଷତା କରିଥିଲେ। ସାମ୍ବାଦିକ ଅଂଶୁମାନ ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଜଙ୍ଗଲ ନଷ୍ଟ ଯୋଗୁଁ ପରିବେଶ ଉପରେ ପ୍ରଭାବ ପଡୁଛି। ତେଣୁ ସମସ୍ତେ ଗଛ ଲଗାଇବା ପ୍ରତି ଯତ୍ନବାନ ହେବା ଆବଶ୍ୟକ ବୋଲି ପ୍ରକଶ କରିଥିଲେ। ସେହିପରି କେବଳ ଚାରା ରୋପଣ କଲେ ହେବ ନାହିଁ। ଚାରାରୋପଣ କରିବା ସହ ଉପଯୁକ୍ତ ଯତ୍ନ ନେବା ଆବଶ୍ୟକ ବୋଲି ଉପସ୍ଥିତ ଛତ୍ରଛାତ୍ରୀଙ୍କୁ ଅଧ୍ୟକ୍ଷ ଶ୍ରୀ ନାଏକ ଅବଗତ କରିଥିଲେ। ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଗୋଟିଏ ଲେଖାଏଁ ଗଛ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ମମତା ନାଏକ, ଶିକ୍ଷୟିତ୍ରୀ ଗଙ୍ଗା ଠାକୁର, ସ୍ମୃତିରେଖା ପାତ୍ର, ଶୁଭଶ୍ରୀ ନାୟକ, ଜାଗୃତି ରାଉତ, ପଞ୍ଚୁ ତାଣ୍ଡି, ସଲୋନୀ ଠାକୁର, ତିଳୋତ୍ତମା ନାଏକ ପ୍ରମୁଖ ଉପସ୍ଥିତ ଥିବା ବେଳେ ବହୁ ଅଭିଭାବକ ମଧ ଯୋଗ ଦେଇଥିଲେ।




**ଧର୍ମଗଡ଼/ଗୋଲାମୁଣ୍ଡା:** ଗୋଲାମୁଣ୍ଡା ସର୍ବ ମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରାଧ୍ୟାପକ ସରୋଜ କାନ୍ତ ରଥ ଏଥିରେ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ଆୟୋଜିତ ଏକ ସଚେତନତା ସଭାରେ ଅଧ୍ୟାପକ ପ୍ରତାପ ଚନ୍ଦ୍ର ନାୟକ, ବିଜୟ ସାହୁ, ପ୍ରଦୀପ ମିଶ୍ର, ବନପାଳ ରମେଶ ଚନ୍ଦ୍ର ବାଗ, ବନରକ୍ଷୀ ବିଶ୍ୱଜିତ ବଗର୍ତ୍ତି, ଜିତେନ୍ଦ୍ର ନାଏକ ଓ ଆଦିତ୍ୟ ବାଗ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରବୀର ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଶାନ୍ତନୁ ପରିଡ଼ା ମଞ୍ଚ ସଂଯୋଜନା କରିଥିଲେ। କଳାହାଣ୍ଡି ଉତ୍ତର ବନଖଣ୍ଡ ଅଧୀନ କେଗାଁ ବନାଞ୍ଚଳର ଗୋଲାମୁଣ୍ଡା ସେକ୍ସନ, ସର୍ବ ମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ଼କ୍ରସ, ଜାତୀୟ ସେବା ଯୋଜନା, ଇକୋ କ୍ଲବ୍ ଓ ଭାରତ ସ୍କାଉଟ ଗାଇଡ (ରୋଭର ରେଞ୍ଜର ବିଭଗ) ମିଳିତ ସହାୟତାରେ ବିଦ୍ୟାଳୟରେ ୨ ଶହ ଔଷଧୀୟ ଚାରା ରୋପଣ କରାଯାଇଥିଲା। ଅଧ୍ୟାପକ ଘନଶ୍ୟାମ ଭାଟି, କବି ପ୍ରସାଦ ପଟ୍ଟନାୟକ, ସନ୍ଦୀପ କାନୁନଗୋ, ତ୍ରିନାଥ ପଟ୍ଟନାୟକ, ଦିଲ୍ଲୀପ ସ୍ୱାଇଁ, ପ୍ରମୋଦ ମହାନ୍ତି, ପ୍ରସନ୍ନ ପ୍ରଧାନ, ବୈକୁଣ୍ଠ ପଟେଲ୍, ଲିଙ୍ଗେଶ୍ୱର ମେହେର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

**ଥୁଆମୂଳ ରାମପୁର:** ସ୍ଥାନୀୟ ମା' ମାଣିକେଶ୍ୱରୀ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟି ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସିଭିଲ ଜଜ୍ ତଥା ଜେଏମଏଫସି ମାଜିଷ୍ଟ୍ରେଟ ଡ. ତାରିଣୀ ପ୍ରସାଦ ସାହୁ ଯୋଗ ଦେଇଥିଲେ। ଅଶୋକ ସାହୁ, ଥୁଆମୂଳ ରାମପୁର ବନାଞ୍ଚଳ ଅଧିକାରୀ ତ୍ରିନାଥ ସେଠି, ଫରେଷ୍ଟର ଅରୁଣ ହରିଚନ୍ଦନ, ଫରେଷ୍ଟର ଏକାଦଶୀ ନାଏକ, ଏମଏମପିଏସ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ସାମ୍ବାଦିକ ତଥା ଯୁବ ଆଇନଜୀବୀ ମନୋରଞ୍ଜନ ନାଏକ, ଦିଲ୍ଲୀପ ନାଏକ ପ୍ରମୁଖ ଯୋଗ ଦେଇଥିଲେ।

# "ଲେଖିବା ହେଉଛି ନିଜକୁ ଆତ୍ମପ୍ରକାଶ କରିବାର ମାଧ୍ୟମ"



## ଶାନ୍ତନୁ କୁମାର ଆଚାର୍ଯ୍ୟ

ମଣିଷର ଗୋଟିଏ ଅବସ୍ଥା ଥାଏ, ଯେଉଁଠି ସେ ସାଂସାରିକ ଘଟଣାବଳୀକୁ ଅତିକ୍ରମ କରି ଅତି ପ୍ରାକୃତିକ ଜିନିଷ ବିଷୟରେ ତାକୁ ଅନୁସନ୍ଧାନ କରିବାକୁ ଇଚ୍ଛା ହୁଏ । ସେ ପଚାରିବ- ମୁଁ କିଏ ? ଭଗବାନ କେଉଁଠି ଅଛନ୍ତି? ମୋତେ କିଏ ଗଢ଼ିଥିଲା? ଏସବୁ କଥା ଯେଉଁ ମଣିଷ ମନକୁ ଆସେ, ଯେଉଁମାନେ ଏ ବିଷୟରେ ଅନୁସରଣ କରନ୍ତି, ଏହାର ଉତ୍ତର ଖୋଜିବାକୁ ଯାଆନ୍ତି- ସେଇ ଲୋକମାନେ ହିଁ ଦାର୍ଶନିକ, ବୈଜ୍ଞାନିକ, କବି ବା ସାହିତ୍ୟିକ ହୁଅନ୍ତି । ପିଲାଦିନରୁ ମୋର ଚିନ୍ତାଧାରା ଏଭଳି ଅନ୍ୱେଷଣାତ୍ମକ ଥିଲା । ତାହା ବେଶି ବଢ଼ି ଗଲା, ଯେତେବେଳେ ୯ ବର୍ଷ ବୟସରେ ମୋ ମା' ଚାଲିଗଲେ । ଫଳରେ ମୋ ମନରେ ଭୟଙ୍କର ଦୁଃଖ ପ୍ରବେଶ କଲା । ମୁଁ ବର୍ତ୍ତମାନ କରିବି କ'ଣ? ମା' କୁଆଡ଼େ ଗଲେ? କେଉଁଠି କି ଗଲେ ସେ ? ଏଭଳି ଅନୁସନ୍ଧାନ କଲି ମୋର କୌତୁହଳ ମନରେ । ବଣ ପାହାଡ଼ରେ ଏକାକୀ ବୁଲେ, ନଦୀ କୂଳରେ ବସେ । ଗୋଟିଏ ମାତୃହରା ପିଲାର ବିରହ ଯନ୍ତ୍ରଣା ଭୋଗୁଥିଲି ମୁଁ । ଏଥିରୁ ଅନେକ ପ୍ରକାର ମୋର ମାନସିକ କ୍ରିୟା ପ୍ରତିକ୍ରିୟା ସବୁ ଘଟୁଥାଏ ।

ତା' ଭିତରେ ମୁଁ କବିତା ଲେଖା ଆରମ୍ଭ କଲି । କବିତା ଲେଖିବା ପରେ ମୋତେ ବହୁତ ଉପଶମ ଲାଗିଲା । ବାଙ୍କିରେ ସୁବର୍ଣ୍ଣପୁର ବୋଲି ଗୋଟିଏ ଜାଗା ଅଛି । ସେଠି ଅଂଶୁପା ହ୍ରଦ, ମହାନଦୀ ଭାରି ସୁନ୍ଦର ଓ ଚମତ୍କାର ଲାଗେ । ସେଠାରେ ବଡ଼ି ଭୋରରୁ ଗାଧୋଉଥିବା ବେଳେ ଦିନେ ସୂର୍ଯ୍ୟ ଉଦୟ ପୂର୍ବରୁ ହଠାତ୍ ମୋତେ ଦେଖାଗଲା ନଈ ଭିତରେ ଅସଂଖ୍ୟ ସ୍ୱର୍ଣ୍ଣ ମନ୍ଦିର ସବୁ ତିଆରି ହୋଇଛି । ମନ୍ଦିର ଭିତରେ ଦେବଦେବୀମାନେ ଆତଯାତ ହେଉଛନ୍ତି । ମୋ ପ୍ରାଣ ପୁଲକିତ ହୋଇଗଲା । ମୁଁ ଘରକୁ ଫେରିଆସିଲି । ସେତେବେଳେ ମୁଁ ସୁବର୍ଣ୍ଣପୁର ଏମ୍‌ଇ ସ୍କୁଲରେ ପଢ଼ୁଥିଲି । ମୋ ବାପା ସେଠି ଚାକିରି କରୁଥିଲେ । ତେବେ ନଦୀରୁ ଗାଧୋଇ ମୁଁ ଫେରି ଆସିଲା ପରେ ୧୯୪୫ ମସିହା ମାର୍ଚ୍ଚ ୨୧ ତାରିଖରେ ପ୍ରଥମ କବିତା 'ପ୍ରଭାତ' ଲେଖିଥିଲି । ଏହି କବିତା ଲେଖିବାର ୨ରୁ ୪ ଘଣ୍ଟା ପରେ ମୋତେ ପୁଣି ସ୍ପୃହା ଆସିଲା ଆଉ ଗୋଟିଏ କବିତା ଲେଖିଲି । ସେହି ବୟସରେ ଏମିତି ଘନ ଘନ କବିତା ଲେଖିବା ଆରମ୍ଭ ହେଲା । ହାଇସ୍କୁଲ ପଢ଼ିବା ପର୍ଯ୍ୟନ୍ତ ମୁଁ ବହୁତ କବିତା ଲେଖୁଥିଲି । ମୁଁ ଯେତେବେଳେ କଟକରେ ଆସି ରେଭେନ୍ସା କଲିଜିଏଟ୍ ସ୍କୁଲରେ ପାଠ ପଢ଼ିଲି, ସେତେବେଳେ ୧୯୪୫ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥାଏ । ଆମେ ପିଲାଦିନୁ ବିଶ୍ୱଯୁଦ୍ଧ କ'ଣ ଜାଣି ନଥିଲୁ । ତେବେ ବିଶ୍ୱ ଚିନ୍ତା ମନରେ ପିଲାଦିନୁ ରହିଥିଲା । ବିଶ୍ୱଯୁଦ୍ଧ ଉପରେ ମୁଁ କବିତା ମଧ୍ୟ ଲେଖିଥିଲି ଛୋଟ ବୟସରେ । ଏହି ସବୁ କଥା ମୋର କବିତ୍ୱକୁ ଜାଗ୍ରତ କଲା । କବିତ୍ୱ ଜାଗ୍ରତ ହେଲା ପରେ ମୁଁ କହିଲି କବିତାର ଲକ୍ଷ୍ୟଟା କ'ଣ? କବିତାର ଲକ୍ଷ୍ୟ କେବଳ ପ୍ରକୃତିର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାରେ ସୀମିତ ରହିବ ନା ସଂସାରର ବାସ୍ତବତା ବିଷୟରେ ସୀମିତ ରହିବ? ଦେଶ ଦେଶ ମଧ୍ୟରେ ଯୁଦ୍ଧ ହେଉଛି । ଲକ୍ଷ ଲକ୍ଷ ଲୋକ ମରି ଯାଉଛନ୍ତି । ରୋଗରେ ମରୁଛନ୍ତି, ପ୍ରାକୃତିକ ବିପର୍ଯ୍ୟୟରେ ମରୁଛନ୍ତି - ଏଗୁଡ଼ିକ ବିଷୟରେ ନ ଲେଖି ଖାଲି "ଆକାଶ ଦିଶେ କି ସୁନ୍ଦର, ତାହାକୁ ରଚିଲେ ଈଶ୍ୱର" ଏହାରି ଉପରେ ଆମେ କବିତା ଲେଖୁଥିବା କି? ମୁଁ ମୋର ଧାରା ପରିବର୍ତ୍ତନ କଲି । ମୋର ଲେଖା ଧାରା ପରିବର୍ତ୍ତିତ ହୋଇଗଲା । ତା'ପରେ ମୁଁ ରେଭେନ୍ସା କଲେଜକୁ ଆସିଲି ବିଜ୍ଞାନ ପଢ଼ିବାକୁ । ବିଜ୍ଞାନରେ ନାମ ଲେଖାଇଲି । ତେଣୁ ଜଣେ ବୈଜ୍ଞାନିକ ହେଲି । ମଝିରେ ଡାକ୍ତରୀ ପଢ଼ିବାକୁ ଯାଇଥିଲି, କଲେଜରେ ୬ ମାସ ପାଠ ପଢ଼ିଥିଲି । ଥରେ ମୋର ପିଉସୀ ନାନୀଙ୍କ ଶବ ବ୍ୟବଚ୍ଛେଦ କରିବାକୁ ପଡ଼ିଲା । ମୁଁ କରିପାରିଲି ନାହିଁ, ତେଣୁ ଅଧାରୁ ପାଠ ପଢ଼ା ଛାଡ଼ି ଦେଲି । ତା'ପରେ ବିଜ୍ଞାନ ପଢ଼ିବାକୁ ଆସିଲି, ପ୍ରାକ୍ଟିକାଲ ଅଭିଜ୍ଞତା ମୋର ବହୁତ ଆସିଲା ।

କଟକ ସହର ଭିତରେ ପିଲାଦିନେ ବୁଲି ବୁଲି ସ୍କୁଲରେ ପଢ଼ିବାରେ ମୋର ଗୋଟେ ପ୍ରାକ୍ଟିକାଲ୍ ଧାରଣା ହୋଇଯାଇଥିଲା ମଣିଷ ଜୀବନ କ'ଣ ? କେଡ଼େ ଅସ୍ଥାୟୀ ଏ ଜୀବନ? ସାମାଜିକ ଜୀବନ କ'ଣ? ଏଠି ହିନ୍ଦୁ ମୁସଲମାନମାନେ ଏକାଠି ଚଳୁଛନ୍ତି । ପୁଣି ହଠାତ୍ ଗଣ୍ଡଗୋଳ ଆରମ୍ଭ ହୋଇ ଏ ତାକୁ ମାରିଲା, ସେ ତାକୁ ମାରିଲା । ଏହି ଅବସ୍ଥାଗୁଡ଼ିକ ଦେଖିଲା ପରେ ମୋ' ଭିତରେ ଗୋଟେ ଦାର୍ଶନିକ ଚିନ୍ତା ଖେଳିଲା । ଥରେ ଗୋଟିଏ ଘଟଣା ଘଟିଲା । ଯାହା ଫଳରେ ମୋ' ଭିତରେ ଗୋଟେ ପ୍ରତିକ୍ରିୟା ଜାତ ହେଲା । ମୁଁ କହିଲି ଈଶ୍ୱରଙ୍କୁ ଦର୍ଶନ ନ କଲେ ଜୀବନ ରକ୍ଷା କରିବି ନାହିଁ । ପ୍ରାୟ ବର୍ଷେ ପର୍ଯ୍ୟନ୍ତ ଏହି ଘଟଣା ଘଟିଲା । ସବା ଶେଷରେ ମୁଁ ମରିବି ବୋଲି ସ୍ଥିର କରିଥିଲି । କିନ୍ତୁ ଗୁରୁକୃପାରୁ ମୁଁ ବଞ୍ଚିଗଲି । ଏସବୁ କଥା ମୋ ଆତ୍ମଜୀବନୀରେ ଲେଖିଛି । ଏହି ସବୁ ଘଟଣା ଯେତେବେଳେ ମଣିଷ ଜୀବନରେ ଘଟେ ତା'ର ଅନ୍ତରାତ୍ମାରେ ଅନେକ ପରିବର୍ତ୍ତନ ଆସେ । ସେ ଅନେକ ଦର୍ଶନ ପାଏ, ଯେଉଁ ଦର୍ଶନ ସାଧାରଣ ଲୋକ ପାଇପାରିବେ ନାହିଁ । ସାଧାରଣ ଜୀବନରେ ଘଟଣା ନଘଟିଲେ, ତୁମେ ଦାର୍ଶନିକ ହୋଇପାରିବ ନାହିଁ । ଦାର୍ଶନିକତା ମୋତେ ସାହିତ୍ୟିକ କରାଇଲା । ମୋର ପ୍ରଥମ ବୃହତ୍ ଉପନ୍ୟାସ ଯାହାକି ଆଜି କାଳଜୟୀ ଉପନ୍ୟାସରେ ପରିଣତ ହେଲା, ତାହାର ନାଁ ହେଉଛି 'ନର କିନ୍ନର' । ୧୯୬୨ ମସିହା ଅକ୍ଟୋବର ୨୪ ତାରିଖରେ ଏହି ବହି ବାହାରିଥିଲା । ଆଜି ପର୍ଯ୍ୟନ୍ତ ଏହି ପୁସ୍ତକଟି ଉଜ୍ଜୀବିତ ହୋଇ ରହିଛି । ବିଭିନ୍ନ ସ୍କୁଲ, କଲେଜର ପାଠ୍ୟପୁସ୍ତକ ଭାବେ ପ୍ରଚଳିତ ହୋଇଛି । ବିଶ୍ୱସ୍ତରୀୟ ସାହିତ୍ୟର ମର୍ଯ୍ୟାଦା ପାଇଛି । ଏହା ପରେ ମୁଁ ମୋ ଜୀବନରେ ଅନେକ ବହି, ଘଟଣା ଲେଖିଛି । 'କରଞ୍ଜିଆ ଡାଏରୀ' ଲେଖିଛି । ମୟୂରଭଞ୍ଜରେ ଗୁଣି, ଗାରେଡ଼ି, ତନ୍ତ୍ର ମନ୍ତ୍ର, ଭୂତପ୍ରେତ ଏମାନଙ୍କ ବିଷୟରେ ଗବେଷଣା କରି ଲେଖିଛି । କେମେଷ୍ଟ୍ରି ବା ରସାୟନ ବିଜ୍ଞାନର ପ୍ରଫେସର ଥିଲି । ବିଜ୍ଞାନ ଶିକ୍ଷା ମୋର ଅନ୍ତରକୁ ପରିବର୍ତ୍ତିତ କଲା । ଜୀବନରେ ଲେଖକ ଭାବରେ ବିଭିନ୍ନ ବିଷୟରେ ବହୁତ ସ୍ଥାନରେ ଶହ ଶହ ବକ୍ତୃତା ଦେଇଛି । ବିଭିନ୍ନ କଲେଜରେ ଅଧ୍ୟକ୍ଷ ଭାବେ ପ୍ରଶାସନିକ ଦାୟିତ୍ୱ ତୁଲାଇଛି । ଡେପୁଟି ଡାଇରେକ୍ଟର, ଅନ୍ତର୍ଜାତୀୟ ସ୍କିଲ୍ ପରିଚାଳନା କରିଛି ।

ଜୀବନର ଅଭିଜ୍ଞତା ଏକାଠି ହୋଇ ମୋ ଜୀବନକୁ ଗଢ଼ିଛି । ଯାହା ଫଳରେ ମୁଁ ଗମ୍ଭୀର ଭାବେ ବିଭିନ୍ନ ବିଷୟରେ ଚିନ୍ତା କରେ । ଆଉ ପରବର୍ତ୍ତୀ ସମୟରେ ତାହାକୁ ସାହିତ୍ୟରେ ପରିଣତ କରେ । ଲେଖିବା ହେଉଛି ନିଜକୁ ଆତ୍ମପ୍ରକାଶ କରିବା ଛଡ଼ା ଆଉ କିଛି ନୁହେଁ । କେବଳ ନିଜ ଭିତରେ ଯେଉଁ ଚିନ୍ତା ଉଠୁଛି, ଲହଡ଼ି ଉଠୁଛି ତାହାକୁ ପ୍ରକାଶ କରିବା ସାହିତ୍ୟିକର କର୍ତ୍ତବ୍ୟ । ସେ ଚିନ୍ତା ସାମାଜିକ ଘଟଣାବଳୀ ହୋଇପାରେ କିମ୍ବା ବିଶ୍ୱ ଚିନ୍ତନ ହୋଇପାରେ । ମଣିଷର ଆତ୍ମଦର୍ଶନ, ମୁଁ କିଏ, ଭଗବାନ ଅଛନ୍ତି କି ନାହିଁ - ଏହି ସବୁ ଚିନ୍ତାଧାରାରୁ ସାହିତ୍ୟ ସୃଷ୍ଟି ହୁଏ । ■

# ସଙ୍ଗୀତର ଅରଣ୍ୟରେ




## ଅପର୍ଣ୍ଣା ମହାନ୍ତି

ସଙ୍ଗୀତର ଅରଣ୍ୟରେ
ପକ୍ଷୀଟିଏ, ହୁଏ ବାଟବଣା ।

ଆନନ୍ଦ ଓ ବେଦନାର
ଆରୋହ ଅବରୋହରେ
ଥରକୁ ଥର...
ହଜାଇ ଖୋଜୁଥାଏ ସେ
କେଉଁ ଏକ ଅଜ୍ଞାତ ଠିକଣା ।

କେତେ ବାରିଧାରା
କେତେ ନିଦାଘର ତାପ
କେତେ ଶିଶିର ସନ୍ତାପ
ଋତୁ ପରେ ଋତୁ ବଦଳୁଥାଏ,




ଧୀରେ ଧୀରେ କ୍ଳାନ୍ତ ହେଉଥାଏ,
ଗୋଟିକରେ ମୁକ୍ତି
ଆରଟିର ବନ୍ଧନର
ଭାର ବହିବହି
ଉଡୁଥିବା ସେ ପକ୍ଷୀର
ଅନ୍ୱେଷା ବିଭୋର ଦୁଇଡ଼େଣା

ଜୀବନମରଣ ସୁରେ ସୁରେ
ଯାତ୍ରା ସଙ୍ଗୀତ ଗାଉଥାଏ
ଅନବରତ କେହିଜଣେ ।
ଉଚାଟ, ଉଚ୍ଛନ୍ନ କରେ ପକ୍ଷୀକୁ...
କାହିଁକି ଗାଉଥାଏ
କାହା ପାଇଁ ଗାଉଥାଏ
ନିରନ୍ତର...!!
ସେ କଥା ତାରୁ ହିଁ କେବଳ
ଥାଏ ଜଣା... । ■

ଗ୍ରା:/ପୋ: କପାଳେଶ୍ୱର
ଠାକୁରପାଟଣା, କେନ୍ଦ୍ରାପଡ଼ା
ପିନ୍ - ୭୫୪୨୫୦

# ଭୋକିଲା





## ସତ୍ୟନାରାୟଣ ଗନ୍ତାୟତ

ଭାତ ଜାଉ ହୋଇଗଲା ?
ତ' ବାଢ଼ି ଦିଅ
ଖାଇ ଯିବି ମୁଁ
ଚାଖିବାକୁ ଟିପେ ଲୁଣ ଅଛିଟି ?
ସେଇ ଖୁବ୍ !

କ'ଣ କହିଲ ?
ତରକାରି ଲୁଣିଆ ହୋଇ ଯାଇଛି
କେହି ଖାଉ ନାହାନ୍ତି ?
ତ' ମୋତେ ଦେଉନା
ଚାଟିଚୁଟି ଖାଇଯିବି !
ଡାଲି ବି ପାଣିଆ ହୋଇ ଯାଇଚି
ମୋତେ ଦିଅ, ଗୋଳାଇବା ସହ
ପିଇ ଯିବି ବି !

ହେଇଟି କହି ଦେଉଛି
କେବେ ରୁଟି ପୋଡ଼ିଗଲେ ବି
ରଖି ଦେଇଥିବ ମୋ' ପାଇଁ !!
ଏଇ ତମ ଘରପାଖ ବସ୍ତି ଶେଷରେ
ଜଣକ ପିଣ୍ଡା ହିଁ ଠାବ ମୋର
ନିଇତି ସଞ୍ଜରେ ଆସି ଯାଉଥିବି
ତମଠୁ ଏମିତି କିଛି ନା କିଛି ପାଇବା ଆଶାରେ !

ଜାଣି ପାରୁଥିବ ମୋ' ପେଟରେ
ଜଳୁଥାଏ ଭୋକ ହୁତହୁତ ହୋଇ
ଲୁଣିଆ ପାଣିଆ ପୋଡା ସଢା
ସବୁ କିଛି ଅମୃତୋପମ ମଣି
ସେ ନିଆଁ ଲିଭାଏ ତେଣୁ
ସବୁ କିଛି ଖାଇ !!

ଭୋକର ଜ୍ୱାଳାରେ
ଭୋକିଲା ମୁଁ
ଏଇମିତି ସବୁବେଳେ
ପେଟ ଚାଖଣ୍ଡକ ପାଇଁ !! ■

'ସୁହାସିତମ୍', କସ୍ତୁରୀ ନଗର
ରାୟଗଡ଼ା, ପିନ୍: ୭୬୫୦୦୧
ମୋ: ୯୪୩୭ ୯୦୯ ୬୭୫

# ମୁକ୍ତି



## ସୁଚରିତା ବେହେରା



ରବିବାର ହେଲେ ସେ ସ୍ତ୍ରୀ ଲୋକଟି ଆସେ ତାଙ୍କ ଗଳିକୁ । ଶାଳପତ୍ର ଓ କାଠି ବିକ୍ରି କରିବାକୁ । ଖାଲି ତାଙ୍କ ଗଳି କାହିଁକି, ଏମିତି ଅନେକ ଗଳି ବୁଲେ ସେ । ସମ୍ବେଦନା ଦେଖେ ତାକୁ ଛାତ ଉପରୁ । ଖବରକାଗଜ ଓ କଫି ମଗରୁ ସ୍ୱତଃସ୍ଫୂର୍ତ୍ତ ଭାବେ ତା' ନଜର ଚାଲିଯାଏ, ସେ ସ୍ତ୍ରୀ ଲୋକଟି ଆଡ଼େ । ସାବନା ବର୍ଣ୍ଣ, ପତଳା ହେଇ ଡେଙ୍ଗା ସ୍ତ୍ରୀ ଲୋକଟି । ମୁଣ୍ଡରେ କାଠିବିଡ଼ା, ହାତରେ ଶାଳପତ୍ର ଭର୍ତ୍ତି ବ୍ୟାଗ୍ । ପାଦରେ ପୁରୁଣା ସ୍ଲିପର୍ ସହିତ ରଙ୍ଗଛଡ଼ା ସୂତା ଶାଢ଼ି ଖଣ୍ଡେ ପିନ୍ଧି ମୁହଁ ଦେହ ଝାଳରେ ସମ୍ପୂର୍ଣ୍ଣ । ତାକୁ ଦେଖିଲେ ସମବେଦନାରେ ସମ୍ବେଦନାର ମନ ବତୁରି ଯାଏ । ଆହାଃ କେତେ ପରିଶ୍ରମ କରୁଛି ସେ! ଆଶ୍ଚର୍ଯ୍ୟ ବି ହୁଏ ବର୍ତ୍ତମାନ ଯୁଗରେ କ'ଣ ଏହାର ଆବଶ୍ୟକତା ଅଛି! କିଏ କିଣୁଥିବ ଏସବୁ । କିନ୍ତୁ ନିଜେ ସମ୍ବେଦନା କିଣେ । କାହିଁକି କିଣେ ତା' ଉତ୍ତର ସେ ଖୋଜିନି ।

କିଛି ସମୟ ପରେ ଗେଟ୍ ଖୋଲି ଭିତରକୁ ପଶିଆସିଲା ସେ । ମୁଣ୍ଡ ଉପରୁ କାଠିବିଡ଼ାତକ ତଳେ ଥୋଇଦେଇ ପୋର୍ଟିକୋରେ ବସିପଡ଼ିଲା । ଏବେ ଆଉ ଅନୁମତିର ଆବଶ୍ୟକତା ହୁଏନି ।

"ଦିଦି, ଆଜି ଥକିଗଲି..., କିଛି ସମୟ ବସିକି ଯିବି ।"

"ବସୁନୁ... ।" ସମ୍ବେଦନା ପାଣି ଗ୍ଲାସଟେ ବଢ଼େଇ ଦେଇ କହିଲା ।

"ତୁମେ ସବୁଥର କିଣ ବୋଲି ମୁଁ ଆଉ ପଚାରେନି... ।" ବ୍ୟାଗରୁ ଶାଳପତ୍ର ବିଡ଼ାଟି କାଢ଼ି ସମ୍ବେଦନା ହାତକୁ ବଢ଼େଇ ଦେଉ ଦେଉ କହିଲା । ସମ୍ବେଦନା ସାମାନ୍ୟ ହସି ତା'ଠୁ ଶାଳପତ୍ର ବିଡ଼ାଟି ନେଇ ପଇସା ବଢ଼େଇ ଦେଲା ।

ବେଶ୍ କିଛି ଦିନ ହେଲାଣି ସମ୍ବେଦନା ସହିତ ତା' ଚିହ୍ନା ପରିଚୟ । ସ୍ତ୍ରୀ ଲୋକଟିର ନାମ କମଳା । ଆଗରୁ ବେଶୀ କଥା କହୁନଥିଲା । କେବଳ ଅନୁରୋଧ କରୁଥିଲା ତା' ଜିନିଷ କିଣିବାକୁ । ଏବେ ଆସିଲେ ସପ୍ତାହ ସାରାର କଥା ଗପେ । କେମିତି ଏବେ ଶାଳପତ୍ର ଆଣିବାକୁ ଜଙ୍ଗଲକୁ ଗଲେ ତାକୁ ଗୁଡ଼ାଏ ବାଟ ଯିବାକୁ ହୁଏ, ସେଥିରେ ଫରେଷ୍ଟ ଗାର୍ଡର ତାଗିଦ, ଘରେ ପୁଅର ଦୁଷ୍ଟାମୀ କଥା, ମା'ର ଔଷଧ ପାଇଁ କେତେ ହଇରାଣ ହେଲା.... ସବୁ ଅମୂଳଚୂଳ ଅନର୍ଗଳ ଗପେ । ସେ ଭିତରେ ତା' ନିର୍ଯାତିତ ଅତୀତର ପୃଷ୍ଠାଗୁଡ଼ିକ ବି ଖୋଲି ହୋଇଯାଏ । ଶାଶୁ ଶଶୁରଙ୍କ ଅକଥନୀୟ ଅତ୍ୟାଚାର ସହିତ ସ୍ୱାମୀର ପରୋକ୍ଷ ସମର୍ଥନ କଥା କହିଲା ବେଳେ ତା' ଅନ୍ତରର ବେଦନାକୁ ଖୁବ୍ ଭଲଭାବେ ଅନୁଭବ କରେ ସମ୍ବେଦନା । ସାନ୍ତ୍ୱନା ଦିଏ ତାକୁ ଧୈର୍ଯ୍ୟ ରଖିବାକୁ ।

ସମ୍ବେଦନା ବେଳେ ବେଳେ ମନ ଦେଇ ଶୁଣେ ତା' କଥା...କେତେବେଳେ ଅନ୍ୟମନସ୍କ ବି ହୁଏ, କିନ୍ତୁ କେବେ ମଝିରୁ ତା' କଥା କାଟେନି । କହୁ ଯାହା କହିବା କଥା । ଅନ୍ତତଃ ତା' ମନ ହାଲକା ହେଇଯିବ । ଏଇ ଧାଁ ଦଉଡ଼ ଦୁନିଆରେ କିଏ ଅଛି କାହା କଥା ଶୁଣିବାକୁ । ସମସ୍ତେ ଯେଝା ଦୁନିଆଁରେ ବ୍ୟସ୍ତ । ସମ୍ବେଦନା ବି ତ ବେଳେ ବେଳେ ନିଜ ଲୋକଟିଏ ଖୋଜି ପାଏନି, ଯିଏ ତା' ମନ କଥା ଶୁଣିବ, ବିନା କୌଣସି ସର୍ତ୍ତରେ... ।

"ତତେ କିଛି କହିବି କମଳା... ।" ସାମାନ୍ୟ ଦ୍ୱିଧାର ସହ ସମ୍ବେଦନା କହିଲା ।

"କହୁନ ଦିଦି... ।"

"ତୋ' ସ୍ୱାମୀ ସହିତ କଥାବାର୍ତ୍ତା କରି ଶାଶୂଘରକୁ ଗଲେ ହୁଅନ୍ତାନି...?"

"ଶାଶୁ ଘରକୁ ଗଲେ ମତେ କ'ଣ ମିଳିବ ଦିଦି ?" ବଡ଼ ବଡ଼ ଆଖିରେ ଆଶ୍ଚର୍ଯ୍ୟ ହେଇ ସମ୍ବେଦନାକୁ ଓଲଟା ପ୍ରଶ୍ନ କଲା କମଳା ।

"ମୁକ୍ତି... ଏଇ ହାଡ଼ଭଙ୍ଗା ପରିଶ୍ରମରୁ ତ ତତେ ମୁକ୍ତି ମିଳିବ ।"

ଏଥର ସମ୍ବେଦନା କଥାରେ ହସିଲା କମଳା... । କିଛି ସମୟ ପରେ ଦୃଢ଼ ଅଥଚ ନିର୍ଭୀକ ସ୍ୱରରେ କହିଲା "ପରିଶ୍ରମକୁ ଡରି ମୁଁ ଯିବି ସେଠି ଗାଳି ମାଡ଼ ଖାଇବାକୁ... କେବେ ନୁହେଁ! କାମ ତ ସେଠିବି କରୁଥିଲି, ଏଠିବି କରୁଛି...କିନ୍ତୁ ତଫାତ୍ କ'ଣ ଜାଣିଛ ଦିଦି..., ଏଠି ଶାନ୍ତି ଅଛି, ସ୍ୱାଧୀନତା ଅଛି... ।"

କମଳାର ଶେଷ ବାକ୍ୟଟି ସମ୍ବେଦନାକୁ ଅନେକ କିଛି ଭାବିବାକୁ ବାଧ କରିଥିଲା... । ■

ଫ୍ଲାଟ ନମ୍ବର-ଏଲ୍-୭୦୨
ଜସ୍ମିନ ଗ୍ରୋଭ, ଗାଜିଆବାଦ, ଉତ୍ତର ପ୍ରଦେଶ

# ପୁସ୍ତକ ପରିଚୟ

## ସ୍ମୃତିର ରଙ୍ଗ

ସଂପାଦନା
ଉମାକାନ୍ତ ମହାନ୍ତି
ହଂସନାଥ ମୁଦୁଲି



ଏକାମ୍ର ସାହିତ୍ୟ ସଂସଦ
ଡୁମଡୁମା (କ), ଖଣ୍ଡଗିରି
ଭୁବନେଶ୍ୱର
ପ୍ରଥମ ପ୍ରକାଶନ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

ଉମକାନ୍ତ ମହାନ୍ତି ଓ ହଂସନାଥ ମୁଦୁଲିଙ୍କ ସଂପାଦନାରେ ପ୍ରକାଶ ପାଇଛି ଏକାମ୍ର କବିତା ସମ୍ଭାର-୨୦୨୫ 'ସ୍ମୃତିର ରଙ୍ଗ' । ଏହି ପୁସ୍ତକରେ ଓଡ଼ିଆ ସାହିତ୍ୟ ଜଗତର ୯୮ ଜଣ ବରିଷ୍ଠ ଓ ଯୁବ ଲେଖକଙ୍କ ହୃଦୟସ୍ପର୍ଶୀ କବିତା ସଂକଳିତ ହୋଇଛି । ବୃନ୍ଦାବନ ଜେନାଙ୍କ 'ଅନ୍ଧକାରେ ଯା'ରେ ଆଦରି ନେଲି ମୁଁ', ସଂଗ୍ରାମ କେଶରୀ ମହାନ୍ତିଙ୍କ 'ନୋଳିଆ ଝିଅ', ଡକ୍ଟର ମନସ୍ୱିନୀ ଦାଶଙ୍କ 'କୁଆଡ଼େ ଗଲା ମୋ ଗାଆଁ', ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କ 'ତୁମେ କେବେ ଆସିବ', ଭିକାରୀ ଧଳଙ୍କ 'ପାଉଁଶ ତଳର ଧାସ', ଉମାକାନ୍ତ ରାଉତ (ଅରୂପ) ଙ୍କ 'ଗାଆଁ ଗୀତ', ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକଙ୍କ 'ସୁନା ହରିଣୀର ମାୟା', ମୀନାକ୍ଷୀ ସିଂହଙ୍କ 'ସ୍ମୃତି', ହଂସନାଥ ମୁଦୁଲିଙ୍କ 'ନିଆଁ ପରା ମୁଁ ଏଠି', ଗୋସ୍ୱାମୀ ଗୋଲାମ ଦେବତାଙ୍କ 'ଶେଷର ଆରମ୍ଭ', ମାନସରଞ୍ଜନ ମହାପାତ୍ରଙ୍କ 'ନିଜର ବିଚିତ୍ର ଜୀବନ', ଶୈଳବାଳା ମହାପାତ୍ରଙ୍କ 'ବନ୍ଧୁ', ମୌସୁମୀ ଦାସଙ୍କ 'ଛାଇର ଦୈର୍ଘ୍ୟପ୍ରସ୍ଥ', ଗୌର ପଟ୍ଟନାୟକଙ୍କ 'କ୍ରୀତଦାସ' ଆଦି କବିତାରେ ମାନବୀୟ ଭାବାବେଗ, ମନୋରମ ଗ୍ରାମ୍ୟ ପରିବେଶ, ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । ସେହିପରି ବାବାଜୀ ଚରଣ ଜେନା, ଡକ୍ଟର ଲିଙ୍ଗରାଜ ରଥ, ଚମକ ଚାନ୍ଦିନୀ ଦାଶ,ସର୍ବାଣୀ ଦାସ, ଗୋଲକ ବିହାରୀ ଆଚାର୍ଯ୍ୟ ପ୍ରମୁଖଙ୍କ କବିତାଗୁଡ଼ିକ ମାର୍ମିକ ହୋଇଛି । 'ସ୍ମୃତିର ରଙ୍ଗ'ରେ ସଂକଳିତ କବିତାଗୁଡ଼ିକର ଭାବ, ଭାଷା, ଉପସ୍ଥାପନା ଶୈଳୀ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଛି । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ଗେଣ୍ଡୁଲି କରୁଛି ଠାକୁର ପୂଜା

କୁନ୍ତଳା ମହାପାତ୍ର




ଆଷାଢ଼
ଆନନ୍ଦ ବଜାର, ମଧ୍ୟଶାସନ
ଜଗତସିଂହପୁର
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୭୫ ଟଙ୍କା

"ପରିଶ୍ରମ କରି ଧନ ଅରଜିବା/ ଯେତେ କଷ୍ଟ ଆସୁ ପଛେ ହେ,/ ଜୀବନେ କର୍ମକୁ ଫାଙ୍କିବାନି କେବେ/ କର୍ମେ ନର ଜିଇଁ ଥାଏ ଯେ ।" (କର୍ମେ ନର ଜିଇଁ ଥାଏ ଯେ) ପ୍ରକୃତରେ ପରିଶ୍ରମ ବିନା ଧନ ଅର୍ଜନ କରିବା ଅସମ୍ଭବ । ଜୀବନରେ ଯେତେ ଦୁଃଖ, କଷ୍ଟ ଆସୁପଛେ କର୍ମ କରିବା ଆବଶ୍ୟକ । କାରଣ କର୍ମ ହିଁ ମଣିଷକୁ ଜୀବନ ବଞ୍ଚିବା ପାଇଁ ପ୍ରେରଣା ଦିଏ । ଏଭଳି ବାସ୍ତବ ଓ ପ୍ରେରଣାପ୍ରଦ ବାର୍ତ୍ତା ରହିଛି କୁନ୍ତଳା ମହାପାତ୍ରଙ୍କ 'ଗେଣ୍ଡୁଲି କରୁଛି ଠାକୁର ପୂଜା' ପୁସ୍ତକର କବିତାଗୁଡ଼ିକରେ । ଏହି ଶିଶୁ କବିତା ପୁସ୍ତକରେ ସନ୍ନିବେଶିତ 'ଗେଣ୍ଡୁଲି କରୁଛି ଠାକୁର ପୂଜା', 'ପାଠକୁ ଆପଣାଇ', 'ସର୍ବେ ହେଲେ ଏକଯୁଟ', 'ଶୁଭ ସାହାନାଇ', 'କର୍ମରେ ସଭିଏଁ ଲାଗିଲେ', 'କୋଇଲିର କୁହୁନାଦ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି । ସେହିପରି 'ଦୀପାବଳୀ', 'ଦଶହରା ପୂଜା ଆସିଲାଣି', 'ପାର୍ବଣ ତ ଧୀରେ ଆସିଲାଣି' ଆଦି କବିତାରେ ଆମ ସଂସ୍କୃତି, ପରମ୍ପରାର ଚିତ୍ର ପ୍ରତିଫଳିତ ହୋଇଛି । ସେଭଳି 'କଦମ୍ବ ଫୁଲଟି ଫୁଟିଲା', 'ଗଛ ଦିଅନା ହାଣି', 'ଫଗୁଣ ମାସ ଆସିଲା', 'ଗଛ ଲଗାଇବା ପରା', 'ଆକାଶେ ବରଷା ଦେଖି', 'ଟାଣ ଖରା ପରା' ଆଦି କବିତାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପ୍ରକୃତିର କୋପ କଥା ବର୍ଣ୍ଣନା କରାଯାଇଛି । କବିତାଗୁଡ଼ିକର ସରଳ ଓ ବୋଧଗମ୍ୟ ଭାଷା, ଛଳ ଛଳ ଭାବ, ନିରାଡ଼ମ୍ବର ଉପସ୍ଥାପନା ଶୈଳୀ କୁନି କୁନି ପିଲାମାନଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଏ । ■

## ମେଷପାଳକ

ପ୍ରକାଶ ମହାନନ୍ଦିଆ




କମ୍ୟୁନିକେସନ୍ ପବ୍ଲିକେସନ୍
ଅରବିନ୍ଦ ନଗର, ଜୟପୁର
କୋରାପୁଟ
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୧୨୦ ଟଙ୍କା

ନିଜ ସନ୍ତାନସନ୍ତତିମାନଙ୍କୁ ସମାଜର ଜଣେ ଉତ୍ତମ ମଣିଷ କରିବା ପ୍ରତ୍ୟେକ ପିତାମାତାଙ୍କ କର୍ତ୍ତବ୍ୟ ଓ ଗୁରୁଦାୟିତ୍ୱ । ତେବେ ଏହି ଗୁରୁଦାୟିତ୍ୱ ତୁଲାଇବା ବହୁ କଷ୍ଟକର । ଏହାଠାରୁ ବଳି ଆହୁରି କଷ୍ଟକର ହେଉଛି ଯୁବକଯୁବତୀମାନଙ୍କୁ ଶୃଙ୍ଖଳାର ବନ୍ଧନରେ ବାନ୍ଧି ରଖିବା । ସେହିପରି ଅରକ୍ଷିତ ମେଷମାନଙ୍କୁ ଉତ୍ତମ ସ୍ଥାନରେ ଚରାଇବା ମେଷପାଳକମାନଙ୍କ ପାଇଁ ବଡ଼ ଆହ୍ୱାନ । ପ୍ରଭୁଙ୍କର ମେଷମାନଙ୍କୁ ଉତ୍ତମ ଶିକ୍ଷା ଓ ଆଦର୍ଶରେ ପ୍ରତିପାଳନ କରିବା ମଧ୍ୟ ବଡ଼ ଚ୍ୟାଲେଞ୍ଜ । ପ୍ରଭୁ ଯୀଶୁ ଜଣେ ଉତ୍ତମ ମେଷପାଳକ । ଆପଣା ପଲମାନଙ୍କ ପାଇଁ ସେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ଯୀଶୁଙ୍କ ବଳିଦାନକୁ ଏ ଜାତି କେବେ ହେଲେ ଭୁଲି ପାରିବ ନାହିଁ । ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ଥିବା କେତେ ଜଣ ବିଶପଙ୍କ ତ୍ୟାଗପୂତ ଜୀବନକୁ ନେଇ ପ୍ରକାଶ ପାଇଛି ପ୍ରକାଶ ମହାନନ୍ଦିଆଙ୍କ ରଚିତ 'ମେଷପାଳକ' ପୁସ୍ତକ । ଏହି ପୁସ୍ତକରେ 'ନ୍ୟାୟ ଓ ଦୟାର ଆଦର୍ଶ ମେଷପାଳକ ବିଶପ ଡ.ଯାକୁବ ନାଗ', 'ନିର୍ମଳ ଭାବମୂର୍ତ୍ତିର ବ୍ୟକ୍ତିତ୍ୱ ବିଶପ ଅବିନାଶ ଚନ୍ଦ୍ର କନ୍ଦପାନ', 'ଦଳିତ ଓ ଅବହେଳିତ ମାନବର ଆଶାର ଆଲୋକ ବିଶପ ଆନ୍ଥନ ଆଶା', 'ମିଳନ ଓ ଶାନ୍ତିର ବାର୍ତ୍ତାବାହକ ବିଶପ ଥିଓଫିଲାସ ଚେଟୀ', 'ଈଶ୍ୱରଙ୍କ ବିଶ୍ୱସ୍ତ ଦାସ ବିଶପ ବିଜୟ ଦାସବାଘ' ପ୍ରମୁଖ ୧୧ ଜଣ ଜୁ.ଇ.ଲୁ.ମ.ବିଶପମାନଙ୍କ ଜୀବନ, ସ୍ୱପ୍ନ, ବ୍ୟଥା, ବେଦନା, ସଫଳତାର କଥା ବର୍ଣ୍ଣନା କରାଯାଇଛି । ଧର୍ମପରାୟଣ ବ୍ୟକ୍ତିତ୍ୱଙ୍କୁ ଭଲ ପାଉଥିବା ପାଠକମାନଙ୍କୁ ଏହି ପୁସ୍ତକଟି ପ୍ରେରଣା ଦେବ ବୋଲି ଆଶା କରାଯାଏ । ■

# ବାହୁଡ଼ାରେ ଭିଡ଼ ନିୟନ୍ତ୍ରଣ ପାଇଁ କମାଣ୍ଡ କଣ୍ଟ୍ରୋଲ ଭେହିକଲ୍

**■ ପ୍ରବେଶ ପଥରେ ନଜର ରଖିଛି ଇଆଇ କ୍ୟାମେରା ଓ ଡ୍ରୋନ୍**
**■ ପୁରୀ ଦାୟିତ୍ୱରେ ୬ ହଜାର ପୁଲିସ, ୮୦୦ କେନ୍ଦ୍ରୀୟ ଯବାନ**

ଭୁବନେଶ୍ୱର, ୫।୭ (ସମିସ): ଗୁଣ୍ଡିଚା ଯାତ୍ରାରେ ପୁରୀରେ ଯେଉଁ ଅଘଟଣ ଘଟିଲା ବାହୁଡ଼ା ଯାତ୍ରାରେ ତାହାର ଯେପରି ପୁନରାବୃତ୍ତି ନଘଟେ ସେଥିଲାଗି ଆଜି ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ପୁଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ନିଜେ ପୁରୀରେ ରହି ସୁରକ୍ଷା ବ୍ୟବସ୍ଥା ନିଜେ ତଦାରଖ କରିଥିଲେ। ତାଙ୍କୁ ସହଯୋଗ କରିଥିଲେ ଆଉ ୪ଜଣ ଅତିରିକ୍ତ ପୁଲିସ ଡିଜି।

ଭିଡ଼ ଉପରେ ନଜର ରଖିବାକୁ ବଡଦାଣ୍ଡରେ ରଖାଯାଇଥିଲା କମାଣ୍ଡ କଣ୍ଟ୍ରୋଲ ଭେହିକଲ୍। ଏହି ଭ୍ୟାନ ଭିତରୁ ପୂରା ଭିଡ଼ ଉପରେ ନଜର ରଖିଥିଲା। ଯେଉଁ ସ୍ଥାନରେ ଭିଡ଼ ହେଉଥିଲା ନିୟନ୍ତ୍ରଣ କରିବାକୁ ତ୍ୱରିତ କମାଣ୍ଡ ମଧ୍ୟ ଦିଆଯାଉଥିଲା। ଆଜି ବାହୁଡ଼ାଯାତ୍ରା ବେଳେ ପୁରୀ ସହରରେ ଆଇନ ଶୃଙ୍ଖଳା ପାଇଁ ୬ହଜାର ରାଜ୍ୟ ପୁଲିସ କର୍ମଚାରୀ ଏବଂ ୮୦୦ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ) ଯବାନ ନିୟୋଜିତ ହୋଇଥିଲେ। ସହର ସାରା ୨୭୫ରୁ ଅଧିକ ଏଟିଆଇ-ସକ୍ଷମ ସିସିଟିଭି କ୍ୟାମେରା ଲଗାଯାଇଥିଲା। ଭୁବନେଶ୍ୱର ପ୍ରବେଶ ପଥ ଏବଂ ପିପିଲିରେ ଏଲିଡି ମାଧ୍ୟମରେ ଲୋକଙ୍କୁ ଟ୍ରାଫିକ୍ ସୂଚନା ଦିଆଯାଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ଜିଲ୍ଲାପାଳ ଚଞ୍ଚଳ ରାଣା ଏବଂ ପୁଲିସ ଅଧୀକ୍ଷକ ପିନାକ ମିଶ୍ର ଶ୍ରୀଗୁଣ୍ଡିଚା ମନ୍ଦିରରେ ନିୟୋଜିତ ହୋଇ ଦେବତାମାନଙ୍କ ରୀତିନୀତି ଉପରେ ନଜର ରଖିଥିଲେ। ପୁରୀ ବଡ଼ଦାଣ୍ଡର ରଖାଯାଇଥିବା କମାଣ୍ଡ କଣ୍ଟ୍ରୋଲ ଭେହିକିଲ ଭିଡ଼ ଉପରେ ନଜର ରଖିଥିଲା। କମାଣ୍ଡ କଣ୍ଟ୍ରୋଲ ଭେହିକଲ୍ ଭିତରେ ଅଗ୍ନିଶମ ଡିଆଇଜି ଉମା ଶଙ୍କର ଦାଶ ଉପସ୍ଥିତି ରହି ସିସିଟିଭି ମାଧ୍ୟମରେ ପୂରା ଭିଡ଼ ଉପରେ ନଜର ରଖିଥିଲେ। ଭୁବନେଶ୍ୱରରୁ ପୁରୀ ପ୍ରବେଶ ପଥ ଯାଏଁ ଟ୍ରାଫିକ୍ ଉପରେ ନଜର ରଖିଥିଲା ଏଆଇ କ୍ୟାମେରା ଓ ଡ୍ରୋନ୍। କଣ୍ଟ୍ରୋଲରୁମରୁ ଜଳ, ସ୍ଥଳ ଓ ଆକାଶମାର୍ଗ ମନିଟରିଂ କରାଯାଇଥିଲା।

## ମହାପ୍ରଭୁଙ୍କ ମାନବୀୟ ଲୀଳା | ଲକ୍ଷ୍ମୀ-ନାରାୟଣ ଭେଟ କରାଇଲେ ଗଜପତି

ପୁରୀ, ୫।୭ (ସମିସ): ଗୁଣ୍ଡିଚା ଯାତ୍ରା ଶେଷ କରି ଭାଇ-ଭଉଣୀଙ୍କୁ ସାଥୀରେ ଧରି ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡୁଥିଲେ ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ। ସେପଟେ ଶ୍ରୀମନ୍ଦିର ଚାହାଣି ମଣ୍ଡପରେ ରହି ସ୍ୱାମୀଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ ମା' ଲକ୍ଷ୍ମୀ ସାଆନ୍ତାଣୀ। ଏହି ସମୟରେ ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତାଳଧ୍ୱଜ ରଥରେ ରହିଥିଲେ ଦେଢ଼ଶୁର ବଡ଼ଠାକୁର ଶ୍ରୀବଳଭଦ୍ର। ତେଣୁ ତାଳଧ୍ୱଜ ରଥରେ ଘୋର କପଡ଼ା ଦିଆଯିବା ପରେ ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ପାଲିଙ୍କିରେ ମହାଲକ୍ଷ୍ମୀ ସିଂହଦ୍ୱାର ଦେଇ ଶ୍ରୀନଅର ନିକଟକୁ ଆସିଥିଲେ। ସନ୍ଧ୍ୟା ପ୍ରାୟ ୭ଟା ୪୦ରେ ନନ୍ଦିଘୋଷ ରଥ ଶ୍ରୀନଅର ସମ୍ମୁଖରେ ଅଟକିଥିଲା। ଗଜପତି ମହାରାଜା ଦିବ୍ୟସିଂହଦେବ ମହାଲକ୍ଷ୍ମୀ (ଶ୍ରୀଦେବୀ)ଙ୍କୁ ହାତରେ ବିଜେ କରାଇ ଆଣି ରଥାରୂଢ଼ କଳାଠାକୁରଙ୍କ ସହ ଭେଟ କରାଇଥିଲେ। ପତି ମହାପାତ୍ର ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଆଣି ଲକ୍ଷ୍ମୀ ଠାକୁରାଣୀଙ୍କୁ ପ୍ରଦାନ କରିଥିଲେ। ପରେ ପାଲିଙ୍କି ସହ ଗଜପତି ମହାରାଜା ରଥ ପରିକ୍ରମା କରି ରଥ ବାମ ପାର୍ଶ୍ୱରେ ପାରମ୍ପରିକ ରୀତିରେ ବନ୍ଦାପନା କରିଥିଲେ। ପରେ ଶ୍ରୀନଅର ସମ୍ମୁଖରେ ପନ୍ତି ଭୋଗ ସମ୍ପନ୍ନ ହୋଇଥିଲା। ପରେ ମା' ଲକ୍ଷ୍ମୀ ଠାକୁରାଣୀ ପାଲିଙ୍କିରେ ବିଜେ ହୋଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପରେ ସିଂହଦ୍ୱାର ଅଭିମୁଖେ ଗଡ଼ିଥିଲା ନନ୍ଦିଘୋଷ ରଥ।

ସୂଚନାଥାଉ କି, ବଡ଼ଦାଣ୍ଡରେ ଶ୍ରୀନଅର ସମ୍ମୁଖରେ ହେଉଥିବା ଏହି ନୀତିକୁ ଲକ୍ଷ୍ମୀ ନାରାୟଣ ଭେଟ କୁହାଯାଏ। ମହାପ୍ରଭୁଙ୍କ ମାନବୀୟ ଲୀଳାର ଏହା ଏକ ଅଂଶ।

## ଅପର କୋଲାବରେ ହେବ ଜଳକ୍ରୀଡ଼ା

ଭୁବନେଶ୍ୱର, ୫।୭ (ସମିସ): କୋରାପୁଟ ଜିଲ୍ଲା ଅପର୍-କୋଲାବ୍ ଡ୍ୟାମ୍‌ରେ ହେବ ଜଳକ୍ରୀଡ଼ା। ଆର୍ଟିଟ୍ରାଇଟ୍ ସବସିଆ ପ୍ରାଇଭେଟ୍ ଲିମିଟେଡ୍ ଏହାର ଆୟୋଜନ କରିବ। ସଂସ୍ଥା ପକ୍ଷରୁ ଏନେଇ ପୂର୍ବରୁ ଆବେଦନ କରାଯାଇଥିବା ବେଳେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଏଥିପାଇଁ ଡ୍ୟାମ୍‌ର ପାଣ୍ଠି ନାମକ ସ୍ଥାନକୁ ସୁପାରିଶ କରିଥିଲେ। ପରେ କୋଲାବ ନଗର ୟୁକେଏଚ୍‌ଡବ୍ଲୁ ଅଧୀକ୍ଷଣ ଯନ୍ତ୍ରୀ, ଏସ୍‌ଡିଓ/ଜେଇ ଏବଂ ସଂପୃକ୍ତ ଘରୋଇ ସଂସ୍ଥାର ପ୍ରତିନିଧି ମିଳିତ ଭାବେ ପାଣ୍ଠିରେ ଜଳକ୍ରୀଡ଼ା ପାଇଁ ସ୍ଥାନ ନିର୍ଦ୍ଧାରଣ କରିଛନ୍ତି। ଏହି ସ୍ଥାନ ଡ୍ୟାମ୍‌ର ଅକ୍ଷରୁ ପ୍ରାୟ ୭.୯୭ କିଲୋମିଟର ଦୂରରେ ଅବସ୍ଥିତ। ମୁଖ୍ୟଯନ୍ତ୍ରୀ ଏବଂ ବେସିନ୍ ମ୍ୟାନେଜର୍, ଇନ୍ଦ୍ରାବତୀ ଓ କୋଲାବ ବେସିନ, ବର୍ଣ୍ଣିପୁଟ ମଧ୍ୟ ଏଥିପାଇଁ ଏନ୍‌ଓସି ଜାରି କରିବାକୁ ସୁପାରିଶ କରିଛନ୍ତି। ଅପରପକ୍ଷେ ଜଳକ୍ରୀଡ଼ା ଯୋଗୁଁ ଯେପରି ଶବ୍ଦ ପ୍ରଦୂଷଣ ଓ ଜଳ ପ୍ରଦୂଷଣ ନ ହୁଏ, ତାହାକୁ ସଂପୃକ୍ତ ଘରୋଇ ସଂସ୍ଥା ସୁନିଶ୍ଚିତ କରିବାକୁ କୁହାଯାଇଛି। ପାୱାର ବୋଟିଂ ପାଇଁ ଶବ୍ଦ ସର୍ବାଧିକ ୬୦ ଡେସିବେଲରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ଜଳଚର ପ୍ରାଣୀ ଓ ପକ୍ଷୀମାନଙ୍କ ପାଇଁ ଗୁରୁତର ବାଧା ସୃଷ୍ଟି ହେବ ନାହିଁ ବୋଲି କୁହାଯାଇଛି।

## ୯ରେ ଶ୍ରମିକ ସଂଗଠନର ବନ୍ଦ ଡାକରାକୁ କଂଗ୍ରେସର ସମର୍ଥନ

ଭୁବନେଶ୍ୱର, ୫।୭ (ସମିସ): ଦେଶର ପ୍ରମୁଖ ଶ୍ରମିକ ସଂଗଠନମାନେ ୧୭ ଦଫା ଦାବି ନେଇ ଆସନ୍ତା ୯ ତାରିଖରେ ଦେଇଥିବା ବନ୍ଦ ଡାକରାକୁ ରାଜ୍ୟ କଂଗ୍ରେସ ପୂର୍ଣ୍ଣ ସମର୍ଥନ ଜଣାଇଛି। ଏନେଇ ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ଏହି ଦାବି ଯଥାର୍ଥରେ ଦେଶର ଗରିବ ଖଟିଖିଆ ଶ୍ରମିକଙ୍କଠାରୁ ଆରମ୍ଭ କରି କୃଷକ ଓ ଖାଉଟିମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଉଦ୍ଦିଷ୍ଟ। ଏହି ବନ୍ଦ ଡାକରାକୁ ରାଜ୍ୟ କଂଗ୍ରେସ ସମର୍ଥନ ଜଣାଇବା ସହ ଜିଲ୍ଲା କଂଗ୍ରେସ, ବ୍ଲକ୍, ମ୍ୟୁନିସିପାଲଟି, ଏନ୍‌ଏସି ତଥା ପଞ୍ଚାୟତରେ କଂଗ୍ରେସ ନେତୃବର୍ଗ ଓ କର୍ମୀମାନେ ଏହି ବନ୍ଦ ଡାକରାକୁ ସଫଳ କରିବା ସହ ନିଜନିଜ ଅଞ୍ଚଳରେ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିବାକୁ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି।

## ଦୁର୍ଘଟଣା ନେଲା ୨ ଜୀବନ

ଅନୁଗୋଳ, ୫।୭ (ସମିସ): ଅନୁଗୋଳ ଜିଲ୍ଲା ବନ୍ତଲା ଥାନା ତୁମୁଣି ଗ୍ରାମ ନବୋଦୟ ବିଦ୍ୟାଳୟ ସମ୍ମୁଖରେ ଶନିବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଦୁଇ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ କଟକ ଜିଲ୍ଲା ତିଗିରିଆ ବ୍ଲକ ସୁଣ୍ଡପାଳ ଗ୍ରାମର ଅମର ରାଉତ (୨୫) ଓ ପ୍ରଭାତ ରାଉତ (୨୪)। ଅମର ଓ ପ୍ରଭାତ ଝାରସୁଗୁଡ଼ା ବେଦାନ୍ତ କାରଖାନାରେ କାର୍ଯ୍ୟ କରନ୍ତି। ଶନିବାର ଉଭୟ ଏକ ବାଇକ୍‌ରେ ଝାରସୁଗୁଡ଼ାରୁ ଘରକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ନବୋଦୟ ବିଦ୍ୟାଳୟ ସମ୍ମୁଖରେ ରାସ୍ତାକଡ଼ରେ ଥିବା ଏକ ପିଲରରେ ଧକ୍କା ହୋଇଥିଲେ। ଗୁରୁତର ଅବସ୍ଥାରେ ପୁଲିସ୍ ଉଭୟଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗିଲ୍‌ଙ୍କ ବିରଳ...

ୱେଷ୍ଟଇଣ୍ଡିଜ୍ ବିପକ୍ଷ ପୋର୍ଟ ଅଫ୍ ସ୍ପେନ୍ ଟେଷ୍ଟରେ ଭାରତର ସୁନିଲ ଗାଭାସ୍କର ଉଭୟ ଇନିଂସରେ ଦ୍ୱିଶତକ ସାଙ୍ଗକୁ ଶତକ ହାସଲ କରିଥିଲେ। ଏମାନଙ୍କ ବ୍ୟତୀତ ଆଉ ୭ଜଣ ବ୍ୟାଟର ଏହି ସଫଳତା ହାସଲ କରିଛନ୍ତି।

ସେହପରି ପ୍ରଥମ ଇନିଂସରେ ଦ୍ୱିଶତକ ହାସଲ କରିବା ସହ ଭାରତୀୟ ବ୍ୟାଟର ଭାବେ ବିଦେଶ ମାଟିରେ ସର୍ବାଧିକ ଟେଷ୍ଟ ସ୍କୋର କରିଥିବା ଗିଲ ଗୋଟିଏ ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରିବାରେ ତୃତୀୟ ଭାରତୀୟ ଅଧିନାୟକ ହୋଇଛନ୍ତି। ତାଙ୍କ ପୂର୍ବରୁ ୧୯୭୮ କୋଲକାତାରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ସୁନିଲ ଗାଭାସ୍କର ଓ ୨୦୧୪ ଆଡିଲେଡ୍‌ରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷରେ ବିରାଟ କୋହଲି ଅଧିନାୟକ ଭାବେ ଉଭୟ ଇନିଂସରେ ଶତକ ହାସଲ କରିଥିଲେ। ସେହିପରି ବିରାଟ କୋହଲିଙ୍କ ପରେ ଗିଲ୍ ଦ୍ୱିତୀୟ ଭାରତୀୟ ଅଧିନାୟକ ଭାବେ ପ୍ରଥମ ୨ଟି ଟେଷ୍ଟରେ ୩ଟି ଶତକ ହାସଲ କରିଛନ୍ତି।

### ବାହୁଡ଼ିଲେ ମହାବାହୁ...

ଫେରାଇନେବା ଲାଗି ବଡ଼ଦାଣ୍ଡରେ ଅପେକ୍ଷା କରିଥିଲେ ଲକ୍ଷାଧିକ ଶ୍ରଦ୍ଧାଳୁ। ସେପଟେ ଗୁଣ୍ଡିଚା ମନ୍ଦିରରେ ନୀତିକାନ୍ତି ବି ସଅଳ ଚାଲିଥିଲା। କୁସୁମୀ ଲାଗି ସାରି ଦଇତାପତିମାନେ ଶନିବାର ସକାଳ ୬ଟା ୪୦ରେ ବାହାରିଥିଲେ। ଏହାପରେ ୭ଟା ୫ରେ ମଙ୍ଗଳ ଆଳତି ହୋଇ ସକାଳ ୯ଟା ୧୦ ସୁଦ୍ଧା ଠାକୁରଙ୍କ ଅବକାଶ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳ ବଲ୍ଲଭ ଏବଂ ସକାଳ ଧୂପ ସରିଥିଲା। ସକାଳ ଧୂପରେ ମହାପ୍ରଭୁ ଖେଚୁଡ଼ି ଖାଇଥିଲେ। ସକାଳ ୯ଟା ୫୦ରେ ମଙ୍ଗଳାର୍ପଣ ହୋଇଥିଲା। ଆଉ ନିର୍ଦ୍ଧାରିତ ସମୟ (ମଧ୍ୟାହ୍ନ ୧୨ଟା)ର ୨ଘଣ୍ଟା ୫ ମିନିଟ୍ ପୂର୍ବରୁ ଅର୍ଥାତ୍ ସକାଳ ୯ଟା ୫୫ରେ ବାଜିଥିଲା ବିଜେ କାହାଳୀ। ଆରମ୍ଭ ହୋଇଥିଲା ଦାରୁବିଗ୍ରହଙ୍କ ପହଣ୍ଡି। ଧାଡ଼ି ପହଣ୍ଡିରେ ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନ ରଥାରୂଢ଼ ହୋଇଥିଲେ। ପରେପରେ ବଡ଼ଠାକୁର ବଳଭଦ୍ର, ହଳଦୀମୁଖୀ ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ରଥାରୂଢ଼ ହୋଇଥିଲେ। ମଧ୍ୟାହ୍ନ ୧୨ଟା ୧୦ ସୁଦ୍ଧା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ସରିଥିଲା। ଅଝଟ ନ ହୋଇ ସଅଳ ସଅଳ ରଥକୁ ବିଜେ କରିଥିଲେ ଠାକୁର। ମଧ୍ୟାହ୍ନ ୧୨ଟା ୫୫ ସୁଦ୍ଧା ଠାକୁରଙ୍କ ରୁନ୍ଧା ସରିଥିଲା। ଅପରାହ୍ଣ ୧ଟା ୫ ସୁଦ୍ଧା ମଦନମୋହନ ଓ ରାମକୃଷ୍ଣ ରଥକୁ ବିଜେ କରିବା ପରେ ରଥାରୂଢ଼ ଠାକୁରଙ୍କୁ ପୁଷ୍ପାଳକ ସେବକମାନେ ବେଶରେ ସୁସଜ୍ଜିତ କରାଇଥିଲେ।

ବେଶ ବଢ଼ିବା ପରେ ଛେରାପହଁରା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଗଜପତି ମହାରାଜା ଦିବ୍ୟସିଂହଦେବ ତାମଯାନରେ ଆସି ଶରଧାବାଲିସ୍ଥିତ ରଥ ନିକଟରେ ପହଞ୍ଚିଥିଲେ। ଆରମ୍ଭ ହୋଇଥିଲା ଛେରାପହଁରା। ତିନିରଥରେ ଗଜପତି ସୁନାବେଣ୍ଟ ଲଗା ଝାଡ଼ିକାରେ ଛେରାପହଁରା କରିଥିଲେ। ପ୍ରଥମେ ତାଳଧ୍ୱଜ ପରେ ନନ୍ଦିଘୋଷ ଏବଂ ଶେଷରେ ଦେବଦଳନ ରଥରେ ଛେରାପହଁରା କରିଥିଲେ ଗଜପତି। ଅପରାହ୍ଣ ୨ଟା ୩୦ରୁ ୩ଟା ୩୦ ମଧ୍ୟରେ ଛେରାପହଁରା ପାଇଁ ସମୟ ନିର୍ଘଣ୍ଟ ଥିବା ବେଳେ ୫୦ ମିନିଟ୍ ପୂର୍ବରୁ ଅର୍ଥାତ୍ ଅପରାହ୍ଣ ୨ଟା ୪୦ ମଧ୍ୟରେ ଶେଷ ହୋଇଥିଲା। ତାଳଧ୍ୱଜ ରଥରେ ଛେରାପହଁରା ସରିବା ପରେ ଏହି ରଥରୁ ଚାରମାଳ ଫିଟା ହୋଇ ଘୋଡ଼ା ଲାଗିଥିଲେ। ପରେ ପରେ ନନ୍ଦିଘୋଷ ଏବଂ ଦେବଦଳନ ରଥରୁ ଚାଳମାଳ ଫିଟାଯିବା ସହ ଘୋଡ଼ା ଲାଗି ହୋଇଥିଲେ। ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ କରିବାକୁ ସମୟ ନିର୍ଘଣ୍ଟ ହୋଇଥିଲା। ହେଲେ ୧ଘଣ୍ଟା ୧୦ମିନିଟ୍ ପୂର୍ବରୁ ଅର୍ଥାତ୍ ଅପରାହ୍ଣ ୨ଟା ୫୦ରେ ଆରମ୍ଭ ହୋଇଥିଲା ରଥଟଣା। ପ୍ରଥମେ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣାଯାଇଥିଲା। ପରେପରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ହୋଇଥିଲା। ଲକ୍ଷ ଲକ୍ଷ ଭକ୍ତ ଜୟ ଜଗନ୍ନାଥ ଧ୍ୱନିରେ ରଥ ଟାଣିଥିଲେ।

ମାଉସୀ ମା' ମନ୍ଦିର ସମ୍ମୁଖରେ ରଥ ପହଞ୍ଚିବା ପରେ ସେଠାରେ ଠାକୁରଙ୍କୁ ପୋଡ଼ପିଠା ସର୍ପମଣୋହି କରାଯାଇଥିଲା। ମାଉସୀ ମା'ର ପୋଡ଼ପିଠା ଖାଇ ଠାକୁରମାନେ ଶ୍ରୀମନ୍ଦିର ଅଭିମୁଖେ ବାହାରିଥିଲେ। ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ତାଳଧ୍ୱଜ, ୭ଟା ୧୫ରେ ଦର୍ପଦଳନ ଓ ୯ଟା ୩୦ ସୁଦ୍ଧା ନନ୍ଦିଘୋଷ ରଥ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲା। ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଶ୍ରୀନଅର ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ଲକ୍ଷ୍ମୀ ନାରାୟଣ ଭେଟ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ପୁଣି ନନ୍ଦିଘୋଷ ରଥ ଟଣାଯାଇ ସିଂହଦ୍ୱାରକୁ ନିଆଯାଇଥିଲା। ଏହାପରେ ତିନିରଥକୁ ଧାଡ଼ି କରି ରଖାଯିବା ସହ ପ୍ରଶାସନ ପକ୍ଷରୁ ରଥ ଚତୁଃପାର୍ଶ୍ୱକୁ ବ୍ୟାରିକେଡିଂ କରାଯାଇଛି। ରବିବାର ରଥ ଉପରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ।

### ଉଦ୍ଧବ-ରାଜ୍ ଏକାଠି...

ପ୍ରତ୍ୟାହାର କରିଥିବାବେଳେ ଦୁଇ ଭାଇ ଏକାଠି ହୋଇ ରାଜ୍ୟ ରାଜନୀତିକୁ ନୂଆ ଦିଗ ଦେବାକୁ ଆଗେଇ ଆସିଛନ୍ତି। ଉକ୍ତ ପ୍ରସ୍ତାବକୁ ଉଦ୍ଧବ ଏବଂ ରାଜ୍ ତୀବ୍ର ବିରୋଧ କରିଥିଲେ। ଉଭୟେ ରାଲି କରି ଏହାକୁ ମରାଠୀ ପରିଚୟ ପାଇଁ ବଡ଼ ବିଜୟ ଭାବେ ଅଭିହିତ କରିଛନ୍ତି। ଏହି ମହାମିଳନ ଲାଗି ମୁମ୍ବାଇର ୱର୍ଲି ସଭାଗୃହରେ ଏକ ସାର୍ବଜନୀନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହାର ନାମ 'ଆୱାଜ ମରାଠିଚା' (ମରାଠୀଙ୍କ ସ୍ୱର) ରଖା ଯାଇଛି। ଦୁଇ ଦଳ ମିଳିତ ଭାବେ ଏହାର ଆୟୋଜନ କରିଛନ୍ତି। ଏଠାରେ ଉଭୟେ ୪୮ ମିନିଟ ପର୍ଯ୍ୟନ୍ତ ହିନ୍ଦୀ-ମରାଠୀ ଭାଷା ବିବାଦ, ମୁମ୍ବାଇ-ମହାରାଷ୍ଟ୍ର, ବିଜେପି ଏବଂ କେନ୍ଦ୍ର ସରକାରକୁ ନେଇ ନିଶାଣ କରିଛନ୍ତି।

ଏହି ଅବସରରେ ରାଜ୍ ଠାକରେ କହିଛନ୍ତି ଯେ ବାଲ ଠାକ୍‌ରେ ଯାହା କରିପାରି ନ ଥିଲେ ତାହା ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀଶ କରି ଦେଖାଇ ଦେଲେ। ଆମ ଦୁଇ ଭାଇଙ୍କୁ ଏକାଠି କରିଦେଲେ। ଏହା ସହିତ ସେ ଫଡନାଭୀଶଙ୍କୁ ସତର୍କ କରିଦେଇଛନ୍ତି। ବିଧାନ ଭବନରେ ଦେବେନ୍ଦ୍ରଙ୍କ କ୍ଷମତା ଥାଇପାରେ, କିନ୍ତୁ ରାସ୍ତାରେ ଆମର କ୍ଷମତା ରହିଛି। ରାଜ୍ ପଚାରିଛନ୍ତି ଯେ ତ୍ରିଭାଷା ନୀତି ତୁମେ କେଉଁଠୁ ପାଇଲ? ଏହା କେବଳ କେନ୍ଦ୍ର ସରାକରଙ୍କଠାରୁ ଆସିଛି। ଏବେ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟର ସବୁ କାର୍ଯ୍ୟ ଇଂରାଜୀରେ ହେଉଛି। କିନ୍ତୁ ଅନ୍ୟ କୌଣସି ରାଜ୍ୟରେ ମହାରାଷ୍ଟ୍ର ଭଳି ହେଉନାହିଁ। ଏବେ ମହାରାଷ୍ଟ୍ର ଚେଇଁ ଉଠିଛି, କ'ଣ ହେଉଛି ତୁମେ ତାହା ଦେଖିବ। ହିନ୍ଦୀକୁ ନେଇ ଆମର କୌଣସି ଆପତ୍ତି ନାହିଁ। କିନ୍ତୁ ଏହାକୁ ଜବରଦସ୍ତି ଲଦିବା ଅନୁଚିତ। ଯଦି ମରାଠୀ ପାଇଁ ଲଢ଼ିବା ଗୁଣ୍ଡାଗର୍ଦ୍ଦି, ତେବେ ଆମେ ଗୁଣ୍ଡା। ଗୁଜରାଟୀ ହୁଅନ୍ତୁ ଅବା ଆଉ କିଏ, ତାଙ୍କୁ ମରାଠୀ ଆସିବା ଉଚିତ। କିନ୍ତୁ ଯଦି କେହି ମରାଠୀ ଜାଣି ନାହାନ୍ତି ତାଙ୍କ ସହ ମାର୍‌ପିଟି କରିବାର ଆବଶ୍ୟକତା ନାହିଁ। ଯଦି କେହି ଡ୍ରାମା କରୁଛି ତେବେ ତାକୁ ବାଡେଇବା ଉଚିତ। କିନ୍ତୁ ଏହାର ଭିଡିଓ ନ ବନାଇବା ଆବଶ୍ୟକ। ଅନ୍ୟପଟେ ରାଜଙ୍କୁ ଫଡନାଭୀଶ ଜବାବ ଦେଇଛନ୍ତି। ବାଲା ସାହେବ ଠାକରେ ଏଥିପାଇଁ ମୋତେ ଧନ୍ୟବାଦ ଦେଉଥିବେ ବୋଲି କହିଛନ୍ତି।

ଉଦ୍ଧବ କହିଛନ୍ତି ଯେ ଆମକୁ ହିନ୍ଦୁ-ହିନ୍ଦୁସ୍ତାନ ଦରକାର। କିନ୍ତୁ ହିନ୍ଦୀକୁ ଜବରଦସ୍ତି ଲଦିବାକୁ ବରଦାସ୍ତ କରିବୁନି। ଯଦି ତାଙ୍କର ସାତ ପିଢ଼ି ଏହା ଚାହାନ୍ତି ତେବେ ବି ଏହା ହେବାକୁ ଦେବୁନି। ସୂଚନାଯୋଗ୍ୟ ଯେ ଶେଷ ଥର ପାଇଁ ୨୦୦୬ରେ ବାଲା ସାହେବ ଠାକରେଙ୍କ ରାଲିରେ ଉଦ୍ଧବ ଏବଂ ରାଜ୍‌ଙ୍କୁ ଏକାଠି ଦେଖିବାକୁ ମିଳିଥିଲା। କିନ୍ତୁ ଉଦ୍ଧବ ଶିବସେନା ମୁଖ୍ୟ ହେବା ପରେ ରାଜ ପରିବାରରୁ ଅଲଗା ହୋଇ ଏମଏନଏସ ଗଢ଼ି ଥିଲେ। ସେତେବେଳେ ଉଭୟଙ୍କ ସମ୍ବନ୍ଧ ଭଲ ନ ଥିଲା।

### କାହା ଚାପରେ...

ଗତ ୨୧ ତାରିଖରେ ଉପରୋକ୍ତ ୩ ବ୍ୟାଙ୍କକୁ ସରକାରୀ ଅନୁବନ୍ଧିତ ତାଲିକାରୁ ବାଦ୍ ଦେବା ପଛରେ ସରକାର ଏକ ଗୁରୁତ୍ୱପୂର୍ଣ୍ଣ କାରଣ ଦର୍ଶାଇଥିଲେ। ଗତ ୨ଟି ଆର୍ଥିକ ବର୍ଷରେ ସରକାରଙ୍କ ଫ୍ଲାଗସିପ୍ ଯୋଜନା, ପ୍ରମୁଖ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନରେ ଉପରୋକ୍ତ ୩ ବ୍ୟାଙ୍କ ଅବହେଳା ପ୍ରଦର୍ଶନ କରିଥିଲେ। ଏପରିକି ଗତ ମଙ୍ଗଳବାର ବ୍ୟାଙ୍କ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ସମୟରେ ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ ଏନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଅନେକ ଗରିବ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଲୋକମାନଙ୍କୁ ଋଣ ଜରିଆରେ ଆର୍ଥିକ କାର୍ଯ୍ୟକ୍ରମରେ ସାମିଲ କରିବା ସହିତ ସେମାନଙ୍କ ରୋଜଗାର ବୃଦ୍ଧି କରିବା ହେଉଛି ସରକାରଙ୍କ ଲକ୍ଷ୍ୟ; ମାତ୍ର ଏହି ସବୁ ଯୋଜନାଗୁଡ଼ିକରେ ଏହି ତିନିଟି ବ୍ୟାଙ୍କର ପ୍ରଦର୍ଶନ ଓଡ଼ିଶାରେ ଆଦୌ ସନ୍ତୋଷଜନକ ନୁହେଁ। ଏପରିକି ରାଜ୍ୟରେ କୃଷି ଋଣ, ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି ଯୋଜନା, ପିଏମ୍ ସ୍ୱନିଧି ଯୋଜନା, ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନା, ଗୃହ ଋଣ, ଶିକ୍ଷା ଋଣ ଓ ରପ୍ତାନୀ ଋଣ ଆଦି ବିଭିନ୍ନ ଜନକଲ୍ୟାଣ ଯୋଜନାରେ ଏହି ବ୍ୟାଙ୍କଗୁଡିକର ପ୍ରଦର୍ଶନ ଅତ୍ୟନ୍ତ ଦୁର୍ବଳ ରହିଥିବା ଜଣାପଡ଼ିଥିଲା। ଏତେସବୁ ପରେ ମଧ୍ୟ କେଉଁ ପରିସ୍ଥିତିରେ ସରକାର ନିଜ ଛେପ ନିଜେ ଢୋକିଲେ ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଏଥର ବର୍ଷାଭିଜା...

ଚାଷୀଭାଇମାନେ ଧାନ ତଳି ଏବଂ ବୁଣାବୁଣି କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ରାଜ୍ୟରେ ବର୍ତ୍ତମାନ ବର୍ଷା ଜାରି ରହିଥିବା ବେଳେ ଏନେଇ ନିଜର ଆକଳନ ପ୍ରକାଶ କରିଛନ୍ତି ଡ. ପଶୁପାଳକ। ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ଉପକୂଳରେ ବର୍ଷାର ପରିମାଣ କମିବାର ସମ୍ଭାବନା ରହିଛି। ବର୍ତ୍ତମାନ ସକ୍ରିୟ ଲଘୁଚାପ କ୍ଷେତ୍ର ଝାଡ଼ଖଣ୍ଡର ଧାନ୍‌ବାଦ୍ ଉପରେ ରହିଛି। ଏହା ଆସନ୍ତା ୨ରୁ ୩ ଦିନ ପାଖାପାଖି ସେହି ଅଞ୍ଚଳରେ ରହିବ। ଏହାପରେ ପଶ୍ଚିମ ଝାଡ଼ଖଣ୍ଡ ଓ ସଂଲଗ୍ନ ମଧ୍ୟ ପ୍ରଦେଶରେ ଦୁଇ ଦିନ ରହି ଏହାର ପରବର୍ତ୍ତୀ ଦୁଇ ଦିନ ପ୍ରୟାଗରାଜ ଓ ପାଟଣା ମଧ୍ୟରେ ସକ୍ରିୟ ରହିବ। ଫଳତଃ ଓଡ଼ିଶା ଉପକୂଳରେ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ କାଁ ଭାଁ ବର୍ଷା ହୋଇପାରେ ବୋଲି ସେ ଆକଳନ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଭଦ୍ରକଠାରୁ ଗଞ୍ଜାମ ପର୍ଯ୍ୟନ୍ତ ଉପକୂଳ ଜିଲ୍ଲାରେ ୬ ଓ ୭ ତାରିଖରେ କେତେକ ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇପାରେ। ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ଦେବଗଡ଼ରେ ୮ ତାରିଖ ପର୍ଯ୍ୟନ୍ତ ଏବଂ ପଶ୍ଚିମ ଓଡ଼ିଶାରେ ସମ୍ବଲପୁରରୁ କଳାହାଣ୍ଡି ପର୍ଯ୍ୟନ୍ତ ସୀମାନ୍ତ ଜିଲ୍ଲାରେ ୯ ତାରିଖ ପର୍ଯ୍ୟନ୍ତ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଅପରପକ୍ଷେ ଆସନ୍ତାକାଲି ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ଆଜି ହୀରାକୁଦ...

ସାଧାରଣତଃ ଜୁଲାଇ ୩୧ ସୁଦ୍ଧା ହୀରାକୁଦର ଜଳସ୍ତର ୬୦୫ ଫୁଟ୍ ପାଖାପାଖି ରହିଥାଏ। କିନ୍ତୁ ଗତକାଲିଠାରୁ ନଦୀବନ୍ଧର ଜଳସ୍ତର ଏହି ସୀମା ଡେଇଁଯାଇଛି। ଗତକାଲି ସଂଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୦୬.୨ ଫୁଟ୍ ଥିବା ବେଳେ ଆଜି ୬୦୮.୦୬ ଫୁଟ୍‌କୁ ବୃଦ୍ଧି ପାଇଛି। ଆଗକୁ ବର୍ଷା ଥିବାରୁ ଏଥିରେ ମଧ୍ୟ ବୃଦ୍ଧି ଘଟିବାର ସମ୍ଭାବନା ରହିଛି।

ବର୍ତ୍ତମାନ ଜଳଭଣ୍ଡାରକୁ ସେକେଣ୍ଡ ପିଛା ୧୨୨୮୫୨ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୭୭୯୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ପାୱାର ଚ୍ୟାନେଲ ଦେଇ ୩୪୪୯୧ ଘନଫୁଟ, ଶିଳ୍ପାନୁଷ୍ଠାନ ପାଇଁ ୨୩୪ ଘନଫୁଟ, କେନାଲ ପାଇଁ ୩୦୬୮ ଘନଫୁଟ ଜଳ ନିଷ୍କାସିତ ହେଉଛି। ସମ୍ପ୍ରତି ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସିତ ହେଉନାହିଁ। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୧୨୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୩୯୫୧୬ କ୍ୟୁସେକ, ଖଇରମାଲଠାରେ ୮୬୦୦୦ କ୍ୟୁସେକ, ବାରମୁଲଠାରେ ୯୦୦୦୦ କ୍ୟୁସେକ ଏବଂ ମୁଣ୍ଡଲୀଠାରେ ୧୩୮୧୩୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ଘଣ୍ଟାରେ ଉପରମୁଣ୍ଡରେ ୧୦.୪୯ ମିମି ଏବଂ ତଳମୁଣ୍ଡରେ ୭.୬୪ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

ଅପରପକ୍ଷେ, ଆସନ୍ତାକାଲି ପ୍ରଥମ ବନ୍ୟାଜଳ ଛଡ଼ାଯିବାକୁ ଥିବାରୁ ଆଜି ଡାକବାଜି ଯନ୍ତ୍ର ସାହାଯ୍ୟରେ ହୀରାକୁଦ ଅବବାହିକା ଅଞ୍ଚଳରେ ଜନସାଧାରଣଙ୍କୁ ସଚେତନ କରାଯାଇଛି। ବନ୍ୟାଜଳ ନିଷ୍କାସନ ସମୟରେ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ସେହିପରି ୪୮ ଘଣ୍ଟା ପୂର୍ବରୁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, ସମ୍ବଲପୁର, କେନ୍ଦ୍ରୀୟ ରାଜସ୍ୱ ଆୟୁକ୍ତ, କଟକ ଓ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ, ବ୍ରହ୍ମପୁରଙ୍କ ସମେତ ମହାନଦୀ ଅବବାହିକାରେ ଥିବା ୧୩ଟି ଜିଲ୍ଲାର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ଏନେଇ ଅବଗତ କରାଯାଇଛି।

ଉଲ୍ଲେଖଯୋଗ୍ୟ, ହୀରାକୁଦ ନଦୀବନ୍ଧର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ହୀରାକୁଦ ନଦୀବନ୍ଧରେ ୬୪ଟି ସ୍ଲୁଇସ ଫାଟକ ଓ ୩୪ଟି କ୍ରେଷ୍ଟ ଫାଟକ ସହ ମୋଟ ୯୮ଟି ନିଷ୍କାସନ ଫାଟକ ରହିଛି। ଏହା ମାଧ୍ୟମରେ ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ କରାଯାଇଥାଏ।

### ସାବଧାନ! ଛେନାରୁ...

ଭୁବନେଶ୍ୱର ଓ କଟକରେ ପାଖାପାଖି ୩ ଶହ ଛେନା, ପନୀର୍ ବେପାରୀ ବିଭିନ୍ନ ସ୍ଥାନରେ ଷ୍ଟଲ୍ କରି ବିକ୍ରି କରୁଛନ୍ତି। ଏମାନେ ସମସ୍ତେ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା, ବାଲିପାଟଣା, ବନମାଳୀପୁର, ପାହାଳ, ଜୋହଳ, ନିଆଳି ଆଦି ସ୍ଥାନରୁ ଆସୁଛନ୍ତି। ଜାତୀୟ ରାଜପଥ ଦେଇ ସହର ଭିତରକୁ ପ୍ରବେଶ କରୁଛନ୍ତି। ଜାତୀୟ ରାଜପଥରେ ଲଗାଣ ବର୍ଷା ଯୋଗୁଁ ବର୍ଷା ପାଣି ଜମି ରହୁଛି। ବେପାରୀମାନେ ଛେନାକୁ ବାଇକ୍ ପଛପଟେ ଝୁଲାଇ ଆଣିବାବେଳେ ବଡ଼ ବଡ଼ ଟ୍ରକ୍ ଓ ଦ୍ରୁତଗାମୀ ଗାଡ଼ି ଯିବାବେଳେ ପାଣି ଛିଟା ଛେନା ଗଣ୍ଠିଲି ଉପରେ ପଡ଼ୁଛି। ପତଳା ଧୋତି କପଡ଼ାରେ ଛେନା ବନ୍ଧା ହୋଇଥିବାରୁ ରାସ୍ତାର ମଇଳା ପାଣି ସବୁ ଛେନାରେ ମିଶୁଛି। ତା'ପରେ ଏହାକୁ ଆଣି ବିକ୍ରି କରାଯାଉଛି। ବିଶେଷକରି ସନ୍ଧ୍ୟା ସମୟରେ ରାସ୍ତାକଡ଼ରେ ବିକ୍ରି ହେଉଥିବା ଏସବୁ ଖାଦ୍ୟସାମଗ୍ରୀ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ନଜର ଆଢୁଆଳରେ ରହି ଯାଉଛନ୍ତି।

ଅନ୍ୟପକ୍ଷରେ ରାଜ୍ୟରେ ଏବେ ଡାଇରିଆ ତଥା ଅନ୍ୟାନ୍ୟ ଜଳବାହିତ ରୋଗ ବ୍ୟାପିବାରେ ଲାଗିଛି। ଉପକୂଳ ଓ ଉତ୍ତର ଓଡ଼ିଶାରେ ଡାଇରିଆ କଲବଲ କରିବା ପରେ ଏବେ ଦକ୍ଷିଣ ଓଡ଼ିଶାକୁ ବ୍ୟାପିଛି। ରାଜ୍ୟ ସରକାର ଏଥିପାଇଁ ଏକାଧିକ ସଚେତନତାମୂଳକ ପଦକ୍ଷେପ ନେଉଥିବା କହୁଛନ୍ତି। ହେଲେ ଏଭଳି ଏକାଧିକ ଖାଦ୍ୟ ପଦାର୍ଥ ବିକ୍ରି ଦ୍ରବ୍ୟ ଉପରୁ ତାଙ୍କ ନଜର୍ ହଟିଯାଉଛି। ତେଣୁ ଏହା ଉପରେ ଦୃଷ୍ଟି ଦେଲେ ଡାଇରିଆ ନିୟନ୍ତ୍ରଣ ସହ ଲୋକ ସ୍ୱାସ୍ଥ୍ୟହାନୀରୁ ବର୍ତ୍ତିପାରିବେ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜଣେ ବରିଷ୍ଠ ଖାଦ୍ୟ ସୁରକ୍ଷା ଅଧିକାରୀ କହିଛନ୍ତି, ଏହି ବ୍ୟବସାୟୀମାନେ ସନ୍ଧ୍ୟା ସମୟରେ ଆସୁଛନ୍ତି। ନଚେତ୍ ନାଗୁଆ ଦୋକାନରେ ଜିନିଷ ବିକ୍ରି କରି ଚାଲି ଯାଉଛନ୍ତି। ତେଣୁ ଏମାନଙ୍କ ଖାଦ୍ୟ ପଦାର୍ଥ ଯାଞ୍ଚ କରିବା ସମ୍ଭବ ହେଉନି। ଏବେ ଏହା ଉପରେ ମଧ୍ୟ ଯାଞ୍ଚ କରାଯିବ। ଏଥିସହ ଯେଉଁ ଦୋକାନଗୁଡ଼ିକରେ ଏମାନେ ଜିନିଷ ବିକ୍ରି କରୁଛନ୍ତି, ତା'ର ବି ଯାଞ୍ଚ କରାଯାଇ ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଯିବ ବୋଲି ସେ କହିଛନ୍ତି।

### ଅଝଟ ହେଲେ...

କାଳିଆସାଆନ୍ତ। ଭାଇ, ଭଉଣୀଙ୍କ ରଥ ଗଡ଼ିଲା, ହେଲେ ସିଂହଦ୍ୱାରରୁ ଗଡ଼ିଲେନି ଜଗତର ନାଥ। ଦୁଇଦିନ ଟଣା ହୋଇଥିଲା ରଥ।

ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା ହଳଦୀମୁଖି ସୁଭଦ୍ରାଙ୍କ କ୍ଷେତ୍ରରେ। ସୁନାମୁହିଁଙ୍କ ମୁଖରେ ଥିଲା ବିରସର ଭାଷା। କାହିଁକି ମାଆ କଣ ହେଲା? କିଏ କଲା କି ତ୍ରୁଟି। ସତେଯେମିତି ଆଜି ମାନୁ ନ ଥିଲା ମନ। ଆଡପମଣ୍ଡପ ଛାଡିବାକୁ ନ ଥିଲା ଇଚ୍ଛା। ବାହୁଯାତ୍ରାରେ ପହଣ୍ଡି ବେଳେ ଏ ଦୃଶ୍ୟ ବୟାନ କରୁଥିଲା ଅନେକ କିଛି। କାରଣ ପହଣ୍ଡି ବେଳେ ରଥକୁ ଚଢିବାରେ ଅଝଟ କରିଥିଲେ ଭଉଣୀ ସୁଭଦ୍ରା। ସବୁଥର ଖୁସିଖୁସିରେ ବାହୁଡ। ଏଥର କିନ୍ତୁ ବ୍ୟତିକ୍ରମ ହେଲା। ଗୁଣ୍ଡିଚା ମନ୍ଦିରରୁ ଆସିବା ବେଳେ ହଠାତ୍ ଭାରି ହୋଇଗଲେ। ରଥ ଚାରିପଟେ ବୁଲିବା ବେଳେ ସମ୍ଭାଳି ପାରିଲେନି ସେବାୟତ। ବୁଲିଲେ ସିନା ରଥକୁ ଉଠିବାର ଇଚ୍ଛା କରି ନ ଥିଲେ। ସେବାୟତ ବି ଧଇଁସଇଁ ହୋଇପଡିଲେ।


OFFICE OF THE MUNICIPAL COUNCIL, NAYAGARH
No. 1409/ Dt. 30.06.2025
2nd CORRIGENDUM TO
TENDER CALL NOTICE NO. 945 DATED 23.04.2025

C-620: Due to unavoidable circumstance the Tender Call Notice No. 945 dated 23.04.2025, Tender Reference No. MULNGR-04/2025-26, Tender ID: 2025_ORULB_112796_1 regarding Providing Consultancy Services for Preparation of Comprehensive Drainage Master Plan and DPR for Storm Water Drainage System of Nayagarh Municipality, in the District of Nayagarh, Odisha is hereby cancelled.

Sd/- Executive Officer
Nayagarh Municipality
OIPR - 13134/11/0046/2526

TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

NOTICE INVITING TENDER

Tender Notice No. TPWODL/SA/O/SU/2500001011

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

Supply of 33KV cable fault detector.

Interested bidders are to submit Tender Participation Fee and Authorization Letter through email on or before 17th July 2025, 15:00Hrs, after which link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of www.tpwesternodisha.com. All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- Head-Contracts and Procurement

AFFIDAVIT
By virtue of an affidavit sworn before Notary Public Titilagarh, dated 03.07.2025, I, Anka Bhoi, Address: At-Gohirapadar, Po- Binekela, Ps- Titilagarh, Dist- Balangir, Odisha, Pin- 767033 declare that I have changed my name from **Anka Putel** to **Anka Bhoi**. Henceforth, I shall be known as **Anka Bhoi** for all purposes.
Anka Bhoi

AFFIDAVIT
I, **Rekha Bhavani Lakhinana**, D/o Satyanarayana Rao Lakinana, resident of Flat No. C-19, RBI Officers colony, Nayapalli, Bhubaneswar, Pin Code - 751015, Odisha, do hereby declared by this affidavit no. 2033, dtd. 04.07.2025 that from now onwards I shall be known as **Rekha Bhavani Lakinana** for all future purposes.

AFFIDAVIT
I, Shaikh Nawshad Ali, aged about 34 years, S/o- Sk Khurshid Ali, resident of Purusottampur, Aranga, Jajpur, PIN- 755007, Odisha declared by this affidavit No. 543, dtd- 03/07/2025 that now onwards I shall be known as **SK NAWSHAD ALI** for all future purposes.

AFFIDAVIT
I, Shaikh Khurshid Ali, aged about 65 years, S/o- Sk Makbul Ali, resident of Purusottampur, Aranga, Jajpur, PIN-755007, Odisha declared by this affidavit No. 544, dtd- 03/07/2025 that now onwards I shall be known as **SK KHURSHID ALI** for all future purposes.

AFFIDAVIT
I, Md Nuruddin, aged about 53 years, S/o- Mahammad Mansur, resident of At- Golamahammad Patana, Bhakar Sahi, Dist-Khurda PIN-752103, Odisha declared by this affidavit No-547, dtd- 05/07/2025 that now onwards I shall be known as **MAHAMMAD NURUDDIN** for all future purposes.

AFFIDAVIT
I, Sarika Agarwala, aged about 49 years, W/o- Ashok Kumar Agrawala, resident of At- Madanmohanpada, Po/Ps-Angul, Dist-Angul PIN- 759122, Odisha declared by this affidavit No- 483, dtd- 02/06/2025 that now onwards I shall be known as **SARIKA AGRAWALA** for all future purposes.

AFFIDAVIT
By virtue of an affidavit No.2367, Dtd.26.06.2025 sworn before the Executive Magistrate, Bhogarai I, Babu Khan, S/o. Mahemud Khan, At. Sukhasanda, Po. S S Patana, Ps. Bhogarai, Dist. Balasore, Odisha, declare that unfortunately my son name spelling as **Mohammad Sadik Reza khan** Pathan instead of correct spelling **Salman Khan** in his Adhar card no. 653933724938. Henceforth, he will be known as **Salman Khan** for all purposes.

### ସହର ଭିତରେ ଲଗାମଛଡା ଟ୍ରକ୍ ଚଳାଚଳ

# ମନଇଚ୍ଛା ପ୍ରବେଶ ଓ ପାର୍କିଂ, ଘଣ୍ଟା ଘଣ୍ଟା କରୁଛନ୍ତି ରାସ୍ତା ଜାମ

**ବଲାଙ୍ଗିର, ୫।୭ (ସମିସ)**

ବଲାଙ୍ଗିର ସହର ଭିତରେ ମନଇଚ୍ଛା ପଶୁଛି ଭାରୀଯାନ। ନା ପୁଲିସ କଟକଣା ରହିଛି ସରକାରୀ କଟକଣାକୁ ମାନୁଛନ୍ତି ଟ୍ରକ୍ ଚାଳକ। ଭିଡ଼ ସମୟରେ ବି ସହର ଭିତରେ ଯାତାୟାତ କରୁଥିବା ଟ୍ରକ୍ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଏହାର ସୁଯୋଗ ନେଇ ସହରର ଜନଗହଳି ଅଞ୍ଚଳରେ ଟ୍ରକ୍ ଚଳାଚଳ କରୁଥିବା ଦେଖିବାକୁ ମିଳିଛି। ସମ୍ପୂର୍ଣ୍ଣ ଭାବେ ପୁଲିସ ଟ୍ରାଫିକ ବ୍ୟବସ୍ଥାକୁ ଭୁଲିଯାଇଥିବା ବେଳେ ଏହି ଟ୍ରକ୍ ଦ୍ୱାରା ହେଉଥିବା ସମସ୍ୟା ଭୋଗୁଛନ୍ତି ସହରବାସୀ।



ବଲାଙ୍ଗିର ସହର ଦେଇ ଯାଇଛି ଦୁଇଟି ଜାତୀୟ ରାଜପଥ। ଗୋଟିଏ ପଟେ ବାଇପାସ ରାସ୍ତା କାମ ଚାଲିଥିବା ବେଳେ ଅନ୍ୟପଟେ ଏବେବି ସହର ଦେଇ ଟ୍ରକ୍ ଗୁଡିକ ଯାତାୟାତ କରୁଛି। ବିଗତ କିଛି ବର୍ଷ ହେଲା ସହରରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ବେଳେ ଅନେକ ଦୁର୍ଘଟଣା ଘଟିଛି ଯେଉଁଥିରେ ଅନେକ ଲୋକଙ୍କ ଜୀବନ ମଧ୍ୟ ଯାଇଛି। ଯାହାକୁ ଦୃଷ୍ଟି ରଖି କିଛି ବର୍ଷ ହେଲା ସହର ଦେଇ ଭାରୀଯାନ ବା ବଡ ବଡ ଟ୍ରକ୍ ଯାତାୟାତ କରିବା ନେଇ କଟକଣା ଜାରି କରାଯାଇଛି। ରାତି ୧୨ ଟାରୁ ସକାଳ ୫ ଟା ପର୍ଯ୍ୟନ୍ତ ଟ୍ରକ୍ ଯାତାୟାତକୁ ଅନୁମତି ଦିଆଯାଇଛି। ଏଥିରୁ ସହରର କିଛି ଟ୍ରକ୍‌କୁ ବାଦ ଦିଆଯାଇଥିବା ବେଳେ ବାହାର ଅଞ୍ଚଳର ଟ୍ରକ ପାଇଁ ଏହି କଟକଣା ଜାରି କରାଯାଇଛି। କିନ୍ତୁ ବାଦ ଦିଆଯାଇଥିବା ଉକ୍ତ ଟ୍ରକ୍ ଗୁଡିକ ଏବେ ସହର ଭିତରେ ଟ୍ରାଫିକ ଜାମ ସମସ୍ୟା ସୃଷ୍ଟି କରୁଥିବା ଦେଖିବାକୁ ମିଳିଛି। ମନଇଚ୍ଛା କଟକଣା ଯାତାୟାତ କରୁଥିବାରୁ ଲୋକେ ଅନେକ ସମସ୍ୟା ଭୋଗୁଥିବା ଦେଖିବାକୁ ମିଳିଛି। ସହରର ମୁଖ୍ୟ ରାସ୍ତାରେ ଜନଗହଳି ରହୁଥିବା ବେଳେ ସେହି ସମୟରେ ସ୍ଥାନୀୟ ଟ୍ରକ୍ ଗୁଡିକ କଟକଣା କୋହଳର ଫାଇଦା ନେଇ ଯାତାୟାତ କରୁଛି। ବିଶେଷ କରି ୧୪ ଚକିଆ ଟ୍ରକ୍ ଗୁଡିକ ମନଇଛା ଯାତାୟାତ କରୁଥିବା ବେଳେ ପୁଲିସ କର୍ମଚାରୀ ଓ ଅଧିକାରୀ ଏହାକୁ ରୋକିବା ପାଇଁ ଚେଷ୍ଟା କରୁନଥିବା ଅଭିଯୋଗ ହୋଇଛି। ସେହିପରି ଦୈନିକ ବଜାର, ରାଧାରାଣୀପଡ଼ା, ଟିକ୍ରାପଡ଼ା ଅଞ୍ଚଳରେ ଟ୍ରକ୍ ଗୁଡିକ ରାସ୍ତା ଉପରେ ପାର୍କିଂ କରି ଦୋକାନ ସାମଗ୍ରୀ ବିଶେଷ କରି ସକାଳ ୮ ଟାରୁ ୧୨ ଟା ପର୍ଯ୍ୟନ୍ତ ଓ ଅପରାହ୍ନ ୪ ଟାରୁ ରାତି ପର୍ଯ୍ୟନ୍ତ ଲୋଡିଂ ଅନଲୋଡିଂ କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ଯାହାଦ୍ୱାରା ଏହି ଅଞ୍ଚଳମାନଙ୍କରେ ପ୍ରାୟତଃ ସମୟରେ ଟ୍ରାଫିକ ଜାମ ଦେଖାଯାଉଥିବା ଅଭିଯୋଗ ହୋଇଛି। ଏହା ବର୍ଷ ବର୍ଷ ଧରି ଚାଲିଥିବା ବେଳେ ଏହାକୁ ବନ୍ଦ କରିବା ପାଇଁ ପୁଲିସ କେବେ ଚେଷ୍ଟା ମଧ୍ୟ କରିନାହିଁ। ଗୋଟିଏ ପଟେ ସହର ରାସ୍ତା ସଂକୀର୍ଣ୍ଣ ହୋଇଯାଉଥିବା ବେଳେ ଅନ୍ୟପଟେ ଏହି ବେଆଇନ ଟ୍ରକ୍ ଚଳାଚଳ ଓ ପାର୍କିଂ ଲୋକଙ୍କ ସହର ଭିତରେ ଯାତାୟାତ କରିବା ସମସ୍ୟାକୁ ଦ୍ୱିଗୁଣିତ କରିଛି। ଲୋକଙ୍କ ସମସ୍ୟାକୁ ପୁଲିସ ଗୁରୁତ୍ୱ ଦେବା ବଦଳରେ ଟ୍ରକ୍ ମାଲିକଙ୍କ ସହ ସଲାସୁତୁରା କରି ଏହି କାରବାର ଚଳାଇଥିବା ଅଭିଯୋଗ ହୋଇଛି। ଜିଲ୍ଲା ପୁଲିସ ଅଧିକ୍ଷକ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

### ପୁଲିସ କଟକଣା ବି ମାନୁନାହାନ୍ତି

### ଦୈନିକ ବଜାର, ଟିକ୍ରାପଡ଼ା, ରାଧାରାଣୀପଡ଼ାରେ ଅବସ୍ଥା ସାଂଘାତିକ

---

### ପାଟଣାଗଡ଼ ବ୍ଲକ୍ ଓ ଏନ୍‌ଏସିରେ ଉନ୍ନୟନ କାମ ବ୍ୟାହତ

# ନବମ ଦିନରେ ଜନପ୍ରତିନିଧିଙ୍କ ଧାରଣା

**ପାଟଣାଗଡ଼, ୫।୭ (ସମିସ):** ପାଟଣାଗଡ଼ରେ ଉନ୍ନୟନମୂଳକ କାମ ବ୍ୟାହତ ହୋଇଥିବା ଅଭିଯୋଗ ନେଇ ପାଟଣାଗଡ଼ ବ୍ଲକରେ ସମିତି ସଭ୍ୟସଭ୍ୟା ଓ ଏନ୍‌ଏସିରେ ଅଧ୍ୟକ୍ଷାଙ୍କ ସହ କାଉନସିଲରମାନଙ୍କ ଧାରଣା ଶନିବାର ନବମ ଦିନରେ ପହଞ୍ଚିଛି। ଏହି ଧାରଣାକୁ ନବମ ଦିନ ବିତିଯାଇଥିଲେ ସୁଦ୍ଧା ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଶନିବାର ଧାରଣାରତ ସମିତି ସଭ୍ୟ, ସଭ୍ୟା ଅପରାହ୍ନ ୧୨ ଟା ସମୟରେ ବ୍ଲକ କାର୍ଯ୍ୟାଳୟ ଗୁଡିକୁ ଯାଇ ସମସ୍ତ କାର୍ଯ୍ୟ ବନ୍ଦ କରାଇ ବିଡିଓଙ୍କ ସହ ଅନ୍ୟାନ୍ୟ କର୍ମଚାରୀଙ୍କୁ ଅଫିସରୁ ବାହାରକୁ ଆଣିଥିଲେ। ପରେ ସମସ୍ତ କର୍ମଚାରୀ ଅଫିସ ବାହାରେ ଚୌକିରେ ବସିଥିବା ଦେଖିବାକୁ ମିଳିଥିଲା। ତଥାପି ପ୍ରଶାସନ କୌଣସି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଭୟାବହ ହେବ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ପାଟଣାଗଡ଼ ବ୍ଲକ ସମିତି ସଭ୍ୟ ସଂଘ ସଭାପତି ଗୋବିନ୍ଦ ମେହେର, ସମ୍ପାଦକ ଜୟନ୍ତ କୁମ୍ଭାରଙ୍କ ସହ ଧାରଣାରତ ସମସ୍ତ ସମିତି ସଭ୍ୟ ସଭ୍ୟା କହିଛନ୍ତି। ରାଜ୍ୟରେ ବିଜେପି ସରକାର ଆସିବା ଦିନ ଠାରୁ ପାଟଣାଗଡ଼ ବ୍ଲକ ଓ ଏନ୍‌ଏସି ରେ ସମସ୍ତ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ ହୋଇ ପଡ଼ିଥିବା ଅଭିଯୋଗ ଆଣି ଗତ ମଙ୍ଗଳବାର ଠାରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ ସମିତି ସଭ୍ୟ, ସଭ୍ୟା ନିଜ ହକ ପାଇଁ ଧାରଣା ଦେଉଛନ୍ତି।



### ବାହାରେ ବସିଲେ ବିଡ଼ିଓ, କର୍ମଚାରୀ

ଅନ୍ୟପଟେ ଶନିବାର ଏନ୍‌ଏସିରେ ଚାଲିଥିବା ଧାରଣା ନବମ ଦିନରେ ପହଞ୍ଚିଛି। ବୁଧବାର ଅତିରିକ୍ତ ଜିଲ୍ଲାପାଳ ସେବନ କେରକେଟା ନୂତନ ଇଓ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ସୁଦ୍ଧା ସମସ୍ୟାର ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ଓ ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଗତ ମଙ୍ଗଳବାର ଠାରୁ ଚାଲିଥିବା ଧାରଣା ଅନିର୍ଦ୍ଦିଷ୍ଟ କାଳ ପାଇଁ ଜାରି ରହିବ ବୋଲି ଅଧ୍ୟକ୍ଷା ମାନସୀ ବିଶ୍ୱାଳଙ୍କ ସହ ୧୧ ଜଣ କାଉନସିଲର କହିଛନ୍ତି। ଏନ୍‌ଏସିରେ ଧାରଣା ଯୋଗୁଁ ସମସ୍ତ ଅଫିସ କାର୍ଯ୍ୟ ବ୍ୟାହତ ସହ ଅଚଳବସ୍ଥା ଜାରିରହିଛି ।ଖବର ଲେଖାଯିବା ପର୍ଯ୍ୟନ୍ତ ଧାରଣା ଜାରି ରହିଥିବା ବେଳେ ଶାନ୍ତି ଶୃଙ୍ଖଳା ପାଇଁ ପୁଲିସ ମୁତୟନ ହୋଇଛନ୍ତି।

---

## ଦୁର୍ଘଟଣାର କାରଣ ପାଲଟୁଛନ୍ତି ବୁଲା ଗାଇଗୋରୁ

**କୋମନା, ୫।୭ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ସହରର ମୁଖ୍ୟ ରାସ୍ତା ତଥା ୩୫୩ ନମ୍ବର ଜାତୀୟ ରାଜପଥରେ ଏବେ ଗାଇଗୋରୁ ବୁଲୁଛନ୍ତି। ଏହା ଫଳରେ ରାଜପଥରେ ଯାଉଥିବା ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭବାନୀପାଟଣାରୁ ପଡୋଶୀ ରାଜ୍ୟ ଛତିଶଗଡ଼କୁ ସଂଯୋଗ କରୁଥିବା ଏହି ରାଜପଥରେ ସର୍ବଦା ହଜାର ହଜାର ସଂଖ୍ୟକ ଭାରିଯାନ ଚାଲୁଛି। ଏଥିଯୋଗୁଁ ୨୪ ଘଣ୍ଟା ରାସ୍ତାଟି ଭିଡ଼ ରହିଥାଏ। ଏପଟେ ରାଜପଥ ମଧ୍ୟରେ ବୁଲା ଗାଇଗୋରୁଙ୍କ ଲାଗି ଯାନବାହନ ଚଳାଚଳରେ ସମସ୍ୟା ହେଉଛି। ଏମାନଙ୍କ ପାଇଁ ଅନେକ ସମୟରେ ବାଇକ୍ ଅରୋହୀ ଦୁର୍ଘଟଣାର ଶିକାର ହେଉଛନ୍ତି।

## ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର

**ବିନିକା, ୫।୭ (ସମିସ):** ବିନିକା ବ୍ଲକ ଫୁଲମୁଠି ଗ୍ରାମରେ ଏକ ଟ୍ରାନ୍ସଫର୍ମରଟି ମୁକୁଳା ପଡ଼ିଛି। ଗାଁକୁ ଯାଇଥିବା ମୁଖ୍ୟ ପ୍ରବେଶ ପଥର ଡାହାଣ ପାର୍ଶ୍ୱରେ ଏହି ଟ୍ରାନ୍ସଫର୍ମରଟି ରହିଛି। ଏହା ଫଳରେ ଜୀବଜନ୍ତୁ ଏହାର ସଂସ୍ପର୍ଶରେ ଆସିବାର ଆଶଙ୍କା ରହିଛି। ଅନେକ ସମୟରେ ଏହି ଟ୍ରାନ୍ସଫର୍ମରରୁ ସ୍ପାର୍କ ହୋଇ ନିଆଁ ଝୁଲା ବାହାରି ଥାଏ। ଟ୍ରାନ୍ସଫର୍ମର ଚାରିପଟେ ତୁରନ୍ତ ସୁରକ୍ଷା ପାଚେରୀ ଦେବାକୁ ସାମାଜିକ କର୍ମୀ ରମେଶ ମେହେର ଅନୁରୋଧ କରିଛନ୍ତି।



---

# ଆନ୍ଧ୍ର କପା ବ୍ୟବସାୟୀଙ୍କ କବ୍‌ଜାରେ ସରକାରୀ ଜମି

**ବୌଦ୍ଧ, ୫।୭ (ସମିସ):** ବୌଦ୍ଧ ତହସିଲ ଅଧୀନ ବିଭିନ୍ନ ସରକାରୀ, ଜଙ୍ଗଲ ଜମି ଓ ଗୋଚର ଜମି ଉପରେ ଆନ୍ଧ୍ର ବ୍ୟବସାୟୀଙ୍କ ନଜର ପଡ଼ିଛି। ଏମାନେ ଶହ ଶହ ଏକର ଜମିରେ କପା ଚାଷ କରିବା ପାଇଁ ଜମି ପ୍ରସ୍ତୁତି କରୁଛନ୍ତି। ବୌଦ୍ଧ ତହସିଲର ତେଲିବନ୍ଧ, ବ୍ରାହ୍ମଣୀପାଲି, ବଘିଆପଡ଼ା, ଟିକରପଡ଼ା, ଆମ୍ବଝରି ଆଦି ପଞ୍ଚାୟତରେ ଗତ ୧୦ ବର୍ଷ ହେଲା ଆନ୍ଧ୍ର ପ୍ରଦେଶର ଅନେକ କପା ବେପାରୀ ଏହି ଅଞ୍ଚଳକୁ ସେମାନଙ୍କ ଅଭୟାରଣ୍ୟ ଭାବେ ବାଛି ନେଇଛନ୍ତି। ଅଞ୍ଚଳରେ ଚାଷ କରୁଥିବା ଗରିବ ଆଦିବାସୀ ଓ ହରିଜନ ଲୋକଙ୍କୁ ଭୁଆଁ ବୁଲାଇ ଏକର ପିଛା ୫ ଶହରୁ ହଜାରେ ଟଙ୍କା ମଧ୍ୟରେ ବାର୍ଷିକ ଜମି ଲିଜ୍ ନେଉଛନ୍ତି। କିମ୍ବା ଏକର ପିଛା ୫ ହଜାରରୁ ୧୦ ହଜାର ଟଙ୍କା ମଧ୍ୟରେ ଜମି କିଣି କପା ଚାଷ କରୁଛନ୍ତି। ସରକାରୀ ଅନାବାଦୀ, ଗୋଚର ଓ ଜଙ୍ଗଲ ଜମିକୁ ଜବର ଦଖଲ କରି କପା ଚାଷ କରଛନ୍ତି। ଜଙ୍ଗଲରୁ ଗଛ କାଟି କପା ଚାଷ କରିବାକୁ ପଛାଉ ନାହାନ୍ତି। ବଘିଆପଡ଼ା ପଞ୍ଚାୟତ ଆମଠାପଡ଼ା ଛକ ନିକଟ ଡାହାଣ ପାର୍ଶ୍ୱରେ ଥିବା ଗଛଗୁଡିକ କାଟି କପା ଚାଷପାଇଁ କ୍ଷେତ୍ର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏ ସମ୍ପର୍କରେ ଗ୍ରାମବାସୀ ବଘିଆପଡ଼ା ରାଜସ୍ୱ ନିରୀକ୍ଷକ ଓ ବୌଦ୍ଧ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ବଘିଆପଡ଼ା ଓ ମୁଣ୍ଡାପଡ଼ା ରାଜସ୍ୱ ସର୍କଲର ଚାରପାଲି, ଖଲିଆପାଲି, ବାରକୋଡ଼ା, ଭୁକ୍ତାପଡ଼ା, ଦେବନ୍ଧ, ନେନ୍ଦନ, ତରଭା, ନାଗପାଲି, , ଗୁହିରାଖଣ୍ଡି, ଝାରମୁଣ୍ଡା ଓ ମଲ୍ଲିକପଦର ଆଦି ଗାଁର ଶହ ଶହ ଏକର ସରକାରୀ ଓ ଜଙ୍ଗଲ ଜମିରେ ସେମାନେ କପା ଚାଷ କରିଥିବା ଅଭିଯୋଗ ହେଉଛି। କେତେଜଣ ସ୍ଥାନୀୟ ଦଲାଲଙ୍କ ଜରିଆରେ ଆନ୍ଧ୍ର କପା ବେପାରୀ ସେମାନଙ୍କ ସାମ୍ରାଜ୍ୟ ବିସ୍ତାର କରି ଚାଲିଛନ୍ତି। ଆନ୍ଧ୍ର କପା ବ୍ୟବସାୟୀଙ୍କ ଜବର ଦଖଲ ଫଳରେ ଏସବୁ ଗାଁର ଅନାବାଦୀ, ଗୋଚର ଓ ଜଙ୍ଗଲ ଜମି ସଙ୍କୁଚିତ ହେଉଛି। ଏହାଫଳରେ ଅଞ୍ଚଳର ଗୃହପାଳିତ ପଶୁଙ୍କ ଚାରଣରେ ଅସୁବିଧା ହେଉଛି। ବିଭିନ୍ନ ବିଷାକ୍ତ ରାସାୟନିକ ଔଷଧ କପା ଗଛରେ ପ୍ରୟୋଗ ଫଳରେ ଜଙ୍ଗଲର ପଶୁପକ୍ଷୀ ସମେତ ଗୃହ ପାଳିତ ପଶୁପକ୍ଷୀ ଅକାଳରେ ମୃତ୍ୟୁ ମୁଖରେ ପଡୁଛନ୍ତି। ବିଭିନ୍ନ ରୋଗରେ ମଧ୍ୟ ପୀଡିତ ହେଉଛନ୍ତି। ବନବିଭାଗ, ରାଜସ୍ୱ ବିଭାଗ ଓ ଗାଁର ପ୍ରଭାବଶାଳୀ ଲୋକଙ୍କୁ ହାତ କରି ଆନ୍ଧ୍ର କପା ବ୍ୟବସାୟୀ ଏସବୁ ବେନୀୟମ କାମ କରୁଛନ୍ତି। ଅଭିଯୋଗ ପରେ ବି କୌଣସି ପଦକ୍ଷେପ ନିଆଯାଉନି। ରାସ୍ତା କଡ଼ ଜଙ୍ଗଲ ଜମିରୁ ବେଆଇନ ଭାବେ ଗଛ କାଟି କପା ଚାଷ କରାଯାଉଥିବାରୁ ବହୁ ମୂଲ୍ୟବାନ ବିରଳ ପ୍ରଜାତିର ଗଛ ମଧ୍ୟ ନଷ୍ଟ ହେଉଛି।



ଏହି ପ୍ରକ୍ରିୟା ଦୀର୍ଘ ଦିନ ଧରି ଚାଲିଥିଲେ ମଧ୍ୟ ଜଙ୍ଗଲ ବିଭାଗ ପାଖରେ ଖବର ନାହିଁ। ନା ମୋଟା ଅଙ୍କର ଅର୍ଥ ନେଇ ନ ଜାଣିଲା ପରି ନିରବ ରହୁଛି ସେ ପ୍ରଶ୍ନ ଉଙ୍କି ମାରୁଛି। ଅନ୍ୟପଟେ କଟା ଯାଇଥିବା ଗଛଗୁଡ଼ିକୁ ସ୍ଥାନୀୟ ଦଲାଲଙ୍କ ଜରିଆରେ ଲୋକଙ୍କୁ ବିକ୍ରି କରି ଆନ୍ଧ୍ର କପା ଚାଷୀ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସ୍ଥାନୀୟ ପ୍ରଶାସନର କେତେକ ଦୁର୍ନୀତଗ୍ରସ୍ତ ଅଧିକାରୀଙ୍କ ପରୋକ୍ଷ ପ୍ରୋତ୍ସାହନରେ ଏପରି ବେଆଇନ କାରବାର ଚାଲିଥିବା ଗୁରୁତର ଅଭିଯୋଗ ହେଉଛି। ତେବେ ଏନେଇ ଗ୍ରାମବାସୀ ବଘିଆପଡ଼ା ରାଜସ୍ୱ ନିରୀକ୍ଷକ ଓ ବୌଦ୍ଧ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କିଛି ଫଳପ୍ରଦ ହୋଇନାହିଁ। ଏ ନେଇ ଅତିରିକ୍ତ ତହସିଲଦାର ମହମ୍ମଦ ରଜାଇ ରସୁଲ କହିଛନ୍ତି ଯେ, ଯଦି ସରକାରୀ, ଗୋଚର ଜମି ଓ ଜଙ୍ଗଲ ଜମିରେ କପା ଚାଷ ହୋଇଛି ସମ୍ପୃକ୍ତ ଆରଆଇମାନଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯିବ। ଆବଶ୍ୟକ ପଦକ୍ଷେପ ନିଆଯିବ।

---

# ପୁରୁଣା ବ୍ଲକ୍ ଛକ ସମ୍ମୁଖ ରାସ୍ତା ଶୋଚନୀୟ

**କୋମନା, ୫।୭ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ସ୍ଥିତ ପୁରୁଣା ବ୍ଲକ ଛକ ପ୍ରାଙ୍ଗଣରେ ସାମାନ୍ୟ ବର୍ଷାରେ କାଦୁଅ ପଚ ପଚ ହେବା ଯୋଗୁଁ ସମ୍ପୂର୍ଣ୍ଣ ଭାବେ ମରଣଯନ୍ତା ପାଲଟିଛି। ଏହା ଫଳରେ ସ୍ଥାନୀୟ ଲୋକେ ତଥା ଯାତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ରାସ୍ତାରେ ପ୍ରତ୍ୟହ ହଜାର ହଜାର ଲୋକ ଚାଲି ଚାଲି ତଥା ବିଭିନ୍ନ ଯାନ ବାହନ ମାଧ୍ୟମରେ ଯିବା ଆସିବା କରନ୍ତି। ବିଶେଷ କରି କୋମନା ପଞ୍ଚାୟତ ସମିତି କଲେଜ, ଶିଶୁ ବିଦ୍ୟା ମନ୍ଦିର ତଥା ଶ୍ରୀ ଅରବିନ୍ଦ ପୂର୍ଣାଙ୍ଗ ଆଦି ବିଦ୍ୟାଳୟର ଶହ ଶହ ଛାତ୍ରଛାତ୍ରୀ କାଦୁଅ ଭତରେ ଯିବା ଆସିବା କରିଥାନ୍ତି। ପୁଣି ବ୍ଲକ ଛକରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗ୍ରାମ ନ୍ୟାୟାଳୟ ଯିବାକୁ ମୁଖ୍ୟରାସ୍ତା ହୋଇଥିବା ବେଳେ ଏଭଳି କାଦୁଅ ପଚ ପଚ ରାସ୍ତା ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଅପରପଟେ ବ୍ଲକ ପ୍ରଶାସନ ଏହି ରାସ୍ତାର ସ୍ଥିତି ଜାଣି ମଧ୍ୟ ଏହାର ସ୍ଥାୟୀ ସମାଧାନ କରୁ ନ ଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ କରୁଛନ୍ତି।



---

# ସିଲେଟ ପଞ୍ଚାୟତକୁ କାଳ ଡୁଡୁଙ୍ଗପଟା ନାଳ

**ଥୁଆମୂଳ ରାମପୁର, ୫।୭ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସିଲେଟ ପଞ୍ଚାୟତ ଭଳି ଦୁର୍ଗମ ଅଞ୍ଚଳକୁ ଡୁଡୁଙ୍ଗପଟା ନାଳ କାଳ ପାଲଟିଛି। ତେବେ ନାକରୁଣ୍ଡି ପଞ୍ଚାୟତର ଦାନ ମାଝୀଙ୍କ ଗାଁ ମେଲଘରାଠାରୁ ସିଲେଟ ପର୍ଯ୍ୟନ୍ତ ୨୦୨୨ରୁ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ୨୦୨୪ ସୁଦ୍ଧା ଏହି ରାସ୍ତା ସମ୍ପୂର୍ଣ୍ଣ ହେବାକୁ ଥିଲା; ହେଲେ କାମ ଅଟକି ରହିଛି। ରାସ୍ତାରେ ପଡୁଥିବା ରୁପେନ୍ ନିକଟ ଡୁଡୁଙ୍ଗପଟା ନାଳ ଉପରେ ପୋଲ ନିର୍ମାଣ ପାଇଁ ଅର୍ଥ ଅଭାବ ହେତୁ ରାସ୍ତା ନିର୍ମାଣ ଅଟକିଛି। ଏହା ଫଳରେ ଏହି ପଞ୍ଚାୟତର ରୂପେନ୍ ଦାଣ୍ଡପଦର, ସିଲେଟ, ସରମାଣ୍ଡି, ବୋର୍ଡିଝୋଲା, ଝାଞ୍ଜି, ଦୁର୍ବେଲଗୁଡ଼ା, କାନ୍ଦୁଲଗୁଡ଼ା, ବିଲାମାଳ, କୁଟଖାଲ, ପାଜିଖାଲ ଏବଂ ମାଳତୀପଦର ଭଳି ଦୁର୍ଗମ ଗାଁର ଲୋକେ ଅସୁବିଧା ଭୋଗୁଛନ୍ତି। ଏପରି ସ୍ଥିତିରେ କୌଣସି ଗାଁକୁ ଅମ୍ବୁଲାନ୍ସ ଯାଇପାରୁନି। ଅନ୍ୟାନ୍ୟ ଜରୁରୀକାଳୀନ ସେବାରୁ ମଧ୍ୟ ଲୋକଙ୍କୁ ବଞ୍ଚିତ ହେବାକୁ ପଡ଼ୁଛି। ଗମନାଗମନର ସୁବ୍ୟବସ୍ଥା ନ ଥିବା ଯୋଗୁଁ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ଭୁଶୁଡ଼ି ପଡ଼ିଛି।



---

# ବର୍ଷାରେ କାଦୁଅ ପଚ ପଚ ଗାଁ ରାସ୍ତା



**ତୁରେକେଲା, ୫।୭ (ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଟଟୁଅନକା ପଞ୍ଚାୟତ ବେହେରେନସିଲେଟ ଗାଁରେ ଲଗାଣ ବର୍ଷା ଯୋଗୁଁ ଗାଁ ରାସ୍ତା କାଦୁଅ ପଚ ପଚ ହୋଇ ପଡଛି। ଫଳରେ ଗ୍ରାମବାସୀ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବେହେରେନସିଲେଟ ୩ ଛକ ଠାରୁ ଜୁନିପଡ଼ା ଦେଇ ଆମ୍ବେଦକର ପଡ଼ା ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତି ଖରାପ ହୋଇପଡ଼ିଛି। ରାସ୍ତା ମରାମତି ପାଇଁ ନିର୍ବାଚିତ ପ୍ରତିନିଧି ଓ ଅଧିକାରୀଙ୍କୁ ଜଣାଇଲେ କେହିଁ ଶୁଣୁ ନାହାନ୍ତି ବୋଲି ଗାଁର ଶଶି ପୁଟେଲ ଅଭିଯୋଗ ଆଣିଛନ୍ତି। ଅନେକ ବର୍ଷ ହେଲା ରାସ୍ତା ମରାମତି କରାଯାଇନାହିଁ ଯାହାଫଳ ଖାଲଖମାରେ ଭର୍ତ୍ତି ହୋଇ ପଡ଼ିଥିବା ବେଳେ ବର୍ତ୍ତମାନ ସେହି ଖାଲଖମ ରେ ପଡ଼ି ଲୋକେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ତୁରନ୍ତ ଏହି ରାସ୍ତା ଉପରେ ପଥର ଗୁଣ୍ଡ ପକାଇ ଯାତାୟାତ ବ୍ୟବସ୍ଥା କରିବା ପରେ ଜିଲ୍ଲା ପ୍ରଶାସନ କଂକ୍ରିଟ ରାସ୍ତା ନିର୍ମାଣ କରିବାକୁ ପଦକ୍ଷେପ ନିଅନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

---

# ସରକାରଙ୍କ ଶିଶୁ ବାଟିକା ପ୍ରହସନ

**ଭବାନୀପାଟଣା, ୫।୭ (ସମିସ):** ବହୁ ଅବ୍ୟବସ୍ଥା ଭିତରେ ଚାଲିଥିବା ପ୍ରାଥମିକ ଶିକ୍ଷାକୁ ବ୍ୟବସ୍ଥିତ କରିବାକୁ ସରକାର ବିକଳ ହେଉଛନ୍ତି। ଶିକ୍ଷକ ପଦବୀ ପୂରଣ ହେଉନାହିଁ କି ଗତ ଦୁଇ ବର୍ଷ ଧରି ବିଭାଗୀୟ ପଦୋନ୍ନତି କରାଯାଉନାହିଁ। ଶିଶୁ ବାଟିକା ବିଦ୍ୟାଳୟଗୁଡିକ ଖୋଲି ସରକାର କି ପ୍ରକାର ଶ୍ରେୟ ନେବେ ତାହା ମଧ୍ୟ ଜାଣିବା କଷ୍ଟକର। ଏହାର କାରଣ ପାଠ ପଢ଼ାଇବା ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନାହିଁ। ଶିଶୁ ବାଟିକାରେ ଭର୍ତ୍ତି ହୋଇଥିବା କୁନି କୁନି ପିଲାଙ୍କ ଦାୟିତ୍ୱ ଶିକ୍ଷକମାନେ ମୁଣ୍ଡାଇ ଆସୁଛନ୍ତି। ଦୀର୍ଘ ୪ମାସ ପରେ ସରକାର ଶିଶୁ ସେବିକା ନିଯୁକ୍ତି କରିବେ ବୋଲି ଘୋଷଣା କରିଛନ୍ତି। ଶିଶୁଟିଏ ବିଦ୍ୟାଳୟରେ କାନ୍ଦିଲେ କିମ୍ବା ଅଝଟ ହେଲେ ଏମାନେ ବୁଝାଇବେ। ମାଁ ଭଳି ସମସ୍ତ କଥା ବୁଝିବେ। ଏହା ଫଳରେ ଆଗକୁ ସେ ବୋଝରୁ ଶିକ୍ଷକମାନେ ମୁକ୍ତି ପାଇବେ। ଶିଶୁ ବାଟିକା ପାଇଁ ସେବିକା ନିଯୁକ୍ତି କଥା ଶିକ୍ଷା ବିଭାଗ ଚିନ୍ତା କରିଛି। ଏହା ଭଲ କଥା; ହେଲେ ସରକାର ଶିକ୍ଷକ ନିଯୁକ୍ତିକୁ କିପରି ଭୁଲିଯାଉଛି ତାହା ପରିତାପର ବିଷୟ। କଳାହାଣ୍ଡି ଜିଲ୍ଲାରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ୭୪୦୧ ଶିକ୍ଷକ ପଦବୀରୁ ୨୭୯୩ ପଦ ଖାଲି ପଡ଼ିଛି। ସେମାନଙ୍କ ମଧ୍ୟରୁ ପଦୋନ୍ନତି ପାଇଲେ ଲେଭେଲ ଭିଏରୁ ଲେଭେଲ ଭିବିକୁ ଯିବାକୁ ଅଛନ୍ତି ୮୯୫ ଜଣ ଶିକ୍ଷକ। ବିଶେଷକରି ଗ୍ରାଜୁଏଟ ବିଜ୍ଞାନ ଶିକ୍ଷକ ୭୧୩ରୁ ଅଛନ୍ତି ମାତ୍ର ୧୩୦ଜଣ। ସେହିପରି କଳା ଶିକ୍ଷକ ୭୧୩ରୁ ୨୩୮ଜଣ କାର୍ଯ୍ୟରତ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସିନିଅର ଶିକ୍ଷକ ୧୫୬୨ଜଣ ଆବଶ୍ୟକ ସ୍ଥଳେ ଅଛନ୍ତି କେବଳ ୭୩୭ ଏବଂ ୮୨୫ଟି ପଦବୀ ଖାଲି ପଡ଼ିଛି। ଏଥିରେ ପୁଣି ଅନଲାଇନ କ୍ଲାସ୍, ଭିନ୍ନ ଭିନ୍ନ ତାଲିମ ଓ ଶିଶୁ ଗଣନା ସର୍ଭେ ଦାୟିତ୍ୱ ଦେଇ ସରକାର ଚୁପ୍। ଗୁଣାତ୍ମକ ଶିକ୍ଷା ହେଉ ବା ପ୍ରାଥମିକ ଶିକ୍ଷାର ମାନ ବୃଦ୍ଧି ଦିଗରେ କେହି ଉଦ୍‌ବେଗ ପ୍ରକାଶ କରିବା ଲକ୍ଷ୍ୟ କରାଯାଉନାହିଁ। ପ୍ରାଥମିକ ବିଦ୍ୟାଳୟ ଏବେ ମଧ୍ୟାହ୍ନ ଭୋଜନ ଓ ମାଣ୍ଡିଆ ପ୍ରସ୍ତୁତ ଲଡୁ ଭିତରେ ସୀମିତ ରହିଛି କହିଲେ ଠିକ୍ ହେବ। ତେଣୁ ଗୁଣବତ୍ତାଭିତ୍ତିକ ଶିକ୍ଷାର ସଫଳତା ପାଇଁ ଭିତ୍ତିଭୂମି, ସମ୍ବଳ ନିବେଶ, ଶିକ୍ଷକ ନିଯୁକ୍ତି ଓ ଶ୍ରେଣୀ ଗୃହ ଆବଶ୍ୟକତା ଅତ୍ୟନ୍ତ ଜରୁରୀ। ପ୍ରାଥମିକ ଶିକ୍ଷା ଯେଉଁ ସ୍ଥିତିରେ ଗତି କରୁଛି ତାହା ସଜଡ଼ା ଯାଇପାରୁନାହିଁ। ବିଦ୍ୟାଳୟଗୁଡିକୁ ମିଳୁଥିବା କମ୍ପୋଜିଟ ଗ୍ରାଣ୍ଟ ଅର୍ଥ କିଏ ଫେରାଇ ଦେଉଛି ତ କେଉଁ ବିଦ୍ୟାଳୟରେ ପୁରୁଣା ସାମଗ୍ରୀକୁ ନୂଆ ଦେଖାଇ ଟଙ୍କା ଚଳୁ କରିବାର ଗଳା ବାଟ ବାହାରୁଛି। ଆହୁରି ୧୪କୋଟି ଟଙ୍କାର ୟୁସି. ଖୋଜି ମଧ୍ୟ ମିଳୁନି। ଯାହା ୟୁସି. ମିଳିଥିବ ତାହା କେବଳ ଡକ୍ୟୁମେଣ୍ଟ ପ୍ରସ୍ତୁତି ପୂର୍ବକ ହୋଇଥିବ ବୋଲି କୁହାଯାଉଛି। ସରକାର ଲଗାତର ଭାବେ ବିଭିନ୍ନ ବିଦ୍ୟାଳୟର ଲାଇବ୍ରେରୀ ପାଇଁ ବହି ବଣ୍ଟନ କରୁଛନ୍ତି। ଗଦା ଗଦା ବହି ଆସୁଛି। ସେ ବହିର ମଲାଟ ମଧ୍ୟ ଛାତ୍ରଛାତ୍ରୀ ଦେଖୁଥିବେ କି ନାହିଁ ସନ୍ଦେହ। ଚଳିତ ବର୍ଷ ପାହାଡ଼ ଆକାରରେ ବହି ରଖାଯାଇଛି। ଜିଲ୍ଲାର ୨୧୬୬ଟି ବିଦ୍ୟାଳୟରେ ଏହି ବହି ବଣ୍ଟାଯିବ। ୬୦ଜଣ ପ୍ରକାଶକଙ୍କ ବହି ଆସିଛି। ସରକାର ଯେଉଁ ଉଦ୍ଦେଶ୍ୟରେ କୋଟି କୋଟି ଟଙ୍କାର ବହି କିଣିଛନ୍ତି ତାହା ଛାତ୍ରଛାତ୍ରୀଙ୍କ ପାଇଁ କେତେ ଉପଯୋଗୀ ହେଉଛି ସେନେଇ କେହି ଭାବୁନାହାନ୍ତି। ଏହା ଫଳରେ ବହି ବଣ୍ଟନ ନୀତି ମଧ୍ୟ ଅର୍ଥହୀନ ହେବା ସାର ହେଉଛି।

---

# ଜଳାଶୟରେ ମିଶୁଛି ଆବର୍ଜନା

**ବଲାଙ୍ଗିର, ୫।୭ (ସମିସ)**

ବଲାଙ୍ଗିର ସହରରେ ଥିବା ଜଳାଶୟର ପାଣି ଗୁଡିକ ଧିରେ ଧିରେ ବିଷ ହେବାରେ ଲାଗିଥିବା ଅଭିଯୋଗ ହୋଇଛି। ଜଳାଶୟ ଭିତରେ ବେଆଇନ ଭାବେ ଆବର୍ଜନା ପକାଯାଉଥିବା ବେଳେ ତାହା ପାଣିରେ ମିଶୁଛି। ଯାହାକୁ ବ୍ୟବହାର କରି ଜଳାଶୟ ଉପରେ ନିର୍ଭର କରୁଥିବା ଲୋକେ ବିଭିନ୍ନ ପ୍ରକାର ଚର୍ମ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି। ବିଶେଷ କରି ସହର ଭିତରେ ଗଢିଉଠିଥିବା ବଡ ହୋଟେଲ ଓ ମ୍ୟାରେଜ ପ୍ୟାଲେସ ଗୁଡିକର ଆବର୍ଜନା ଜଳାଶୟରେ ଫିଙ୍ଗାଯାଉଥିବା ଦେଖିବାକୁ ମିଳିଛି।

### ବଡ ହୋଟେଲ, ମ୍ୟାରେଜ ପ୍ୟାଲେସ ଆବର୍ଜନା ପଡୁଛି

### ପ୍ରଶାସନର ନଜର ନାହିଁ



ଗତ କିଛି ବର୍ଷ ହେଲା ବେହେରାପାଲି ଅଞ୍ଚଳରେ ଲୋକେ ନିର୍ଭର କରୁଥିବା ପୋଖରୀ ପାଣିର ଶୁଦ୍ଧତାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଉକ୍ତ ପୋଖରୀର ପୁନରୁଦ୍ଧାର କରିବା ପାଇଁ ଦାବି କରିଥିଲେ। କିନ୍ତୁ ଲୋକଙ୍କ ଦାବିକୁ ଏଯାଏଁ ପ୍ରଶାସନ ଦୃଷ୍ଟି ଦେଇନାହିଁ। ଅନ୍ୟପକ୍ଷରେ ଏହି ପୋଖରୀରେ ନିୟମିତ ନିକଟରେ ଥିବା ଏକ ମ୍ୟାରେଜ ପ୍ୟାଲେସର ଆବର୍ଜନା ଫିଙ୍ଗାଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ପୋଖରୀ ଭିତରେ ଆବର୍ଜନାକୁ ଫିଙ୍ଗି ଦିଆଯାଉଥିବା ବେଳେ ବର୍ଷା ହେବା ଦ୍ୱାରା ପାଣି ପୋଖରୀରେ ପଶୁଛି। ଫଳରେ ଉକ୍ତ ଆବର୍ଜନା ମଧ୍ୟ ପୋଖରୀକୁ ପଶୁଥିବା ଅଭିଯୋଗ ହୋଇଛି। କେବଳ ଏହି ଜଳାଶୟ ନୁହଁ ସହରର ଭିନ୍ନ ଭିନ୍ନ ସ୍ଥାନରେ ଥିବା ଜଳାଶୟ କଡରେ ଥିବା ବଡ ବଡ ହୋଟେଲ, ମ୍ୟାରେକ ପ୍ୟାଲେସର ଆବର୍ଜନାକୁ ଫିଙ୍ଗିଦିଆଯାଉଥିବା ବେଳେ ସେହି ଆବର୍ଜନା ପୋଖରୀ ପାଣିରେ ମିଶୁଥିବା ଅଭିଯୋଗ ହୋଇଛି। ଫଳରେ ଉକ୍ତ ପୋଖରୀରେ ନିର୍ଭର କରୁଥିବା ଲୋକେ ନା ନା ରୋଗରେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳିଛି। ତେବେ ପୌରପରିଷଦ ପକ୍ଷରୁ ସମସ୍ତ ୱାର୍ଡ ୱାର୍ଡ ବୁଲି ଗାଡି ସାହାଯ୍ୟରେ ଆବର୍ଜନା ସଂଗ୍ରହ କରାଯାଇ ତାହାର ପ୍ରକ୍ରିୟାକରଣ କରାଯାଉଛି। କିନ୍ତୁ ହୋଟେଲ ଓ ମ୍ୟାରେଜ ପ୍ୟାଲେସର ପଚାଶଢା ଆବର୍ଜନାକୁ ପ୍ରକ୍ରିୟାକରଣ ପ୍ଲାଣ୍ଟକୁ ନେବା ବଦଳରେ ପାଖରେ ଥିବା ଜଳାଶୟ କିମ୍ବା ଖାଲି ସ୍ଥାନରେ ଫୋପାଡିଦେଇ ନିଜ କାମ ସାରିଦେଉଛନ୍ତି। ଯଦ୍ୱାରା ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏହି ସବୁ ବଡ ବଡ ପ୍ରତିଷ୍ଠାନର ଆବର୍ଜନା ପରିଚାଳନା ପାଇଁ କୌଣସି ପ୍ରଶାସନିକ କଟକଣା ନଥିବା ବେଳେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି। ଯାହାର ସୁଯୋଗ ନେଇ ଉକ୍ତ ବ୍ୟବସାୟୀମାନେ ମନଇଚ୍ଛା ଆବର୍ଜନା ଫୋପାଡି ଲୋକଙ୍କ ପାଇଁ ସମସ୍ୟା ବଢ଼ାଉଥିବା ଅଭିଯୋଗ ହୋଇଛି। ତେବେ ସ୍ଥାନୀୟ ପୌରପ୍ରଶାସନ ଏହାକୁ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି।

# ଭାଇଭଉଣୀଙ୍କ ସହ ଦେଉଳକୁ ଫେରିଲେ ଦାରୁଦିଅଁ









ବୌଦ୍ଧ,୫ ।୭ (ସମିସ): ବୌଦ୍ଧରେ ଶନିବାର ବାହୁଡା ଯାତ୍ରା ଶେଷ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇଭଉଣୀଙ୍କ ସହ ୯ଦିନର ଲୀଳାଖେଳା ପରେ ମନ୍ଦିରକୁ ବାହୁଡିଛନ୍ତି। ମୁଣ୍ଡିଚା ମନ୍ଦିରରେ ସକାଳ ନୀତିକାନ୍ତି ପରେ ଠାକୁରଙ୍କୁ ସ୍ୱତନ୍ତ୍ର ବେଶ କରାଯାଇଥିଲା। ଅପରାହ୍ନ ଗୋଟାଏରେ ଠାକୁରଙ୍କୁ ମନ୍ଦିରରୁ ବାହାରକୁ ଅଣାଯାଇ ଗୋଟି ପହଣ୍ଡିରେ ନିଆଯାଇଥିଲା। ଏହି ସମୟରେ ଭକ୍ତମାନଙ୍କ ଦ୍ୱାରା ବଡଦାଣ୍ଡର ବିଭିନ୍ନ ସ୍ଥାନରେ ପରମ୍ପରା ମୁତାବକ ବାଟଭୋଗ ଲାଗି କରାଯାଇଥିଲା। ଜିଲ୍ଲା ଜଜ୍ ପ୍ରତାପ ପାତ୍ରଙ୍କ ଘର ସମ୍ମୁଖରେ ତିନିଠାକୁରଙ୍କୁ ରଖାଯାଇଥିଲା। ସପରିବାର ପୂଜାର୍ଚ୍ଚନା କରିଥିଲେ। ସେବକଙ୍କ କାନ୍ଧରେ ତିନିଠାକୁର ଝୁଲିଝୁଲି ଝିପିଝିପି ବର୍ଷାରେ ପହଣ୍ଡି ଯାତ୍ରାରେ ଯିବାବେଳେ ସଂକୀର୍ତ୍ତନ୍ୟ, ଘଣ୍ଟଶଙ୍ଖ ନାଦରେ ବଡଦାଣ୍ଡ ଉଛୁଳି ପଡିଥିଲା। ଠାକୁରମାନଙ୍କୁ ରଥ ଚାରିପାଖେ ପରିକ୍ରମା କରାଯାଇ ରଥାରୁଢ କରାଯିବାପରେ ପରମ୍ପରା ଅନୁଯାୟୀ ଶିଶୁମାନଙ୍କ ରଥଛୁଆଁ ନୀତି ପାଳନ କରାଯାଇଥିଲା। ଏହାପରେ ବୌଦ୍ଧ ରାଜା ଦେବେନ୍ଦ୍ର ପ୍ରସାଦ ଦେବଙ୍କ ଦ୍ୱାରା ଛେରା ପହଁରା ନୀତି ସଂପନ୍ନ କରାଯାଇଥିଲା। ଏହାପରେ ରଥଟଣା ଆରମ୍ଭ ହୋଇଥିଲା। ରଥାରୁଢ ତିନି ଠାକୁରଙ୍କୁ ଦର୍ଶନ କରିବାକୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଚନ୍ଦ୍ରକାନ୍ତ ନାୟକ, ପ୍ରତାପ ରଥ, ଇଂ ସଞ୍ଜୟ ପଣ୍ଡା, ହୃଷିକେଶ ପ୍ରଧାନ, ଦୁଃଖିଶ୍ୟାମ ବେହେରା, ରମେଶ ପ୍ରସାଦ ମେହେର, ସୁଶାନ୍ତ ମହାପାତ୍ର, ଶିବଦତ୍ତ ପଟ୍ଟନାୟକ ପ୍ରମୁଖ ଜଗନ୍ନାଥଙ୍କ ବିଷୟରେ ଧାରା ବିବରଣୀ ପ୍ରଦାନ କରିଥିଲେ। ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ବାହୁଡା ଯାତ୍ରାର ବିଭିନ୍ନ କାର୍ଯ୍ୟ ତଦାରଖ କରିଥିଲେ। ପହଣ୍ଡି ସମୟରେ ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପଜିଲ୍ଲାପାଳ ପ୍ରବୀଣ ବାଣ୍ଡଆ ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହିତ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଜନଗହଳିକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

**ଶଗଡା:** କନ୍ଧମାଳ ବ୍ଲକର ବିଭିନ୍ନ ସ୍ଥାନର୍ୱେଦ୍ୟ ଶନିବାର ବାହୁଡା ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସେବାୟତମାନେ ଜଗତର ନାଥ ଜଗନ୍ନାଥ ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ପହଣ୍ଡି କରି ରଥାରୂଢ଼ କରିଥିଲେ। ରଥରେ ପୂଜାର୍ଚ୍ଚନା ପରେ ଶତାଧିକ ଭକ୍ତ ରଥ ଟାଣିଥିଲେ। ଚଳିତ ବର୍ଷ ମୌସୁମୀ ବର୍ଷା ହେବା ଫଳରେ ଥଣ୍ଡା ପାଗ ଯୋଗୁଁ ଅନେକ ସ୍ଥାନରେ ଅପରାହ୍ନରେ ବାହୁଡା ଯାତ୍ରା ଆରମ୍ଭ ହୋଇଥିଲା। କନ୍ଧମାଳ ବ୍ଲକର ଘଣ୍ଟାପଡ଼ା, ଆମ୍ବାଗାଁ, କନ୍ଧମାଳ, ପଳସାଗୋରା, ଲୋକାପଡ଼ା, ଗୁଡଭେଲି ପଦର, ମନମୁଣ୍ଡା,ପଦରପଡ଼ା, ପଦରପଡ଼ା, ଟୁରି ଦେଉଳ, ଗବଯୋର ଆଦି ଗ୍ରାମରେ ବାହୁଡା ଯାତ୍ରା ବେଶ୍ ଧୁମ୍‌ଧାମରେ ବାହୁଡ଼ା ଯାତ୍ରା ପାଳିତ ହୋଇଯାଇଛି। ଅନେକ ସ୍ଥାନରେ ଭିଡ଼କୁ ଦେଖି ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପାଗ ଅନୁକୂଳ ଥିବାରୁ ବାହୁଡା ଯାତ୍ରାରେ ପ୍ରବଳ ଜନ ଗହଳି ଦେଖିବାକୁ ମିଳିଥିଲା। ରାତି ପର୍ଯ୍ୟନ୍ତ ରଥ ଟଣା ହୋଇଥିଲା। ତିନି ଠାକୁର ମନ୍ଦିର ପାଖରେ ପହଞ୍ଚିଲା ପରେ ରଥରୁ ପହଣ୍ଡି କରି ମନ୍ଦିରକୁ ନିଆ ଯାଇଥିଲା।

**ମନମୁଣ୍ଡା:** ମନମୁଣ୍ଡା ଶ୍ରୀ ଦଧିବାମନ ଜନ୍ମବେଦୀରେ ନବଦିନାତ୍ମକ ଲୀଳା ସାରି ରତ୍ନବେଦୀକୁ ପ୍ରତ୍ୟାବର୍ତ୍ତନ ଯାତ୍ରା କରିଛନ୍ତି। ଶନିବାର ସକାଳୁ ମେଘୁଆ ପାଗ ସାଙ୍ଗକୁ ଝିପି ଝିପି ବର୍ଷା ଲାଗି ରହିଥିବା ସତ୍ତ୍ୱେ ବାହୁଡା ଯାତ୍ରା ଦେଖିବାକୁ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ମନ୍ଦିର ମୁଖ୍ୟ ପୂଜକ ଆଶୁତୋଷ ହୋତା ସକାଳୁ ପ୍ରଭୁଙ୍କ ନୀତିକାନ୍ତି କରିଥିଲେ। ଭୁଲିଆ ସମାଜ ଅଧୀନରେ ଶ୍ରୀ ଭାଗବତ ମନ୍ଦିରରେ ଗୁଣ୍ଡିଚା ମା' ମନ୍ଦିର କରାଯାଇଥିବାରୁ ଭୁଲିଆ ସମାଜ ତରଫରୁ ବାହୁଡା ଯାତ୍ରା ପୂର୍ବରୁ ଏକ ସ୍ୱତନ୍ତ୍ର ମହାଆଳତି କରାଯାଇଥିଲା। ସ୍ୱାଧୀନ ହୋତା, ଶିବ ରଥ, ନିରଞ୍ଜନ ହୋତା ପ୍ରମୁଖ ପହଣ୍ଡି କରିଥିଲେ। ଭୁଲିଆ ସମାଜ ତରଫରୁ ପହଣ୍ଡି ଗୀତ ସହ କୀର୍ତ୍ତନ କରାଯାଇ ଘଣ୍ଟଶଙ୍ଖରେ ପହଣ୍ଡି କରାଯାଇ ମହାପ୍ରଭୁଙ୍କୁ ରଥାରୂଢ଼ କରାଯାଇଥିଲା। ପରମ୍ପରା ପ୍ରକାରେ ଛୁଆମାନଙ୍କ ମଙ୍ଗଳ ମନାସି ସେମାନଙ୍କ ରଥ ଛୁଆଁ ପୂଜାବିଧି କରାଯାଇଥିଲା। କୈବର୍ତ୍ତ ସମାଜ ନେତୃତ୍ୱରେ ରଥ ଟଣା ଯାଇ ମନ୍ଦିରକୁ ଯାଇଥିଲା। ରଥ ଟଣା ସମୟରେ ଭଜନ, କୀର୍ତ୍ତନ, ହରିବୋଲ, ହୁଳହୁଳିରେ ଭକ୍ତ ବିଭୋର ହୋଇ ଯାଇଥିଲେ। ରଥରୁ ମହାପ୍ରଭୁଙ୍କୁ ଓହ୍ଲାଇ ପୁନଃ ପହଣ୍ଡି କରି ମନ୍ଦିରକୁ ନିଆଯାଇଥିଲା।



ମହାଲକ୍ଷ୍ମୀଙ୍କୁ ଘୋଷଯାତ୍ରାରେ ନେଇ ନ ଥିବାରୁ ସେ ଶ୍ରୀମନ୍ଦିର କବାଟ ବନ୍ଦ କରି ଦେଇ ମହାପ୍ରଭୁଙ୍କୁ ଭିତରକୁ ଛାଡ଼ି ନ ଥିଲେ। ସେନେଇ ଗୀତ ମାଧ୍ୟମରେ ମହାଲକ୍ଷ୍ମୀ ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଯୁକ୍ତିତର୍କ ବେଶ ଆନନ୍ଦ ଦାୟକ ଥିଲା। ଶେଷରେ ମହାପ୍ରଭୁ ମା' ଲକ୍ଷ୍ମୀଙ୍କୁ ବହୁତ୍ ବୁଝାଇ ତାଙ୍କ ମନ ଜିଣିଥିଲେ। ରସଗୋଲା ଦେଇ ମନାଇ ଥିଲେ। ମା ମହାଲକ୍ଷ୍ମୀ ଶ୍ରୀମନ୍ଦିର କବାଟ ଖୋଲିବା ପରେ ଜଗତର ନାଥ କାଳିଆ ଠାକୁର ରତ୍ନବେଦୀକୁ ଯାଇଥିଲେ।

**ବିନିକା:** ବିନିକାରେ ୧୦ଦିନ ପରେ ମହାବାହୁ ମନ୍ଦିରରୁ ବାହୁଡିଛନ୍ତି। ଶ୍ରଦ୍ଧାଳୁ ପ୍ରଭୁଙ୍କ ଜୟଗାନ କରି ଭଜନ, କୀର୍ତ୍ତନ, ଘଣ୍ଟ, ଶଙ୍ଖର ତାଳେ ତାଳେ ଗୋଟି ପହଣ୍ଡିରେ ରଥାରୁଢ଼ କରିଥିଲେ।ସେହିପରି ବ୍ଲକ୍ ଅଧୀନ ଫୁଲମୁଠି, ଶଙ୍କରା, ସିଘିଯୁବା, ବାଙ୍କୀଘିରିଡ଼ି, ସିଲାଟି, ମହଦା, ମହାଦେବପାଲି, ମନିଗାଁ, ବାଉଁଶୁନୀ, ଜୁଲୁଣ୍ଡା ପ୍ରଭୃତି ସ୍ଥାନରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

**ତରଭା:** ତରଭାର ଶ୍ରୀ ଦଧିବାବନ ମନ୍ଦିର ଅଭିମୁଖେ ବାହାରିଛନ୍ତି। ଶନିବାର ଦିନସାରା ଝିପିଝିପି ବର୍ଷା ସତ୍ତ୍ୱେ ହଜାର ହଜାର ଭକ୍ତଙ୍କ ଗହଣରେ ସେବାୟତ ପ୍ରଭୁଙ୍କୁ ପହଣ୍ଡ କରାଇ ରଥାରୂଢ କରିଥିଲେ। ରଥଯାତ୍ରା କମିଟିର ସଭାପତି ରତନ ଲାଲ ଅଗ୍ରୱାଲ ଛେରାପହଁରା କରିଥିଲେ। ତରଭା ମେହେର ସମାଜ, ଔଷଧ ଦୋକାନୀ ସଂଘ ଓ ଅନ୍ତର୍ଡାର ଭବ୍ୟ ଉପନଭୋଗ ପ୍ରଦାନ ପରେ ରଥଟଣା ଆରମ୍ଭ ହୋଇଥିଲା। ରାମ ନାଏକ, ସୁରେନ୍ଦ୍ର ଦଳବେହେରା, କିରଣ ନାଏକ, ଭକ୍ତ ରଣା, ଗାନ୍ଧୀ ନାଏକ, ପାଣ୍ଡବ ବଗର୍ତ୍ତୀ, ଛାଲୁ ନାଏକଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ, ପୁଲିସ କର୍ମଚାରୀ ରଥଟଣାରେ ସହଯୋଗ କରିଥିଲେ। ଶନିବାର ରଥ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ସମ୍ମୁଖରେ ଅଟକିଛି। ସେବାୟତ ସତ୍ୟ ନାରାୟଣ ପୂଜାରୀ, ସଞ୍ଜୟ ମିଶ୍ର, ଆଶିଷ ମିଶ୍ର ଠାକୁରଙ୍କ ନୀତିକାନ୍ତି ଦାୟିତ୍ୱ ତୁଲାଇଥିଲେ। ରଥ ଉପରେ ପ୍ରଭୁ ବୁଦ୍ଧ ଅବତାରରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ରଥ ସମ୍ମୁଖରେ ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ବଲାଙ୍ଗୀରର ଧନେଶ୍ୱର ଦାସ ଓ ସାଥିଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା।

**ଭବାନୀପାଟଣା, ୫ ।୭ (ସମିସ):** ନବଦିନାତ୍ମକ ଯାତ୍ରା ଶେଷ ପରେ ମହାପ୍ରଭୁ ମନ୍ଦିର ବାହୁଡିଛନ୍ତି। ଗୁଣ୍ଡିଚା ମନ୍ଦିରରେ ୯ ଦିନ ବ୍ୟାପି ଚତୁର୍ଦ୍ଧାମୂର୍ତ୍ତି ପୂଜା ପାଇବା ପରେ ବାହୁଡା ଯାତ୍ରାରେ ଦେଉଳକୁ ଫେରିଛନ୍ତି। ମହାସମାରୋହରେ ଏହି ଯାତ୍ରା ପାଳିତ ହୋଇଛି। ବଳଭଦ୍ର, ମାଁ ସୁଭଦ୍ରା ଏବଂ ଜଗତର ନାଥ ଶ୍ରୀଜଗନ୍ନାଥ ଅପରାହ୍ନରେ ରଥାରଢ ହୋଇଥିଲେ। ଅଗଣିତ ଭକ୍ତ ଭକ୍ତିଭାବରେ ଏକାକାର ହୋଇଯାଇଥିଲେ। ଚାରିଆଡ ଜଗନ୍ନାଥମୟ ହୋଇଯାଇଥିଲା। ଘଣ୍ଟ, କୀର୍ତ୍ତନ ମଧ୍ୟରେ ମହାପ୍ରଭୁ ମନ୍ଦିର ଫେରିଛନ୍ତି। ପୂର୍ବତନ ସାଂସଦ ଅର୍କ କେଶରୀ ଦେଓ ଓ ଯୁବରାଜ ପୂଜା ନୀତିରେ ସାମିଲ ହୋଇଥିଲେ। ପ୍ରଶାସନ ତରଫରୁ ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ଦ୍ୱୟ ତନ୍ମୟ ଦରୱାନ ଏବଂ ବୈତୁରା ଦୀପ, ଉପଜିଲ୍ଲାପାଳ ପ୍ରଭାତ ପରିଡା, ସିଡିଓ ଦୟାମୟ ପାଢ଼ୀ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ଉପସ୍ଥିତ ଥିଲେ। ଉମେଶ ଚନ୍ଦ୍ର ଶତପଥୀ, ବିରଞ୍ଚି ନାରାୟଣ ମୁଣ୍ଡ, ତପନ ରଥ ଏବଂ ସ୍ନେହଲତା ଷଡଙ୍ଗୀ ଉଦ୍‌ଘୋଷକ ଥିଲେ। ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିରରେ ମାଁ ସେରାୱାଲି ସଂଗୀତ ଝଙ୍କାର ଅନୁଷ୍ଠାନ ପକ୍ଷରୁ ଭଜନ ପରିବେଷଣ ହୋଇଥିଲା। ସୀମାଞ୍ଚଳ ତ୍ରିପାଠୀଙ୍କ ଉଦ୍ୟମରେ ଆୟୋଜିତ ଭଜନ କାର୍ଯ୍ୟକ୍ରମରେ ବିଡ଼ିଓ ଚନ୍ଦନ ଭୋଇ, ଶିକ୍ଷାବିତ ପ୍ରଦୀପ ସାହୁ ଏବଂ ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର ଅତିଥିରୂପେ ଉପସ୍ଥିତ ଥିଲେ। ଭବାନୀପାଟଣା ମୁଖ୍ୟ ଜଗନ୍ନାଥ ମନ୍ଦିର ସମେତ ବାଲାଜୀ ମନ୍ଦିର, ଇରିଗେସନ୍ କଲୋନୀ, ଦୁଆରସୁନୀ, ହଲିଆପଡା, ବାଲଗୋପାଲ ସେବା ନିକେତନ ସମେତ ବିଭିନ୍ନ ସ୍ଥାନରେ ମଧ ବାହୁଡା ଯାତ୍ରା ଶେଷ ହୋଇଛି। ଅନ୍ୟପକ୍ଷେ ନର୍ଲା ବ୍ଲକର ରୁପ୍ରାରୋଡରେ ମଧ ଶନିବାର ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। ପ୍ରସିଦ୍ଧ କଥାବାଚକ ଆଶୀର୍ବାଦଜୀ ମହାରାଜ ଓ ରୁପ୍ରାରୋଡ ଜଗନ୍ନାଥ ମନ୍ଦିରର ପୂଜକ ପ୍ରତାପ ପଣ୍ଡା ବାହୁଡ଼ା ନୀତି ସଂପାଦନ କରିଥିଲେ। ସୁନୀଲ ଅଗ୍ରୱାଲ ରଥରେ ଛେରାପହଁରା କରିଥିଲେ। ପ୍ରଦୀପ ଅଗ୍ରୱାଲ, ରତନ ଅଗ୍ରୱାଲ, ତ୍ରିନାଥ ମହାନ୍ତି, ରାଜେଶ ଦତ୍ତା, ଶ୍ୟାମସୁନ୍ଦର ଶର୍ମା, ବିଜୟ ଅଗ୍ରୱାଲ, ସୁମିତ ଅଗ୍ରୱାଲ, ଅମିତ ଶର୍ମା, ଜଗମୋହନ ରୋହିଲା, ଭାଲୁ ଶର୍ମା, ସୁଧୀର ଅଗ୍ରୱାଲ, ସୁଦୀପ ଅଗ୍ରୱାଲ, ମନ୍ଦିର ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା ଓ ରୁପ୍ରାରୋଡବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଲକ୍ଷ୍ମୀ ନାରାୟଣ ଭେଟ ରୁପ୍ରାରୋଡ ବାହୁଡା ଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା। ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତି ରହିଥିବାବେଳେ ରବିବାର ସୁନାବେଶ ହେବ।



## ଭାରସାମ୍ୟ ହରାଇ ଓଲଟିଲା ସିମେଣ୍ଟ ବୋଝେଇ ଟ୍ରକ୍

**ବୌଦ୍ଧ, ୫ ।୭ (ସମିସ):** ୫୭ ନମ୍ବର ଜାତୀୟରାଜପଥର ଖୁଣ୍ଟବନ୍ଧ ନିକଟରେ ଏକ ସିମେଣ୍ଟ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଡ୍ରାଇଭର ଆହତ ହୋଇଛନ୍ତି। ତେଲେଙ୍ଗାନା ରାଜ୍ୟରୁ ଏହି ସିମେଣ୍ଟ ବୋଝେଇ ଟ୍ରକଟି ବୌଦ୍ଧ ଆସୁଥିଲା। ଆଗ ଚକ ଫାଟିଯିବାରୁ ଭାରସାମ୍ୟ ହରାଇ ରାସ୍ତାକଡର ୨ଟି ଗଛକୁ ଧକ୍କା ଦେଇ ଓଲଟି ପଡିଥିଲା। ଏହା ଫଳରେ ଡ୍ରାଇଭର ସିଦ୍ଧେଶ୍ୱର ରାଓ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନା ପଠାଇଥିଲେ।

● ରେଳ ଧାରଣା ଉପରେ ଷ୍ଟଣ୍ଟ ଦେଖାଇବା ମାମଲା

## ୩ ନାବାଳକଙ୍କୁ ଉଠାଇ ନେଲା ଆର୍‌ପିଏଫ୍

**ବୌଦ୍ଧ, ୫ ।୭ (ସମିସ):** ରେଳ ଧାରଣାରେ ଷ୍ଟଣ୍ଟ ଦେଖାଇବାକୁ ୩ ଜଣ ନାବାଳକଙ୍କୁ ମହଙ୍ଗା ପଡିଛି। ବଲାଙ୍ଗିର ଆର୍‌ପିଏଫ୍ ଏହି ୩ ଜଣ ନାବାଳକଙ୍କୁ ଉଠାଇ ନେଇ ପଚାରାଉଚରା କରିବା ସହ ତାଗିଦ କରିଛି। ଏହା ଭିତରେ ଜଣେ ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ଟାଲୁପାଲି ଗ୍ରାମ ନିକଟ ରେଳ ଧାରଣାରେ ଶୋଇ ଷ୍ଟଣ୍ଟ ଦେଖାଉଥିଲେ। ଅନ୍ୟମାନେ ଭିଡିଓ କରି ତାଙ୍କୁ ଉତ୍ସାହିତ କରୁଥିଲେ। ଏହାର ଭିଡିଓ ଭାଇରାଲ୍ ହେବା ସହ ଦୈନିକ 'ସକାଳ'ରେ ମଧ୍ୟ ଶନିବାର ଏ ସମ୍ପର୍କରେ ଖବର ପ୍ରକାଶ ପାଇଥିଲା। ଏହାପରେ ବାଉଁଶୁଣୀ ଥାନା ପୁଲିସ ସହାୟତାରେ ବଲାଙ୍ଗିରରୁ ରେଳ ସୁରକ୍ଷା ବଳ ବା ଆରପିଏଫ ପହଞ୍ଚି ଏମାନଙ୍କୁ ଉଠାଇ ନେଇଛି। ୩ ନାବାଳକଙ୍କ ସହ ସେମାନଙ୍କ ଅଭିଭାବକଙ୍କୁ ମଧ୍ୟ ପୁଲିସ ପଚରାଉଚରା କରିଛି।

## ବୃଦ୍ଧଙ୍କୁ ହତ୍ୟା ଘଟଣାରେ ମାମଲା ରୁଜୁ

**ମନମୁଣ୍ଡା, ୫ ।୭ (ସମିସ):** ଜଣେ ବୃଦ୍ଧଙ୍କ ମୃତ୍ୟୁର ପ୍ରାୟ ୩ ମାସ ପରେ ମନମୁଣ୍ଡା ପୁଲିସ ହତ୍ୟା ମାମଲା ରୁଜୁ କରିଛି। ମନମୁଣ୍ଡା ଥାନା ତଥା ପଞ୍ଚାୟତ ଅଧୀନ କଲତାପାଲି (ମହୁଲବାହାଲି) ଗ୍ରାମର ବୃଦ୍ଧ ବଳରାମ ସିଂ (୭୫) ଏପ୍ରିଲ ୧୪ ତାରିଖ ସକାଳେ ଆମ୍ବ ଗୋଟାଇବାକୁ ଯାଇଥିଲେ। କିଛି ସମୟ ପରେ ତାଙ୍କ ବୋହୂ ଶୋଭାଗିନି ବଗିଚାକୁ ଯାଇଥିଲେ। ଶଶୁରଙ୍କୁ ଦେଖି ଘରକୁ ଫେରିବା ବେଳେ ଗ୍ରାମର କେତେଜଣ ବ୍ୟକ୍ତି ବଳରାମଙ୍କୁ ହତ୍ୟା କରିବା ନେଇ ଶୋଭାଗିନୀଙ୍କୁ ଶୁଣାଇ ଶୁଣାଇ କହିଥିଲେ। ମଧ୍ୟାହ୍ନରେ ସେ ସେଠାକୁ ପୁଣି ଥରେ ଯାଇ ଦେଖିବାରେ ତାଙ୍କ ଶଶୁର ସେଠାରେ ନ ଥିଲେ। ଘଟଣା ସମୟରେ ଶୋଭାଗିନୀଙ୍କ ସ୍ୱାମୀ ଶିବ ଘରେ ନ ଥିଲେ। ଅପରାହ୍ନ ପ୍ରାୟ ୪.୩୦ରେ ସେ ଘରକୁ ଫେରି ବଗିଚାର ପ୍ରାୟ ୫୦୦ ମିଟର ଦୂର ଅନ୍ୟ ଜଣକଙ୍କ ବିଲରେ ବଳରାମ କ୍ଷତାକ୍ତ ହୋଇ ପଡ଼ିଥିବା ଦେଖି ଉଦ୍ଧାର କରିଥିଲେ। ପ୍ରଥମେ ମନମୁଣ୍ଡା ଓ ପରେ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ସେଠାରୁ ପୁଣି ବଲାଙ୍ଗୀର ଭୀମଭୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପରଦିନ ଡାକ୍ତର ବଳରାମଙ୍କୁ ମୃତ ଘୋଷଣା କରିଥିଲେ। ମେ ୧୩ରେ ଶୋଭାଗିନୀ ମନମୁଣ୍ଡା ଥାନାରେ ଏତଲା ଦେଇଥିଲେ। ପୁଲିସ କିନ୍ତୁ ମାମଲା ରୁଜୁ କରି ନ ଥିଲା। ବାରମ୍ବାର ଅଭିଯୋଗ ଓ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ମନମୁଣ୍ଡା ପୁଲିସ ଏବେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ମହେନ୍ଦ୍ର ବେହେରା ଶଗଡ଼ା ଫାଣ୍ଡି ଅଧିକାରୀ

**କନ୍ଧମାଳ/ଶଗଡ଼ା, ୫ ।୭ (ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଶଗଡ଼ା ଫାଣ୍ଡି ଅଧିକାରୀ ଭାବେ ମହେନ୍ଦ୍ର ବେହେରା ଯୋଗ ଦେଇଛନ୍ତି ପୂର୍ବରୁ ସେ ମନମୁଣ୍ଡା ଥାନାରେ ଏସ୍‌ଆଇ ଥିଲେ। ପଦୋନ୍ନତି ପାଇବା ପରେ ଶଗଡା ଫାଣ୍ଡି ଅଧିକାରୀ ଭାବେ ଯୋଗ ଦେଇଛନ୍ତି।



## ଖବର ପ୍ରକାଶ ପରେ ମରାମତି ହେଲା ରାସ୍ତା



ସକାଳ ପ୍ରଭାବ

**ବିନିକା, ୫ ।୭ (ସମିସ):** ୫୩ନଂ ରାଜ୍ୟ ରାଜପଥ ବିନିକା-ଗୋଡଭଗା ରାସ୍ତାର ଚେରୁପାଲି ଠାରୁ ଜିରା ବ୍ରିଜ୍ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିଲା। ଏନେଇ ସାମାଜିକ କର୍ମୀ ରମେଶ ମେହେର ରାସ୍ତା ସମସ୍ୟାର ସମାଧାନ ନେଇ ମୁଖ୍ୟମନ୍ତ୍ରୀ,ପୂର୍ତ୍ତ ବିଭାଗକୁ ଟୁଇଟ ମାଧ୍ୟମରେ ଜଣାଇଥିଲେ। ରାସ୍ତାର ଦୂରାବସ୍ଥା ସମ୍ପର୍କରେ ୪ ଜୁଲାଇରେ ଦୈନିକ ଖବର କାଗଜ ସକାଳରେ ବିସ୍ତୃତ ଭାବରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭଙ୍ଗ ହୋଇଥିଲା। ୧୨ଘଣ୍ଟା ନପୁରୁନୁ ଆବୁଡ଼ା ଖାବୁଡ଼ା ରାସ୍ତାକୁ ସମତୁଳ କରାଯାଇଥିଲା। ସୂଚନାଯୋଗ୍ୟ, ରାସ୍ତାରେ ଅସଂଖ୍ୟ ଛୋଟ ବଡ଼ ଗର୍ତ୍ତ ସୃଷ୍ଟି କରି ବର୍ଷା ପାଣି ଭର୍ତ୍ତି ରହିଥିଲା ଯାହା ଫଳରେ ଗାଡ଼ି ଗୁଡିକ ହାତୀ ଝୁଲିଲା ପରି ଯିବା ଆସିବା କରୁଥିବା ଦେଖିବାକୁ ମିଳିଥିଲା। ସାଧାରଣ ପଥିକ, ଛାତ୍ରଛାତ୍ରୀ ଏପରିକି ବାଇକ ଆରୋହୀଙ୍କ ପାଇଁ ବିପଦପୂର୍ଣ୍ଣ ସାଜିଥିଲା ଏହି ରାସ୍ତା। ତେବେ ବିଭାଗୀୟ କର୍ତ୍ତୃପକ୍ଷ ତତ୍ପରତା ଦେଖାଇ ରାସ୍ତା ମରାମତି କରିଥିବାରୁ ଅଞ୍ଚଳବାସୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି।

## ବୌଦ୍ଧ ପତଞ୍ଜଳି ଯୋଗ ସମିତି ପକ୍ଷରୁ ପ୍ରସାଦ ବିତରଣ



**ବୌଦ୍ଧ, ୫ ।୭ (ସମିସ):** ବୌଦ୍ଧ ପତଞ୍ଜଳି ଯୋଗ ସମିତି ପକ୍ଷରୁ ବାହୁଡ଼ା ଯାତ୍ରାରେ ପ୍ରସାଦ ବଣ୍ଟନ କରାଯାଇଛି। ହୃଷିକେଶ ପ୍ରଧାନଙ୍କ ତତ୍ତ୍ୱାବଧନରେ ସରୋଜ ମହାରଣା, ପ୍ରମୋଦ ପରିଡା, ରମାକାନ୍ତ ଦଳେଇ ପ୍ରମୁଖ ସହଯୋଗ କରିଥିଲେ।

## ବିଜୁ ପକ୍କା ଘରେ ରହିବାକୁ ଅଧିକାର ମିଳୁନି

**ବୌଦ୍ଧ, ୫ ।୭ (ସମିସ):** ରାଜ୍ୟ ଓ କେନ୍ଦ୍ର ସରକାର କଚ୍ଚା ଘରକୁ ପକ୍କା ଘର କରିବା ପାଇଁ ବିଜୁ ପକ୍କା ଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ ଲାଗି ଗରିବ ତଥା ଯୋଗ୍ୟ ଯୋଗ ହିତାଧିକାରୀଙ୍କୁ ଅର୍ଥ ଯୋଗାଇ ଦେଉଛନ୍ତି। ଏହି ଘର ଯେଭଳି ପ୍ରକୃତ ହିତାଧିକାରୀ ପାଇବେ ସେଥିପାଇଁ ତଳୁ ଉପର ପର୍ଯ୍ୟନ୍ତ ତଦାରଖ କରିବା ପାଇଁ ଅଧିକାରୀ ନିଯୁକ୍ତ କରିଛନ୍ତି। ତଥାପି କେତେକ ଲାଭଖୋର ଅଧିକାରୀଙ୍କ ଯୋଗୁଁ ହିତାଧିକାରୀ ଯୋଜନାର ଲାଭ ପାଉ ନାହାନ୍ତି। ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତଠାରୁ ମାତ୍ର ୨୦୦ ମିଟର ବାଘପାଲି ଗ୍ରାମରେ ଏଭଳି ଦେଖିବାକୁ ମିଳିଛି। ଏହି ଗାଁର ଭାମା ନାଏକ (୮୦)ଙ୍କ କ୍ଷେତ୍ରରେ ଏହା ଘଟିଛି। ୨୦୧୬/୧୭ ମସିହାରେ ସେ ବିଜୁ ପକ୍କା ଘର ଯୋଜନାରେ ଘର ପାଇଛନ୍ତି।। ଏହି ଘରକୁ ତାଙ୍କର ଜଣେ ସଂପର୍କୀୟ ସେ ରହୁଥିବା ଜାଗାରେ ନିର୍ମାଣ ନ କରି ନିଜ ଯାଗାରେ ନିର୍ମାଣ କରିଛନ୍ତି। ଘର ନିର୍ମାଣ ହୋଇଥିବା ସ୍ଥାନ ତେଲିବନ୍ଧ ପଞ୍ଚାୟତର ଚନ୍ଦ୍ରପୁର ରାଜସ୍ୱ ଗ୍ରାମରେ ଅବସ୍ଥିତ। ଏଣୁ ସମସ୍ୟା ହୋଇଛି। ଏନେଇ ସେ ପୂର୍ବତନ ସରପଞ୍ଚ ଓ ପିଇଓଙ୍କୁ ଅନେକ ଥର ଅଭିଯୋଗ କରି ମଧ୍ୟ କିଛି ଲାଭ ହୋଇ ନାହିଁ। ଘର ପାଇଥିବା ହିତାଧିକାରୀ ଏବେ ଘରେ ରହିବାର ଅଧିକାର ପାଉ ନାହାନ୍ତି। ଏଣୁ ଏକ ଭଙ୍ଗା ଘରେ ରହୁଛନ୍ତି। ଏହି ଘରର ଅଧା ଛପର ମଧ୍ୟ ନାହିଁ। ସାମାନ୍ୟ ବର୍ଷା ହେଲେ ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହି। ବର୍ତ୍ତମାନ ବର୍ଷା ଦିନ ଯୋଗୁଁ ସେ ପଡ଼ିଶା ଘରେ ଶୋଉଛନ୍ତି। ବର୍ଷା ଯୋଗୁଁ ଚୂଲି ଓଦା ହୋଇ ଯାଉଛି। ଏଣୁ ରୋଷେଇ କରି ପାରୁ ନାହାନ୍ତି। ଯେଉଁ ଦିନ ଯିଏ ଯାହା ଦେଲା ତାହା ଖାଆନ୍ତି। ଏପରିକି ଦିନେ ଦିନେ ଉପାସ ରହିବାକୁ ପଡେ। ଅବଶ୍ୟ ପଞ୍ଚାୟତରୁ ୩୫ କିଲୋ ଚାଉଳ ଓ ୫୦୦ ଟଙ୍କା ଭତ୍ତା ମିଳୁଛି। ବର୍ତ୍ତମାନ ଏହି ମହଙ୍ଗା ଦୁନିଆରେ ଏଥିରେ ମାସେ ଚଳିବା କଷ୍ଟକର ବୋଲି ସେ କହିନ୍ତି। ଏ ବୟସରେ ଆଉ ରୋଷେଇ କରି ପାରୁ ନାହାନ୍ତି ବୋଲି ମଧ୍ୟ କହିଛନ୍ତି। ୨୦୨୩ ଜୁଲାଇ ୧୭ରେ ଲକ୍ଷ୍ମୀପ୍ରସାଦ ପଞ୍ଚାୟତରେ ଜିଲ୍ଲାପାଳଙ୍କୁ ସେ ଅଭିଯୋଗ ଶୁଣାଣି ଶିବିରରେ ଭେଟିଥିଲେ। କୌଣସି ଏକ ବୃଦ୍ଧାଶ୍ରମରେ ରହିବାକୁ ନିବେଦନ କରିଥିଲେ। ପ୍ରଶାସନ ପକ୍ଷରୁ ତାଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହଯୋଗରେ ଏକ ବୃଦ୍ଧାଶ୍ରମକୁ ନିଆଗଲା। କିଛି ଦିନ ପରେ ସେଠାରେ ତାଙ୍କୁ ଅତ୍ୟାଚାର କରିବାରୁ ସେ ଫେରି ଆସିଲେ। ବର୍ତ୍ତମାନ ସେହି ବିପଦ ସଂକୁଳ ଘରେ ରହୁଛନ୍ତି।



● ଭଙ୍ଗା ଘରେ କୁଟୁଛି ଦିନ
● ରାତିରେ ପର ଘରେ ଶୋଉଛନ୍ତି
● ଠକିଦେଲା ଜିଲ୍ଲା ପ୍ରଶାସନ

## କାର୍‌ରୁ ୧୭ ୯୮ ବୋତଲ କଫ୍ ସିରପ ଜବତ




**ବୌଦ୍ଧ, ୫ ।୭ (ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ନାଏକପଡାର କରୁଣାପାଲି ନିକଟରେ ଏକ କାରରୁ ୧୭ ୯୮ ବୋତଲ କଫ୍ ସିରପ ଜବତ ହୋଇଛି। ବୌଦ୍ଧ ଥାନାରେ ଏହା ପ୍ରଦର୍ଶନ କରାଯାଇଛି। ଶୁକ୍ରବାର ଏକ କାର ଯୋଗେ ବଘିଆପଡା-ବୁଟୁପାଲି ଭାୟା ପନ୍ଥାଇ ରାସ୍ତାରେ ବିପୁଳ ପରିମାଣର କଫ୍ ସିରପ ଚାଲାଣ ହେଉଥିବା ଉପଖଣ୍ଡ ପୁଲିସ ଅଧିକାରୀ ଲରେନ୍ ରାଉତରାୟଙ୍କ ନିକଟରେ ସୂଚନା ପହଞ୍ଚିଥିଲା। ଶ୍ରୀ ରାଉତରାୟଙ୍କ ନେତୃତ୍ୱରେ ଏକ ପୁଲିସ ଟିମ ବୌଦ୍ଧ ଥାନା କରୁଣାପାଲି ଗ୍ରାମ ନିକଟରେ ଚଢଉ କରିଥିଲା। ପୁଲିସକୁ ଦେଖି ଚାଲାଣକାରୀ କାର ଛାଡ଼ି ଫେରାର ମାରିଥିଲେ। ପୁଲିସ କାରରୁ କଫ୍ ସିରପ ଜବତ୍ କରିଛି। ଏ ସମ୍ପର୍କରେ ବୌଦ୍ଧ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଛି।

## ପିଡିଏସ୍ ଚାଉଳ ଚୋରି ଅଭିଯୋଗରେ ୩ ଗିରଫ

**ଥୁଆମୂଳ ରାମପୁର, ୫ ।୭ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ କିଆପଦର ପଞ୍ଚାୟତ ଗୋଦାମରୁ ପିଡିଏସ୍ ଚାଉଳ ଚୋରି କରିବା ୩ ଜଣ ଯୁବକଙ୍କୁ ମହଙ୍ଗା ପଡିଛି। କର୍ଲାପାଟ ପୁଲିସ ସେମାନଙ୍କୁ ଗିରଫ କରିଛି। ଏମାନେ ହେଲେ ଅରବିନ୍ଦ ନାଏକ (୧୯), ଅଭିମନ୍ୟୁ ଦଣ୍ଡସେନା (୨୪) ଏବଂ ସତ୍ୟ ନାଏକ (୧୯)। ଗତ ୧ ତାରିଖ ରାତିରେ ପଞ୍ଚାୟତର ପିଡିଏସ୍ ଚାଉଳ ଗୋଦାମର ସଟର୍ ତାଲା ଭାଙ୍ଗି ଚାଉଳ ଚୋରି ହୋଇଥିବା ସନ୍ଦେହରେ ଗ୍ରାମବାସୀ ଯୋଗାଣ ସହାୟକଙ୍କୁ ସୂଚନା ଦେଇଥିଲେ। ଯୋଗାଣ ସହାୟକ ଆସି ଦେଖିଲା ବେଳକୁ ଗୋଦାମରୁ ଚାଉଳ ଚୋରି ହୋଇଥିବା ନିଶ୍ଚିତ ହୋଇଥିଲେ। ହେଲେ କେତେ ବସ୍ତା ଚାଉଳ ଚୋରି ହୋଇଛି ତାହା ନିଶ୍ଚିତ କରି ନ ଥିଲେ। ଏହାପରେ କିଆପଦର ସରପଞ୍ଚ ଲକ୍ଷ୍ମୀଧର ମାଝୀ କର୍ଲାପାଟ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ପକ୍ଷରୁ ଏହି ଘଟଣାର ତଦନ୍ତ ସମୟରେ ଗ୍ରାମର ବଳରାମ ନାଏକଙ୍କ ଘରୁ ୮ ବସ୍ତା ଚାଉଳ ଜବତ କରିଛି।



## ରୁଷ୍‌ରେ ସନ୍ତାନ ଜନ୍ମ ପାଇଁ ମହିଳାଙ୍କୁ ମିଳୁଛି ଲକ୍ଷେ ଟଙ୍କା



ମସ୍କୋ, ୫ ।୭(ଏଜେନ୍ସି): ରୁଷ୍‌ରେ ଜନସଂଖ୍ୟାରେ ଅବନତୀକୁ ଲକ୍ଷ୍ୟ କରି ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । କମ୍ ବୟସର ମହିଳାମାନଙ୍କୁ ପିଲା ଜନ୍ମ କରିବାକୁ ପ୍ରୋତ୍ସାହିତ କରାଯାଉଛି । ପିଲା ଜନ୍ମ କରୁଥିବା ମହିଳାଙ୍କୁ ଏହିକ୍ରମରେ ଲକ୍ଷେ ଟଙ୍କା ଦିଆଯାଉଛି । ରୁଷିଆର ୧୦ଟି ଅଞ୍ଚଳରେ ଗତ ମାର୍ଚ୍ଚରୁ ଏହି ନିୟମ ଲାଗୁ କରାଯାଇଛି । ଦେଶରେ ଜନସଂଖ୍ୟାରେ ଅବନତୀ ହେଉଛି । ପୁଣି ଦେଶରେ ବୟସ୍କ ଲୋକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ପୂର୍ବରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ପାଇଁ ଏହି ନିୟମ ଲାଗୁ ହୋଇଥିଲା । ଏବେ ୧୮ ବର୍ଷରୁ କମ୍ ଅର୍ଥାତ୍ ନାବାଳିକାଙ୍କ ପାଇଁ ଏହି ନିୟମ ଲାଗୁ କରାଯାଇଛି । ୨୦୨୩ରେ ରୁଷ୍‌ରେ ପ୍ରତ୍ୟେକ ମହିଳା ହାରାହାରି ୧.୪୧ ପିଲା ଜନ୍ମ ଦେଇଥାନ୍ତି । କିନ୍ତୁ ଜନସଂଖ୍ୟା ସ୍ଥିର ରଖିବାକୁ ହେଲେ ଏହା ୨.୦୫ ରହିବା ଆବଶ୍ୟକ ବୋଲି କୁହାଯାଇଛି । ଜନସଂଖ୍ୟା ଦୃଷ୍ଟିକୋଣରୁ ରୁଷ୍ ଏବେ ବିଶ୍ୱର ୯ମ ସ୍ଥାନରେ ରହିଛି । ୟୁକ୍ରେନ ସହ ଚାଲିଥିବା ଯୁଦ୍ଧ ପାଇଁ କମ୍ ବୟସରେ ମହିଳାଙ୍କୁ ମା ହେବାକୁ ବାଧ୍ୟ କରାଯାଉଛି ।

## ୪୫ ବର୍ଷୀୟ ବରକୁ ୧୩ ବର୍ଷର କନିଆଁ



ନୁହ, ୫ ।୭(ଏଜେନ୍ସି): ହରିୟାଣାର ନୁହ ଜିଲ୍ଲାରେ ଏକ ଅଜବ ଘଟଣା ସାମ୍ନାକୁ ଆସିଛି । ଜଣେ ୧୩ ବର୍ଷୀୟା ନାବାଳିକାଙ୍କୁ ଜଣେ ୪୫ ବର୍ଷର ବ୍ୟକ୍ତିଙ୍କ ସହ ବିବାହ କରାଇ ଦିଆଯାଇଛି । ଝିଅର ବାପା ନିଶାସକ୍ତ ହୋଇଥିବାରୁ ଜଣେ ମୌଲବିଙ୍କ ସହ କଥା ହୋଇ ଏକ ସ୍ଥାନୀୟ ମାଦ୍ରାସାରେ ଝିଅର ବିବାହ ଅର୍ଥାତ ନିକାହ କରିଛନ୍ତି । ଏହାପରେ ଘରକୁ ଆସି ସେ ଝିଅ ପିଉଷୀଙ୍କ ଘରକୁ ଯାଇଛି ବୋଲି କହିଥିଲେ । ସେପଟେ ନିକାହ କରିବା ପରେ ଅଭିଯୁକ୍ତ ନାବାଳିକାଙ୍କୁ ଧରି ସେଠାରୁ ପଳାଇଥିଲେ । ଅଭିଯୁକ୍ତର ପ୍ରଥମ ପତ୍ନୀ ଝିଅ ଘରେ ପହଞ୍ଚି ଅବଗତ କରାଇବା ପରେ ସବୁକଥା ପଦାକୁ ଆସିଥିଲା । ଏବେ ଝିଅ ଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି । ଅବଶ୍ୟ ପୁଲିସ ଏପର୍ଯ୍ୟନ୍ତ ମାମଲା ରୁଜୁ କରିନାହିଁ । ପୁରୁଷ ଜଣଙ୍କର ଏହା ତୃତୀୟ ବିବାହ ଥିଲା ଓ ତାଙ୍କର ୫ଟି ସନ୍ତାନ ରହିଛନ୍ତି ।

### ସମ୍ବଲରେ ମର୍ମନ୍ତୁଦ ଦୁର୍ଘଟଣା
## ବର ସମେତ ୮ ମୃତ

ସମ୍ବଲ, ୫ ।୭(ଏଜେନ୍ସି): ଉତ୍ତରପ୍ରଦେଶର ସମ୍ବଲ ଜିଲ୍ଲାର ଜୁନାୱାଲ ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଏକ ବଡ଼ ଅଘଟଣ ଘଟିଛି । ବାହାଘରର ଖୁସି ଅଚାନକ ଚୂରମାର ହେବା ସହ ଦୁଃଖଦ ସ୍ଥିତିରେ ବଦଳିଯାଇଥିଲା । ଏକ ଏସ୍‌ୟୁଭି କାର ଦ୍ରୁତଗତିରେ ଯାଇ କଲେଜ କାନ୍ଥରେ ଧକ୍କା ଦେବା ଫଳରେ ବର ଓ ପରିବାରର ଅନ୍ୟ ୮ ଜଣ ଘଟଣାସ୍ଥଳରେ ମୃତ୍ୟୁବରଣ କରିଛନ୍ତି । ଧକ୍କାରେ କଲେଜ କାନ୍ଥ ଭୁଶୁଡ଼ି ପଡ଼ିଥିଲା । ଏଥିରେ ଦୁଇଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଗୋଟିଏ ପରିବାରର ୧୦ ଜଣ ସଦସ୍ୟଙ୍କୁ ନେଇ ଏହି କାର ମିରଟ- ବଦାୟୁଁ ରାଜପଥରେ ଯାଉଥିବା ବେଳେ ନିୟନ୍ତ୍ରଣ ହରାଇ ଜନତା ଇଣ୍ଟର କଲେଜ ଦିଆଲିରେ ପିଟି ହୋଇଥିଲା ବୋଲି ଏଏସ୍‌ପି ଅନୁକୃତି ଶର୍ମା କହିଛନ୍ତି । କାରର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାବେ ଚେପା ହୋଇଯାଇଛି । ଗାଡି ଭିତରେ ଫସିରହିଥିବା ଯାତ୍ରୀଙ୍କୁ ଜେସିବି ମାଧ୍ୟରେ ବାହାର କରାଯାଇଥିଲା ।

## ତେଲଙ୍ଗାନା ବିସ୍ଫୋରଣ ମୃତ୍ୟୁ ସଂଖ୍ୟା ୪୦କୁ ବୃଦ୍ଧି

ହାଇଦରାବାଦ୍, ୫ ।୭(ଏଜେନ୍ସି): ତେଲଙ୍ଗାନା କାରଖାନା ବିସ୍ଫୋରଣ ମାମଲାରେ ମୃତ୍ୟୁ ସଂଖ୍ୟା ବଢ଼ିଚାଲିଛି । ଶନିବାର ମୃତ୍ୟୁ ସଂଖ୍ୟା ୪୦ରେ ପହଞ୍ଚିଛି ବୋଲି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଚନ୍ଦ୍ରଶେଖର ବୁଡୁଗୁ କହିଛନ୍ତି । ସକାଳେ ଆଉ ଜଣେ ଆହତ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ । ଫଳରେ ମୃତ୍ୟୁ ସଂଖ୍ୟା ବଢ଼ିଛି ବୋଲି ସେ କହିଛନ୍ତି । ଏବେ ମଧ୍ୟ ଆଉ ୧୯ ଜଣ ଆହତ ବ୍ୟକ୍ତିଙ୍କର ଚିକିତ୍ସା ଚାଲିଛି । ଏବେ ମଧ୍ୟ ଏହି ଘଟଣାରେ ୯ ଜଣ ନିଖୋଜ ଅଛନ୍ତି ଓ ଏମାନଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରହିଛି । ଜୁନ୍ ୩୦ରେ ପାଶାମିଲାରାମ ଇଣ୍ଡଷ୍ଟ୍ରିଆଲ ଏରିଆସ୍ଥିତ ସିଗାଚି ଇଣ୍ଡଷ୍ଟ୍ରିଜ୍‌ରେ ସକାଳ ୮.୧୫ରେ ଏହି ବିସ୍ଫୋରଣ ହୋଇଥିଲା ଓ ସେତେବେଳେ ୧୫୦ ଲୋକ ସେଠାରେ ଥିଲେ ।

## ଆମେରିକାରେ ବନ୍ୟା; ୨୪ ମୃତ, ୨୩ ବାଳିକା ନିଖୋଜ

ୱାସିଂଟନ, ୫ ।୭(ଏଜେନ୍ସି): ଆମେରକାର ଦକ୍ଷିଣରେ ଥିବା ଟେକ୍ସାସ ରାଜ୍ୟରେ ଶୁକ୍ରବାର ପ୍ରବଳ ବର୍ଷା ହେବା ପରେ ଗୁଆଡାଲୁପ୍ ନଦୀରେ ପ୍ରବଳ ବନ୍ୟା ଆସିଛି । ଏଥିରେ ୨୪ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ସେହିପରି ୨୩ଜଣ ଝିଅ ନିଖୋଜ ହୋଇଛନ୍ତି । ଏପର୍ଯ୍ୟନ୍ତ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଯାଇଛି । ହେଲିକପ୍ଟର ଜରିଆରେ ଉଦ୍ଧାର କାର୍ଯ୍ୟ ଚାଲୁ ରହିଛି । ଉଦ୍ଧାର କାର୍ଯ୍ୟରେ ୯ଟି ଉଦ୍ଧାରକାରୀ ଦଳ, ୧୪ଟି ହେଲିକପ୍ଟର ଓ ୧୨ଟି ଡ୍ରୋନର ବ୍ୟବହାର କରାଯାଉଛି ।

## ପାକିସ୍ତାନରେ କୋଠା ଭୁଶୁଡ଼ି ୧୬ ମୃତ


କରାଚୀ, ୫ ।୭(ଏଜେନ୍ସି): କରାଚୀର ଲ୍ୟାରୀ ଅଞ୍ଚଳରେ ଏକ ବହୁତଳ କୋଠା ଭୁଶୁଡ଼ିବା ଫଳରେ ୧୬ ଲୋକ ପ୍ରାଣ ହରାଇଛନ୍ତି । ଶନିବାର ୬ ତଳ ବିଶିଷ୍ଟ ଏହି କୋଠା ଭୁଶୁଡ଼ିଥିଲା । ଏବେ ମଧ୍ୟ କେତେ ଲୋକ ତଳେ ଚାପି ହୋଇ ରହିଛନ୍ତି । ଗୁରୁତର ଭାବେ ଆହତ ହୋଇଥିବା ୯ଜଣଙ୍କୁ ଉଦ୍ଧାର କରାଯାଇଛି । ଏମାନଙ୍କ ମଧ୍ୟରେ ୫ ମହିଳା ସାମିଲ ରହିଛନ୍ତି । ଅତିକମ୍‌ରେ ୨୦ ଜଣ ଲୋକ ତଳେ ଚାପି ହୋଇ ରହିଛନ୍ତି ବୋଲି କରାଚୀ ମେୟର ମୁର୍ତ୍ତାଜା ୱାହାମ କହିଛନ୍ତି । ଉଦ୍ଧାର କାର୍ଯ୍ୟ ଜୋରରେ ଚାଲିଛି ବୋଲି ସେ କହିଛନ୍ତି । ପୂର୍ବରୁ ସିନ୍ଧ ବିଲ୍ଡିଂ କଣ୍ଟ୍ରୋଲ ଅଥରିଟି (ଏସ୍‌ବିସିଏ) ଏହି ବିଲ୍ଡିଂ ବିପଜ୍ଜନକ ବୋଲି ଘୋଷଣା କରିଥିଲା ।

## ସ୍କୁଲ କାନ୍ଥରେ ୪ ଲିଟର ରଙ୍ଗ; ୧୬୮ ଶ୍ରମିକ, ୬୫ ମିସ୍ତ୍ରି

ଭୋପାଳ, ୫।୭ (ଏଜେନ୍ସି): ମଧ୍ୟପ୍ରଦେଶ ଶାହଡୋଲ ସ୍ଥିତ ସାକାଣ୍ଡି ଗ୍ରାମରେ ଥିବା ସ୍କୁଲରୁ ଆଶ୍ଚର୍ଯ୍ୟଜନକ ମାମଲା ସାମ୍‌ନାକୁ ଆସିଛି । ଏହି ସ୍କୁଲ୍ ଗଣିତର ଚମତ୍କାର ଏବଂ ମାନବ ସମ୍ବଳର ବିରଳ ଉପଯୋଗ କରି ବଡ଼ ସଫଳତା ପାଇଛି! ସ୍କୁଲ୍‌ର ଏକ କାନ୍ଥରେ ୪ ଲିଟର ରଙ୍ଗ ବୋଳିବା ପାଇଁ ୧୬୮ ଶ୍ରମିକ ଏବଂ ୬୫ ରାଜମିସ୍ତ୍ରୀ କାମ କରିଛନ୍ତି । ବୟୋହାରି ବିଧାନସଭା କ୍ଷେତ୍ରରେ ଏହି ସ୍କୁଲ୍ କାନ୍ଥରେ ୪ଟି ଲିଟର ଅଏଲ ପେଣ୍ଟ ଦେବା ଲାଗି ଲକ୍ଷେ ସାତ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି । ସେହିପରି ନିପାନିୟା ଗ୍ରାମରେ ଥିବା ସ୍କୁଲ୍‌ରେ ୨୦ ଲିଟର ରଙ୍ଗ ବୋଳିବା ପାଇଁ ୨.୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ୧୦ ଝରକା ଏବଂ ୪ଟି କବାଟରେ ରଙ୍ଗ ଦେବା ଲାଗି ୨୭୫ ଶ୍ରମିକ ଏବଂ ୧୫୦ ରାଜମିସ୍ତ୍ରୀ ଲାଗିଥିଲେ । ସ୍କୁଲ୍ କାନ୍ଥରେ ନୁହଁ, ବରଂ କାଗଜପତ୍ରରେ ଅସଲ ପ୍ରତିଭା ପ୍ରଦର୍ଶନ କରାଯାଇଥିଲା । ଏହି କାମ କରିଥିବା କମ୍ପାନୀ ସୁଧାକର କନ୍‌ଷ୍ଟ୍ରକ୍ସନ ଗତ ମେ’ ୫ରେ ଏହି ବିଲ୍ ପ୍ରସ୍ତୁତ କରିଥିଲା ।

# ଲାଞ୍ଚ ନେଇ ୪୦ ମେଡିକାଲ କଲେଜକୁ ଅନୁମୋଦନ

ନୂଆଦିଲ୍ଲୀ, ୫।୭ (ଏଜେନ୍ସି): ଭାରତର ସବୁଠୁ ବଡ଼ ମେଡିକାଲ ସ୍କାମ (ଦୁର୍ନୀତି)ର ପର୍ଦ୍ଦାଫାସ ହୋଇଛି । ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାକାରମୟ କରିଦିଆଯାଇଛି । ଉଚିତ ବ୍ୟବସ୍ଥା ନ ଥାଇ ମେଡିକାଲ କଲେଜ ନାମରେ ନାମ ଲେଖା ଯାଉଛି । ଆଉ ଅନୁମୋଦନ ପାଇଁ କୋଟି କୋଟି ଟଙ୍କା ଲାଞ୍ଚ ଦିଆଯାଉଛି । ସ୍ୱଘୋଷିତ ବାବାଙ୍କ ଦ୍ୱାରା ଚାଲିଥିବା ଏକ ର୍‍ୟାକେଟ ଏହି କଳାକାରନାମା କରୁଛି । କେବଳ ଗୋଟିଏ ରାଜ୍ୟରେ ନୁହେଁ, ସାରା ଦେଶରେ ଏହି ଗୋଲକଧନ୍ଦା ଚାଲିଥିଲା । ନ୍ୟାସନାଲ ମେଡିକାଲ କମିସନ (ଏନଏମ୍‌ସି) ଯାଞ୍ଚରୁ ସୁରକ୍ଷା ଦେବା ଲାଗି ମେଡିକାଲ କଲେଜ ଗୁଡିକ କୋଟି କୋଟି ଟଙ୍କା ପ୍ରଦାନ କରୁଥିଲେ । ହାୱଲା ମାଧ୍ୟମରେ ଲାଞ୍ଚ ଟଙ୍କା ଆସୁଥିଲା । ଏହି ର୍‍ୟାକେଟରେ ବରିଷ୍ଠ ଅଧିକାରୀ, ମଧ୍ୟସ୍ଥି, ପ୍ରମୁଖ ଶିକ୍ଷାବିତ ଏବଂ ଜଣେ ସ୍ୱଘୋଷିତ ବାବା ରାୱତପୁରା ସରକାର ସାମିଲ ଥିଲେ ।



ରାଜସ୍ଥାନ, ଗୁରୁଗାଁଓ, ଇନ୍ଦୋରରୁ ୱାରଙ୍ଗଲ ଏବଂ ବିଶାଖାପାଟଣା ପର୍ଯ୍ୟନ୍ତ ବ୍ୟାପିଥିବା ଏହି ଦୁର୍ନୀତିରେ ହାୱାଲା ଏବଂ ବ୍ୟାଙ୍କ ମାଧ୍ୟମରେ କୋଟି କୋଟି ଟଙ୍କା ବଦଳା ଯାଇଥିଲା । ଜାଲ୍ ପ୍ରାଧ୍ୟାପକ, ଜାଲ୍ ପର୍ଯ୍ୟବେକ୍ଷଣ ଏବଂ ପ୍ରଘଟ ହୋଇଥିବା ଫାଇଲ ଏହି ବହୁକୋଟି ଟଙ୍କା ଦୁର୍ନୀତିର ପ୍ରମୁଖ ଆଧାର ଥିଲା । ଉଚିତ ବ୍ୟବସ୍ଥା ନ ଥିବା ମେଡିକାଲ କଲେଜକୁ ବେଆଇନ ଭାବେ ଅନୁମୋଦନ ଦେବା ଲାଗି ଏହି ଦୁର୍ନୀତି ହେଉଥିଲା । ଏଥିରେ ସ୍ୱାସ୍ଥ୍ୟ ମନ୍ତ୍ରାଳୟର ଅଧିକାରୀ ମଧ୍ୟ ସାମିଲ ଥିଲେ । ରାୟପୁର ସ୍ଥିତ ଶ୍ରୀ ରାୱତପୁରା ସରକାର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଶ୍ରୀଏମଏସଆର)ରେ ‘ଯାଞ୍ଚ ପାଇଁ ଲାଞ୍ଚ’ ତଦନ୍ତରୁ ଏହି ମାମଲା ଆରମ୍ଭ ହୋଇଥିଲା । ମେଡିକାଲ କଲେଜ ସପକ୍ଷରେ ଯାଞ୍ଚ ରିପୋର୍ଟ ଦେବାକୁ ୫୫ ଲକ୍ଷ ଟଙ୍କା ଲାଞ୍ଚ ନେବା ମାମଲାର ୩ ଡାକ୍ତରଙ୍କୁ ଗିରଫ କରାଯାଇଥିଲା । ଯାଞ୍ଚ ଟିମ୍‌ର ଜଣେ ସହଯୋଗୀଙ୍କଠାରୁ ୩୮ ଲକ୍ଷ ଏବଂ ଅନ୍ୟ ଜଣେ ଅଧିକାରୀଙ୍କଠୁ ୧୬. ୬୨ ଲକ୍ଷ ଟଙ୍କା ଜବତ କରାଯାଇଥିଲା । ଏହି ଲାଞ୍ଚ ପାଇଁ ଷଡ଼ଯନ୍ତ୍ର କରାଯାଇଥିଲା । ହାୱାଲା ରୁଟ୍ ମାଧ୍ୟମରେ ଏହାକୁ ସଂଗ୍ରହ କରି ଟିମ୍‌କୁ ବଣ୍ଟା ଯାଇଥିଲା । ସୂତ୍ର ଅନୁଯାୟୀ ଦେଶରେ ଥିବା ୪୦ରୁ ଅଧିକ ମେଡିକାଲ କଲେଜ ଲାଞ୍ଚ, ଜାଲ୍ ରେକର୍ଡ ଏବଂ ପର୍ଯ୍ୟବେକ୍ଷଣ ତଥ୍ୟକୁ ଜାଲିଆତି କରି ଅନୁମୋଦନ ପାଇଛନ୍ତି ।

- **ଭାରତର ସବୁଠୁ ବଡ଼ ମେଡିକାଲ ସ୍କାମ୍**
- **ଆତ୍ମଘୋଷିତ ବାବା-ଅଧିକାରୀ ଅସାଧୁ ମେଣ୍ଟ**

ତଦନ୍ତରୁ ଜଣାପଡ଼ିଛି ଯେ ଇଣ୍ଡେକ୍ସ କଲେଜରେ ଭୂତ ପ୍ରାଧ୍ୟାପକ, ନକଲି ବାୟୋମେଟ୍ରିକ ଉପସ୍ଥାନ, ଜାଲ୍ ଅଭିଜ୍ଞତା ପ୍ରମାଣପତ୍ର ଦେଇ ଏନଏମସିରୁ ଅନୁମୋଦନ ପାଇଥିଲା । ସିବିଆଇ ଜାଣିବାକୁ ପାଇଛି ଯେ ନୂଆଦିଲ୍ଲୀର ଅଧିକାରୀମାନେ ଫାଇଲଗୁଡ଼ିକର ଫଟୋଗ୍ରାଫ୍ ନେଉଥିଲେ ଏବଂ ସେଗୁଡ଼ିକୁ ଏଜେଣ୍ଟମାନଙ୍କୁ ହ୍ୱାଟସଆପରେ ପଠାଉଥିଲେ । ଏମାନେ କଲେଜ ପରିଚାଳକଙ୍କୁ ପୂର୍ବରୁ ସୂଚନା ପ୍ରଦାନ କରୁଥିଲେ । ଏହି ତଥ୍ୟ ପାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଗୁରଗାଁଓର ବୀରେନ୍ଦ୍ର କୁମାର, ଦ୍ୱାରକାର ମନୀଷା ଯୋଶୀ, ଉଦୟପୁର ସ୍ଥିତ ଗୀତାଞ୍ଜଳୀ ୟୁନିଭର୍ସିଟର ରେଜିଷ୍ଟ୍ରାର ମୟୁର ରାଭାଲ ଆଦି ସାମିଲ ଅଛନ୍ତି । ଏହି ର୍‍ୟାକେଟରେ ମେଡିକାଲ ଆସେସମେଣ୍ଟ ଆଣ୍ଡ ରେଟିଂ ବୋର୍ଡ (ଏମଏଆରବି)ର ପୂର୍ବତନ କର୍ମଚାରୀ ଜିତୁ ଲାଲ ମୀନା ମଧ୍ୟସ୍ଥି ଭାବେ କାମ କରୁଥିଲା । ସେ ଏହି ଟଙ୍କାରେ ରାଜସ୍ଥାନରେ ୭୫ ଲକ୍ଷ ଖର୍ଚ୍ଚ କରି ହନୁମାନ ମନ୍ଦିର ନିର୍ମାଣ କରିଥିଲା ।

## ରାୱତପୁରା ବାବାଙ୍କ କଳାକାରନାମା

ରାୱତପୁରା ବାବା ତଥା ରବିଶଙ୍କର ମହାରାଜଙ୍କର ସରକାରୀ ଅଧିକାରୀ, ନେତା ଏବଂ ମନ୍ତ୍ରୀଙ୍କ ସହ ଭଲ ସମ୍ବନ୍ଧ ଥିଲା । ଆଇଏଏସ, ଆଇପିଏସ ଏବଂ ନେତାଙ୍କ ସହ ତାଙ୍କ ଫଟୋ ଭାଇରାଲ ହେବାରେ ଲାଗିଥିଲା । ସେ ହିଁ ଦୁର୍ନୀତିର ମୁଖ୍ୟ କାର୍ପଟଦାର ଥିଲେ । ମଧ୍ୟପ୍ରଦେଶ ଲାହରର ଭଦୌରିଆ ଏବଂ ରାୱତପୁରା ଏହି ଗୋଲକଧନ୍ଦା ଆରମ୍ଭ କରିଥିଲେ ବୋଲି ଏଜେନ୍ସି ଆଶଙ୍କା କରୁଛି । ସେ ଏନଏମସି ମାନ୍ୟତା ଦେବା ପାଇଁ ଘରୋଇ ମେଡିକାଲ କଲେଜଠାରୁ ୩ରୁ ୫ କୋଟି ଟଙ୍କା ନେଉଥିଲେ । ଏପରିକି ସରକାରୀ କାର୍ଯ୍ୟର ଠିକା ପାଇବା ପାଇଁ ମଧ୍ୟ ଲୋକେ ବାବାଙ୍କ ଶରଣ ପଶୁଥିଲେ । ସବୁ ଦେଣନେଣ ବାବାଙ୍କ ଟ୍ରଷ୍ଟ ମାଧ୍ୟମରେ ହେଉଥିଲା । ସିବିଆଇ ଯାଞ୍ଚରୁ ଗୋଟିଏ ପରେ ଗୋଟିଏ ଭୟଙ୍କର ତଥ୍ୟ ସାମ୍‌ନାକୁ ଆସିଥିଲା । ଏହି ଦୁର୍ନୀତିରେ ୟୁଜିସିର ପୂର୍ବତନ ଅଧ୍ୟକ୍ଷ ତଥା ଟିଆଇଏସଏସ କୁଳପତି ଡିପି ସିଂହ, ଇନ୍ଦୋର ସ୍ଥିତ ମେଡିକାଲ କଲେଜର ସୁରେଶ ସିଂହ ଭଦୌରିଆ, ଅଧିକାରୀ ଏବଂ ମଧ୍ୟସ୍ଥିଙ୍କ ଏକ ବଡ଼ ର୍‍ୟାକେଟ ଥିବା ଜଣାପଡ଼ିଛି । ସିବିଆଇ ଏତଲାରେ ବାବା ରାୱତପୁରାଙ୍କ ସହିତ ଅବସରପ୍ରାପ୍ତ ଆଇଏଫଏସ ତଥା ରେରା ପୂର୍ବତନ ଅଧ୍ୟକ୍ଷ ସଞ୍ଜୟ ଶୁକ୍ଲାଙ୍କ ସମେତ ୩୫ ଜଣଙ୍କ ନାମ ରହିଛି । ସେ ଛତିଶଗଡ଼ ବନ ବିଭାଗର ପୂର୍ବତନ ମୁଖ୍ୟ ତଥା ପିସିସିଏଫ ଥିଲେ । ରାୱତପୁରା ଗ୍ରୁପରେ ସେ ଟ୍ରଷ୍ଟି ଭାବେ ସାମିଲ ହୋଇଥିଲେ । ତେବେ ଏହି ମାମଲାରେ ଏ ପର୍ଯ୍ୟନ୍ତ କେବଳ ଗ୍ରୁପ୍‌ର ନିର୍ଦ୍ଦେଶକ ଅତୁଲ ତିୱାରୀଙ୍କୁ ଗିରଫ କରାଯାଇଛି ।

ସରକାରୀ ଯୋଜନା, ରାସ୍ତା ନିର୍ମାଣ ପ୍ରକଳ୍ପ, ବିଦ୍ୟୁତ୍ ରିଆତିରେ ତାଙ୍କ ଟ୍ରଷ୍ଟକୁ ଅନୁଚିତ ଲାଭ ମିଳିଛି । ପୂର୍ବରୁ ଜମି ଜବରଦଖଲ, ବେଆଇନ କଲେଜ ପରିଚାଳନା, ମହିଳା ଅନୁଗାମୀଙ୍କୁ ଆଶ୍ରମରେ ମାନସିକ ନିର୍ଯାତନା ଦେଉଥିବା ନେଇ ରାୱତପୁରାଙ୍କ ବିରୋଧରେ ଅଭିଯୋଗ ଲାଗିଥିଲା । ମାନବାଧିକାର ଆୟୋଗ ଏହି ମାମଲାର ତଦନ୍ତ କରିଥିଲେ ମଧ୍ୟ କିଛି ହୋଇପାରି ନ ଥିଲା ।

### କିଏ ହେବ ବିଜେପିର ନୂଆ ସଭାପତି
# ଚର୍ଚ୍ଚାରେ ତିନି ନାରୀ ନେତ୍ରୀ

ନୂଆଦିଲ୍ଲୀ, ୧୫।୭ (ଏଜେନ୍ସି): ବିଜେପିର ପରବର୍ତ୍ତୀ ସଭାପତି କିଏ ହେବ? ଏହାକୁ ନେଇ ଦଳ ଓ ଆରଏସ୍‌ଏସ୍ ମଧ୍ୟରେ ଟଣାଓଟରା ଲାଗି ରହିଛି । ଏହି ପଦବୀ ପାଇଁ ବିଭିନ୍ନ ନାମ ଆସୁଥିବା ବେଳେ ଏହାକୁ ନେଇ କିନ୍ତୁ ସହମତି ହୋଇପାରୁ ନାହିଁ । ଯେଉଁଥିପାଇଁ ୨୦୨୩ ଜାନୁଆରୀରେ ଜେପି ନଡ୍ଡାଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଥିଲେ ମଧ୍ୟ ସେ ଏବେ କାମଚଳା ଦାୟିତ୍ୱରେ ଅଛନ୍ତି ।

ଏହି ଅଚଳାବସ୍ଥା ମଧ୍ୟରେ ଏକ ଆଶ୍ଚର୍ଯ୍ୟ କଲା ଭଳି ଖବର ଆସୁଛି । ତାହା ହେଲା, ବିଜେପିର ପରବର୍ତ୍ତୀ ସଭାପତି ଜଣେ ମହିଳା ହୋଇପାରନ୍ତି । ଏହି ପଦବୀ ଲାଗି ତିନିଜଣ ମହିଳା ନେତ୍ରୀଙ୍କ ନାମକୁ ନେଇ ଏବେ ଜୋରଦାର ଚର୍ଚ୍ଚା । ଏହା ଯଦି ସତ୍ୟରେ ପରିଣତ ହୁଏ, ତାହାହେଲେ ବିଜେପି ଇତିହାସରେ ପ୍ରଥମ ଥର ଲାଗି ଜଣେ ମହିଳା ସଭାପତି ହେବେ । ଏଭଳି ପ୍ରସ୍ତାବରେ ଆର୍‌ଏସ୍‌ଏସ୍ (ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ) ମଧ୍ୟ ରାଜି ଥିବା କୁହାଯାଉଛି । ତେବେ କାହାକୁ ସଭାପତି କରାଯିବ, ତାହା ଏବେ ବଡ଼ ପ୍ରଶ୍ନ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଦେଶ ଗସ୍ତରୁ ଫେରିବା ପରେ ଏସଂପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି ।

ଯେଉଁ ତିନି ଜଣ ମହିଳା ନେତ୍ରୀଙ୍କ ନାମ ଏହି ପଦବୀ ଲାଗି ଶୁଣାଯାଉଛି, ସେମାନେ ହେଉଛନ୍ତି କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ, ଡି. ପୁରନ୍ଦେଶ୍ୱରୀ ଏବଂ ଭି.ଶ୍ରୀନିବାସନ । ପ୍ରଧାନମନ୍ତ୍ରୀ ବିଦେଶ ଗସ୍ତରୁ ଫେରିବା ପୂର୍ବରୁ ଦଳର ବରିଷ୍ଠ ନେତାମାନଙ୍କ ମଧ୍ୟରେ ଏହାକୁ ନେଇ ବିଚାରବିମର୍ଶ ଚାଲିଛି । ଏଥିରେ ଆରଏସଏସର ଅନେକ ନେତା ମଧ୍ୟ ସାମିଲ ହୋଇଛନ୍ତି । ତେବେ ଏହି ତିନି ନେତ୍ରୀଙ୍କ ମଧ୍ୟରେ ସୀତାରମଣଙ୍କ ନାମ ସର୍ବାଗ୍ରେ ରହିଛି ।



ମିଳିଥିବା ଖବର ଅନୁଯାୟୀ କିଛି ଦିନ ତଳେ ବିଜେପି ମୁଖ୍ୟାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା । ଏଥିରେ ସୀତାରମଣଙ୍କ ସମେତ ଜେପି ନଡ୍ଡା ଏବଂ ଦଳର ସାଧାରଣ ସଂପାଦକ ବିଏଲ୍ ସନ୍ତୋଷ ମଧ୍ୟ ଉପସ୍ଥିତ ଥିଲେ । ରାଜନୀତିରେ ଅଭିଜ୍ଞତା ଏବଂ ପ୍ରଶାସନରେ ଦକ୍ଷତା ଦୃଷ୍ଟିରୁ ତାଙ୍କ ନାମ ଚର୍ଚ୍ଚାରେ ରହିଛି । ସେ ଦଳକୁ ଦକ୍ଷ ନେତୃତ୍ୱ ଦେଇପାରିବେ ବୋଲି ଅନେକ ଦଳୀୟ ନେତା ମତ ପ୍ରକାଶ କରିଛନ୍ତି । ଦକ୍ଷିଣ ଭାରତରେ ବିଜେପିର ସ୍ଥିତିକୁ ମଜବୁତ କରିବାରେ ତାଙ୍କର ନେତୃତ୍ୱ ସହାୟକ ବୋଲି ଯୁକ୍ତି କରାଯାଉଛି ।

ଏହି ପଦବୀ ଲାଗି ଅନ୍ୟତମ ଦାବିଦାର ହେଉଛନ୍ତି ଡି. ପୁରନ୍ଦେଶ୍ୱରୀ । ରାଜନୀତିରେ ତାଙ୍କର ଦୀର୍ଘ ଦିନର ଅଭିଜ୍ଞତା ରହିଛି । ସେ ଆନ୍ଧ୍ର ପ୍ରଦେଶ ବିଜେପିର ସଭାନେତ୍ରୀ ଥିଲେ । ସେହିଭଳି ଭି. ଶ୍ରୀନିବାସନଙ୍କ ନାମକୁ ନେଇ ମଧ୍ୟ ଚର୍ଚ୍ଚା । ଆଇନଜୀବୀରୁ ରାଜନୀତିକୁ ଆସିଥିବା ତାମିଲନାଡୁର ଏହି ନେତ୍ରୀ ବିଜେପି ମହିଳା ମୋର୍ଚ୍ଚାର ଅଧ୍ୟକ୍ଷା ଥିଲେ । ୧୯୯୩ରୁ ସେ ବିଜେପିରେ ଅଛନ୍ତି ।

## ନୀରବ ମୋଦୀଙ୍କ ଭାଇ ଗିରଫ

ୱାସିଂଟନ୍, ୫ ।୭(ଏଜେନ୍ସି): ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି) ଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ନୀରବ ମୋଦୀଙ୍କ ଭାଇ ନିହାଲଙ୍କୁ ଆମେରିକାରେ ଗିରଫ୍ କରାଯାଇଛି । ଶନିବାର ତାଙ୍କୁ ଗିରଫ କରାଯାଇଛି ବୋଲି କୁହାଯାଇଛି । ଭାରତର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଓ କେନ୍ଦ୍ରୀୟ ଯାଞ୍ଚ ବ୍ୟୁରୋ (ସିବିଆଇ) ନିହାଲଙ୍କ ପ୍ରତ୍ୟାର୍ପଣ ପାଇଁ ଆବେଦନ କରିଥିଲେ । ନିହାଲ ଜାମିନି ପାଇଁ ଆବେଦନ କରିଛନ୍ତି । ନ୍ୟାସନାଲ ଡିଷ୍ଟ୍ରିକ୍ଟ ଅଫ୍ ହନଲୁଲୁ (ଏନ୍‌ଡିଓଏଚ୍)ରେ ଜୁଲାଇ ୧୭ରେ ତାଙ୍କ ଜାମିନି ନେଇ ଶୁଣାଣି ହେବ । ଆମେରିକା ନ୍ୟାୟ ବିଭାଗ ଏନେଇ ସୂଚନା ଦେଇଛି ।



ଆମେରିକାରେ ଏଲ୍‌ଏଲ୍‌ଡି ଡାଇମଣ୍ଡସ ସହିତ ଠକାମୀ କରିବା ସହ ନିହାଲ ମୋଦୀ ପିଏନ୍‌ବିରେ ହୋଇଥିବା ୧୩, ୬୦୦ କୋଟି ଟଙ୍କାର ଦୁର୍ନୀତିରେ ସାମିଲ ଅଛନ୍ତି ବୋଲି ଅଭିଯୋଗ ହୋଇଛି । କେବଳ ସେତିକି ନୁହଁ ଏହି ମାମାଲାଗୁଡିକରେ ସେ ପ୍ରମାଣକୁ ନଷ୍ଟ କରିବାକୁ ମଧ୍ୟ ପ୍ରୟାସ କରିଥିଲେ । ଦୁର୍ନୀତିରେ ନୀରବଙ୍କୁ ନିହାଲ ସବୁ ପ୍ରକାର ସହାୟତା ଯୋଗାଇ ଦେଇଥିଲେ ବୋଲି ସିବିଆଇ ତରଫରୁ କୁହାଯାଇଛି । ଭାରତ ଓ ଆମେରିକା ମଧ୍ୟରେ ଏକ ଦୃଢ ପ୍ରତ୍ୟାର୍ପଣ ଚୁକ୍ତି ହୋଇଛି । ଫଳରେ ନିହାଲଙ୍କୁ ଭାରତ ଅଣାଯିବା ସହ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସମ୍ଭବ ବୋଲି କୁହାଯାଇଛି ।

# ବିଶିଷ୍ଟ ବ୍ୟବସାୟୀ ଗୋପାଳ ଖେମ୍‌କାଙ୍କୁ ଗୁଳିକରି ହତ୍ୟା

ପାଟନା, ୫ ।୭(ଏଜେନ୍ସି): ବିହାର ରାଜଧାନୀ ପାଟନାରେ ଶୁକ୍ରବାର ଏକ ହାଇପ୍ରୋଫାଇଲ ହତ୍ୟାକାଣ୍ଡ ଘଟିଛି । ଶୁକ୍ରବାର ରାତି ୧୧ଟାରେ ଜଣାଶୁଣା ବ୍ୟବସାୟୀ ଗୋପାଲ ଖେମ୍‌କାଙ୍କୁ ଗୁଳିକରି ହତ୍ୟା କରାଯାଇଛି । ଏହି ଘଟଣାରେ ଜଣେ ସଂଦିଗ୍ଧଙ୍କୁ ପୁଲିସ ଗରିଫ କରିଛି । ସୁଟରଙ୍କ ଦ୍ୱାରା ଏହି ହତ୍ୟାକାଣ୍ଡ ଘଟିଛି । ସଂଦିଗ୍ଧଙ୍କୁ ଗିରଫ କରିବାକୁ ସ୍ପେଶିଆଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) କ୍ରମାଗତ ଭାବେ ବିଭିନ୍ନ ସ୍ଥାନରେ ଚଢାଉ କରିଛି । ଏହି ମାମଲାରେ ପୁଲିସଙ୍କୁ ଏକାଧିକ ତଥ୍ୟ ହସ୍ତଗତ ହୋଇଛି । ସୁଟର ଓ ସୁଟରଙ୍କୁ ନିୟୋଜିତ କରିଥିବା ବ୍ୟକ୍ତିଙ୍କ ବିଷୟରେ ସୂଚନା ମିଳିଛି ବୋଲି ପୁଲିସ କହିଛି । ହତ୍ୟାର କାରଣ ସମ୍ପର୍କରେ ମଧ୍ୟ ପୁଲିସ ଅବଗତ ହୋଇଛି ବୋଲି ଆଇଜି ଜିତେନ୍ଦ୍ର ରାଣା କହିଛନ୍ତି । ଗୋପାଳଙ୍କ ପରିବାର ସଦସ୍ୟଙ୍କ ସହ ଉପ- ମୁଖ୍ୟମନ୍ତ୍ରୀ ବିଜୟ ସିହ୍ନା ସାକ୍ଷାତ କରିଛନ୍ତି । ଖୁବ୍‌ଶୀଘ୍ର ଅପରାଧୀଙ୍କୁ ଗିରଫ୍ କରାଯିବ ବୋଲି କୁହାଯାଇଛି । ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ତରଫରୁ କୁହାଯାଇଛି । ଝିଅ ସ୍କଟଲାଣ୍ଡରୁ ଆସିବା ପରେ ଗୋପାଳଙ୍କ ଅନ୍ତେଷ୍ଟିକ୍ରିୟା ରବିବାର କରାଯିବ । ଗୋପାଳ ରହୁଥିବା ଆପାର୍ଟମେଣ୍ଟର ଗେଟ୍ ସାମ୍ନାରେ ହିଁ ତାଙ୍କୁ ଗୁଳି କରାଯାଇଥିଲା । ତାଙ୍କୁ ପାଟଣାର ମୋଡିଭର୍ସାଲ ହସ୍ପିଟାଲକୁ ନିଆଯାଇଥିଲା ଓ ଚିକିତ୍ସା ଅବସରରେ ସେ ମୃତ୍ୟୁବରଣ କରିଥିଲେ । ସେ ବିଳମ୍ବିତ ରାତିରେ ବାଙ୍କିପୁର କ୍ଲବରୁ ନିଜେ ଗାଡି ଚଲାଇ ଘରକୁ ଫେରୁଥିଲେ ।

# ଭାରତକୁ ଆସି କିଡ୍‌ନୀ ବିକୁଛନ୍ତି ବାଂଲାଦେଶୀ

ଢ଼ାକା/କୋଲକାତା, ୫ ।୭(ଏଜେନ୍ସି): ବାଂଲାଦେଶରେ ଦାରିଦ୍ର୍ୟ ଉତ୍କଟ ରୂପ ଧାରଣ କରିଛି । ଦାରିଦ୍ର୍ୟର ଉତ୍ପୀଡନରେ ଲୋକେ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କିଡନୀକୁ ବିକ୍ରି କରିବାକୁ ପଛାଉନାହାନ୍ତି । ବାଂଲାଦେଶର ଉତ୍ତର-ପଶ୍ଚିମ ଜିଲ୍ଲା ଜୟପୁରହାଟ୍‌ରେ ଥିବା ଏକ ଛୋଟିଆ ଗାଁ ‘କିଡନୀ ଭିଲେଜ୍’ ନାମରେ କୁଖ୍ୟାତ ହାସଲ କରିଛି । ଏହି ଗାଁର ନାମ ବାଇଗୁନୀ । ଏହି ଗାଁର ପ୍ରତି ୩୫ ଜଣରେ ଜଣେ ବ୍ୟକ୍ତି ତାଙ୍କ କିଡନୀ ବିକ୍ରି କରିଛନ୍ତି । ଭାରତ ଓ ବାଂଲାଦେଶ ମଧ୍ୟରେ ଚାଲିଥିବା ଅବୈଧ ଅଙ୍ଗ କାରବାରରେ ବହୁ ପରିବାର ଓ ତା’ର ସଦସ୍ୟ ଜୀବନ ବର୍ବାଦ କରିଛନ୍ତି ବୋଲି ଏକ ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟରେ ଉଲ୍ଲେଖ କରିଛି ।

ଏହି ଗାଁରେ ରହୁଥିବା ୪୫ ବର୍ଷୀୟ ସଫିରୁଦ୍ଦିନ ୨୦୨୪ରେ ଗ୍ରୀଷ୍ମ ଋତୁରେ ଭାରତ ଆସି ଅଢେଇ ଲକ୍ଷ ଟଙ୍କାରେ ତାଙ୍କର ଗୋଟିଏ କିଡନୀ ବିକ୍ରି କରିଛନ୍ତି । ଦାରିଦ୍ରରୁ ମୁକ୍ତି ପାଇବା ଓ ନିଜ ୩ ଜଣ ପିଲାଙ୍କ ପାଇଁ ଘର ତିଆରି କରିବାକୁ ସେ କିଡନୀ ବିକ୍ରି କରିଛନ୍ତି ବୋଲି କହିଛନ୍ତି । କିନ୍ତୁ ସେ ନିର୍ମାଣ କରୁଥିବା ଘର ସମ୍ପୂର୍ଣ୍ଣ ହୋଇପାରିନାହିଁ । ଶରୀରରେ କଷ୍ଟ ଅନୁଭବ କରୁଥିବା ବେଳେ ସେ କାମ କରିବାକୁ ଶକ୍ତି ଓ ସାମର୍ଥ୍ୟ ପାଉନାହାନ୍ତି ବୋଲି କହିଛନ୍ତି । ଦଲାଲମାନେ ନକଲି କାଗଜପତ୍ର ତଥା ଦସ୍ତାବେଜ ତିଆରି କରି ରୋଗୀଙ୍କର ସମ୍ପର୍କୀୟ ଭାବେ ଏହି ଗାଁର ଲୋକଙ୍କୁ ଚିତ୍ରଣ କରାଯାଉଛି । ଏହିକ୍ରମରେ ନକଲି ନୋଟାରୀ ପ୍ରମାଣପତ୍ର ଓ ଡିଏନ୍‌ଏ ରିପୋର୍ଟ ମଧ୍ୟ ପ୍ରସ୍ତୁତ କରିବାକୁ ଦଲାଲମାନେ ପଛାଉ ନାହାନ୍ତି । ୧୯୯୪ରେ ଜାରି କରାଯାଇଥିବା ନିୟମ ଅନୁସାରେ ଜଣେ ନିକଟ ସମ୍ପର୍କୀୟ କିମ୍ବା ସରକାରଙ୍କ ଅନୁମତି କ୍ରମେ ଜଣେ ବ୍ୟକ୍ତି ଆଉଜଣଙ୍କୁ କିଡ୍‌ନୀ ଦାନ କରିପାରିବେ । ଭୁଲ ଭାବେ ଏହି ନିୟମର ଫାଇଦା ଉଠାଇ ଦଲାଲ୍‌ମାନେ ମୋଟ ଅଙ୍କରେ ଅର୍ଥ ଉପାର୍ଜନ କରୁଛନ୍ତି ବୋଲି ଅଭିଯୋଗ ହେଉଛି । ଏହି ଭଳି ଅନେକ ଉଦାହରଣ ଏହି ଗାଁରେ ଦେଖିବାକୁ ମିଳିଛି । ଦଲାଲମାନେ ଅଢ଼େଇ ଲକ୍ଷ ଟଙ୍କାରେ କିଡନୀ କିଣି ୧୮ରୁ ୨୨ଲକ୍ଷ ଟଙ୍କାରେ ବିକ୍ରି କରି ବହୁତ ଲାଭ କରିବା ସହ ଅର୍ଥ ଉପାର୍ଜନ କରୁଛନ୍ତି । ଏହି ଅବୈଧ ଅଙ୍ଗ କାରବାରରେ ବାଂଲାଦେଶ ପୁଲିସ ବହୁ ଲୋକଙ୍କୁ ଗିରଫ କରିଛି । ଗତ ବର୍ଷ ପୁଲିସ ଏହି ମାମଲାରେ ଜଣେ ମହିଳା ସର୍ଜନଙ୍କୁ ଗିରଫ କରିଥିଲା । ସେ ଅବୈଧ ଭାବେ ୧୫ ଜଣ ବାଂଲାଦେଶ ନାଗରିକଙ୍କ କିଡନୀକୁ ପ୍ରତିରୋପଣ କରିବାର ଅଭିଯୋଗ ହୋଇଛି । ଏହି ଅବୈଧ ଅଙ୍ଗ କାରବାରକୁ ରୋକିବା ପାଇଁ ଦୁଇ ଦେଶର ସରକାର ମିଳିତ ଭାବେ କାର୍ଯ୍ୟ କରିବା ସହ ଲୋକଙ୍କୁ ସଚେତନ କରାଇବାର ଆବଶ୍ୟକତା ରହିଛି ।

‘କିଡ୍‌ନୀ ଭିଲେଜ’ ନାମରେ କୁଖ୍ୟାତି ହାସଲ କରିଛି ବାଇଗୁନି ଗାଁ



# ମହିଳାଙ୍କ ଭାବାବେଗକୁ ଚିତ୍ରରେ ଦିଅନ୍ତି ରୂପ

ଜଣେ ମହିଳା ମନରେ ବହୁ ଦୁଃଖ, କଷ୍ଟ, ଯନ୍ତ୍ରଣା ରହିଥାଏ। ହେଲେ ସେ ସମସ୍ତଙ୍କ ଆଗରେ ନିଜର ଭାବନାକୁ ପରିପ୍ରକାଶ କରିପାରନ୍ତିନି। ଅନ୍ୟ ଆଗରେ କହିବାକୁ କୁଣ୍ଠା ପ୍ରକାଶ କରିଥାନ୍ତି। ତେଣୁ ଅନେକ ମହିଳା ମନର କଥାକୁ ଡାଏରୀରେ ଲେଖିଥାନ୍ତି। ସେହିପରି କିଛି ମହିଳା ମନର ଭାବନାକୁ ଗୀତ ତଥା କବିତା ଆକାରରେ ପ୍ରକାଶ କରିଥାନ୍ତି। କିନ୍ତୁ ଏମାନଙ୍କଠୁ ଭିନ୍ନ ଉତ୍ତରାଖଣ୍ଡର ଯୁବ ଚିତ୍ରଶିଳ୍ପୀ ଖୁସି ରାୱତ। ସେ ମହିଳାଙ୍କ ମନର ଅକୁହା କଥା ଦୁଃଖ, ଯନ୍ତ୍ରଣା, ହସକାନ୍ଦକୁ ନିଜ ଚିତ୍ରକଳା ମାଧ୍ୟମରେ ଦର୍ଶାଇଥାନ୍ତି। ଏହା ସହ ସମାଜରେ ନାରୀମାନଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାରକୁ ସେ ଲୋକଲୋଚନକୁ ଆଣିଥାନ୍ତି। ଏପରି କରି ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ସମାଜ ପରିବର୍ତ୍ତନରେ ଏକ ନୂଆ ଦିଗ ସୃଷ୍ଟି କରିଛନ୍ତି।





ଖୁସି ରାୱତ ଜଣେ ଚିତ୍ରକର ଭାବେ ପରିଚିତ। ପିଲାବେଳୁ ତାଙ୍କର ଚିତ୍ରକଳା ପ୍ରତି ଆଗ୍ରହ ରହିଥିଲା। ନବମ ଶ୍ରେଣୀରେ ପାଠ ପଢ଼ୁଥିବା ସମୟରେ ସେ ଚିତ୍ରକଳା ପାଇଁ ଲଳିତ କଳା ଏକାଡେମୀ ଆୱାର୍ଡ ପାଇଥିଲେ। ଏହାପରେ ସେ ଚିତ୍ରକଳା ଦିଗରେ ଆଗକୁ ଯିବା ପାଇଁ ମନସ୍ଥ କରିଥିଲେ। ପାଠପଢ଼ା ସହ ସେ ନିଜର ଚିତ୍ରକଳା ଜାରି ରଖିଥିଲେ। ଗ୍ରାଜୁଏସନ୍ ପାଇଁ ସେ ଦିଲ୍ଲୀ ୟୁନିଭର୍ସିଟିରେ ବ୍ୟାଚ୍‌ଲର୍ ଅଫ୍ ଫାଇନ୍ ଆର୍ଟ କୋର୍ସ କରିଥିଲେ। ପାଠପଢ଼ା ସାଙ୍ଗକୁ ସେ ଚିତ୍ର ଆଙ୍କୁଥିଲେ। ବିଭିନ୍ନ ଥିମ୍ ଅନୁସାରେ ମହିଳାଙ୍କୁ କେନ୍ଦ୍ର କରି ସେ ଚିତ୍ର ଅଙ୍କନ କରିଥାନ୍ତି। ସେ ସମୟରେ ତାଙ୍କର ତିନୋଟି ପେଣ୍ଟିଂ ଲକ୍ଷାଧିକ ଟଙ୍କାରେ ବିକ୍ରି ହୋଇଥିଲା। ମହିଳାଙ୍କ ଭାବନା ସହ ଜଡ଼ିତ ଚିତ୍ରକଳା ଲୋକଙ୍କୁ ଘଡ଼ିଏ ଭାବିବାକୁ ବାଧ୍ୟ କରିଥାଏ। ତାଙ୍କର ଦୁଇଟି ପେଣ୍ଟିଂକୁ ଏକ ଆମେରିକୀୟ କମ୍ପାନୀ ଅନଲାଇନ୍ କମ୍ୟୁନିଟି ଇଭେଣ୍ଟରେ ବିକିବା ପାଇଁ ସ୍ଥିର କରିଥିଲା। ଆମେରିକୀୟ ମାର୍ବଲ ଲୋଟସ କମ୍ପାନୀ ଏହି ଦୁଇଟି ଚିତ୍ରକଳାର ବିକ୍ରିମୂଲ୍ୟ ସାତଲକ୍ଷ ଟଙ୍କାରୁ ଅଧିକ ରଖିଥିଲା। ଏହି ଚିତ୍ରକଳାକୁ ନେଇ ଖୁସି କୁହନ୍ତି, ଥରେ ସକାଳୁ ସେ ଦିଲ୍ଲୀରେ ବୁଲୁଥିବା ସମୟରେ ସେ



ଖୁବ୍ ଅଜବ ଦୃଶ୍ୟ ଦେଖିଥିଲେ। ଗୋଟିଏ ଫେସନ ସୋ' ରୁମ୍ ବୋଲାନରେ ଥିବା ମାନିକୁଇନ ଉପରେ କପଡ଼ା ଆବଦ୍ଧ କରିଥିବା ସେ ଦେଖିଥିଲେ। ଏହାକୁ ଦେଖି ସେ ବର୍ତ୍ତମାନ ସମୟରେ ମାନିକ୍ୟୁଇନ୍ ବି ସୁରକ୍ଷିତ ନୁହେଁ ବୋଲି ଅନୁଭବ କରିଥିଲେ। ଏହା ତାଙ୍କ ମନକୁ ଆନ୍ଦୋଳିତ କରିଥିଲା। ଏହାପରେ ସେ ଏହି ଥିମ୍‌କୁ ନେଇ ନିଜର ଆର୍ଟ ତିଆରି କଲେ। ଏହା ଖୁବ୍ ଲୋକପ୍ରିୟ ହୋଇଥିଲା।

ଖୁସି ବିଭିନ୍ନ ଦିଗକୁ ଧ୍ୟାନରେ ରଖି ଚିତ୍ର ଅଙ୍କନ କରିଥାନ୍ତି। ମହିଳାମାନଙ୍କୁ ସମାଜରେ ଉପେକ୍ଷା କରି ଘୋଡ଼ାଇ ରଖିବା, ନିଜର ଭାବନା ଚିନ୍ତାଧାରାକୁ ନିଜ ଭିତରେ ରଖିବା, ମହିଳାଙ୍କ ସ୍ୱରକୁ ଚାପିବା, ଆଦିକୁ ଚିତ୍ରରେ ଦର୍ଶାଇଥାନ୍ତି। କେବଳ ଜଣେ ମହିଳା ହିଁ ଗୋଟିଏ ମହିଳାର ଦୁଃଖକୁ ଅନୁଭବ କରି ସହାନୁଭୂତି ଦେଖାଇଥାଏ ବୋଲି ଖୁସି କୁହନ୍ତି। ଭବିଷ୍ୟତରେ ସେ ଜଣେ ବଡ଼ ଚିତ୍ରଶିଳ୍ପୀ ହେବାକୁ ଲକ୍ଷ୍ୟ ରଖିଛନ୍ତି। ସେ ଚିତ୍ରକଳା ମାଧ୍ୟମରେ ଦୁନିଆକୁ ଏକ ନୂଆ ଦୃଷ୍ଟିକୋଣ ଦେବାକୁ ଚାହୁଁଛନ୍ତି। ମହିଳାମାନଙ୍କ ଭାବନାକୁ ବୁଝିବା ପାଇଁ ସେ ନିଜ ଚିତ୍ର ବ୍ୟବହାର କରିଥାନ୍ତି। ଏପରି କରି ସେ ଲକ୍ଷ ଲକ୍ଷ ମହିଳାଙ୍କୁ ପ୍ରେରଣା ଦେଉଛନ୍ତି।

# ଚୁଡ଼ା ପିଜା ବଲ୍

**ଆବଶ୍ୟକ ସାମଗ୍ରୀ**

ଚୁଡ଼ା – ଦୁଇ କପ୍, ସିଝା ଆଳୁ – ତିନୋଟି, କଟା କ୍ୟାପ୍‌ସିକମ୍ – ଏକ କପ୍, କଟା ପିଆଜ – ଏକ କପ୍, ସିଝା ମିଠା ମକା – ଏକ କପ୍, ଗରମମସଲା, - ଏକ ଚାମଚ, ହଳଦୀଗୁଣ୍ଡ- ଏକ ଚାମଚ, ଲଙ୍କାଗୁଣ୍ଡ – ଏକ ଚାମଚ, ଗୋଲମରିଚ ଗୁଣ୍ଡ – ଅଧା ଚାମଚ, ଚିଲି ଫ୍ଲେକ୍ସ – ଅଧା ଚାମଚ, ଛୋଟ ଚିଜ୍ କ୍ୟୁବ୍ – ଅଧା କପ୍, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଚୁଡ଼ାକୁ ପାଣିରେ ଧୋଇ ଭଲରେ ଚିପୁଡ଼ି ଏକ ପାତ୍ରରେ ରଖନ୍ତୁ। ସେଥିରେ ସିଝା ଆଳୁ, କ୍ୟାପ୍‌ସିକମ୍, ପିଆଜ, ମକା, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଗରମମସଲା, ଚିଲି ଫ୍ଲେକ୍ସ, ଗୋଲମରିଚ ଗୁଣ୍ଡ, ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାକୁ ହାତରେ ଛୋଟ ବଲ୍ ଆକାର କରି ମଝିରେ ଗୋଟିଏ ଚିଜ୍ କ୍ୟୁବ୍ ଦିଅନ୍ତୁ। ଏହାପରେ ଗ୍ୟାସ୍ ଲଗାଇ ତେଲ ଦିଅନ୍ତୁ। ତେଲ ଗରମ ହୋଇଯିବା ପରେ ପ୍ରସ୍ତୁତ କରି ରଖିଥିବା ବଲଗୁଡ଼ିକୁ ଦେଇ ଛାଣନ୍ତୁ। ଦୁଇ ପାଖ ସୁନେଲି ରଙ୍ଗ ହୋଇଗଲେ ଏହାକୁ ଏକ ପ୍ଲେଟ୍‌କୁ କାଢ଼ି ଟମାଟୋ ସସ ସହ ପରଶି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଚୁଡ଼ା ପିଜା ବଲ୍'।



# ଫଟୋ ଫ୍ରେମ୍ ଜ୍ୱେଲାରୀ



ସମୟ ଅନୁଯାୟୀ ଫେଶନ, ପୋଷାକ, ମେକ୍‌ଅପ୍, ଅଳଙ୍କାର ଆଦିରେ ପରିବର୍ତ୍ତନ ଦେଖିବାକୁ ମିଳିଥାଏ। ସେହିପରି ବର୍ତ୍ତମାନ ସମୟରେ ଫଟୋଫ୍ରେମ୍ ଜ୍ୱେଲାରୀ ଟ୍ରେଣ୍ଡରେ ରହିଛି। ଏଥିରେ ମହିଳାମାନେ ସେମାନଙ୍କ ପସନ୍ଦ ଅନୁଯାୟୀ ଫଟୋ ଦେଇ ଚୁଡ଼ି, ମଙ୍ଗଳସୂତ୍ର ଆଦି କଷ୍ଟମାଇଜ୍ କରି ପିନ୍ଧିଥାନ୍ତି। ଜାଣିବା ସେ ବିଷୟରେ...



**ଚୁଡ଼ି** - ବିଶେଷ କରି ବିବାହିତ ମହିଳାଙ୍କ ମଧ୍ୟରେ ଏହି ଫଟୋଫ୍ରେମ୍ ଚୁଡ଼ିର ଚାହିଦା ଅଧିକ ରହିଛି। ଏଥିରେ ସେମାନେ ନିଜ ପସନ୍ଦ ଅନୁସାରେ ଡିଜାଇନ୍ କରାଇ ଦେଉଥାନ୍ତି। ଏଥିରେ ନିଜ ଫଟୋ ସହ ଚାହିଁଲେ ପତିଙ୍କ ଫଟୋରଖି ପ୍ରସ୍ତୁତ କରିପାରିବେ।

**ମଙ୍ଗଳସୂତ୍ର** – ସାଧାରଣତଃ ମଙ୍ଗଳସୂତ୍ରରେ କଳାମାଳି ସହ ଏକ ଲକେଟ୍ ରହିଥାଏ। କିନ୍ତୁ ବର୍ତ୍ତମାନ ମହିଳାମାନେ ପ୍ରିୟଜନଙ୍କ ଫଟୋ ଦେଇ ଲକେଟ୍ ଡିଜାଇନ କରିଥାନ୍ତି। ସେହିପରି ଏହା ଉଭୟ ଅନ୍‌ଲାଇନ୍ ଅଫ୍‌ଲାଇନ୍‌ରେ ଉପଲବ୍ଧ।

**ମୁଣ୍ଡ ଖୋସା** – ଆଜିକାଲି ଯୁବତୀ ତଥା ମହିଳାମାନେ କୌଣସି ପାର୍ଟି, ଫଙ୍କସନ୍‌କୁ ଗଲେ ମୁଣ୍ଡରେ ଖୋସା କରି ରଜନୀ ଗନ୍ଧା ଫୁଲ ଲଗାଇଥାନ୍ତି। କିନ୍ତୁ ଏବେ ଧଳାମାଳିରେ ଛୋଟ ଫଟୋ ଫ୍ରେମ୍ ଡିଜାଇନ କରି ମୁଣ୍ଡରେ ଲଗାଉଛନ୍ତି।

# ବର୍ଷାଦିନିଆ ଫେଶନ

ସବୁ ମହିଳାମାନେ ସୁନ୍ଦର ତଥା ଆକର୍ଷଣୀୟ ଦିଶିବା ପାଇଁ ଚାହାନ୍ତି। ଏଥିପାଇଁ ଋତୁ ଅନୁଯାୟୀ, ଆଉଟ୍‌ଫିଟ୍ ଚୟନ କରିଥାନ୍ତି। ହେଲେ ବର୍ଷାଦିନେ ଓଦାପୋଷାକ, ଖସଡ଼ା ରାସ୍ତା, ହାତରେ ଛତା ଧରି ଯାତାୟତ କରିବାବେଳେ ଷ୍ଟାଇଲିଶ୍ ଦେଖାଯିବା ଖୁବ୍ ସମସ୍ୟାଜନକ ହୋଇଯାଏ; କିନ୍ତୁ କିଛି ୱାଟରପ୍ରୁଫ୍ ଆସେସରିଜ୍ ରହିଛି, ଯାହା ବର୍ଷାରୁ ସୁରକ୍ଷା ଦେବା ସହ ଏକ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ।

**ୱାଟରପ୍ରୁଫ୍ ରେନ୍‌କୋଟ୍**

ରେନ୍‌କୋଟ କହିଲେ, କେବଳ ପ୍ଲାଷ୍ଟିକ୍ ସାଦା ଜରି ନୁହେଁ। ବର୍ତ୍ତମାନ ମାର୍କେଟରେ ରଙ୍ଗିନ୍, ହାଲୁକା, ପ୍ରିଣ୍ଟେଡ୍ ଜ୍ୟାକେଟ୍ ମିଳୁଛି। ଏହା ବର୍ଷାରୁ ସୁରକ୍ଷା ଦେବା ସହ ଫେଶନ ଷ୍ଟେଟ୍‌ମେଣ୍ଟ ଭାବେ ବ୍ୟବହାର କରିପାରିବେ।

**ପ୍ରିଣ୍ଟେଡ୍ ଛତା**

ଛତା କେବଳ ବର୍ଷାରୁ ରକ୍ଷା କରେନି, ଏହା ଏକ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ପାଲଟିଛି। ଫୁଲ ପ୍ରିଣ୍ଟ, ପୋଲ୍‌କା ଡଟ୍, ଟ୍ରାନ୍ସପ୍ୟାରେଣ୍ଟ ଛତା ଲୁକ୍‌କୁ ଦ୍ୱିଗୁଣିତ କରିଥାଏ। ଏହାକୁ ଆଉଟ୍‌ଫିଟ୍ ସହ ମ୍ୟାଚ୍ କରି ନେଇପାରିବେ।

**ବ୍ୟାଗ୍**

ଅଫିସ୍ ହେଉ ଅବା କଲେଜ ବର୍ଷାଦିନେ ୱାଟର୍‌ପ୍ରୁଫ୍ ବ୍ୟାଗ୍ ବ୍ୟବହାର କରିବା ଆବଶ୍ୟକ। ଏହା ବର୍ଷାରୁ ସମସ୍ତ ଜିନିଷକୁ ସୁରକ୍ଷିତ ରଖିଥାଏ। ଏଥିପାଇଁ ରଙ୍ଗିନ୍ ଚେନ୍, ଲେଦର ଫିନିଶ୍ ବ୍ୟାଗ ବ୍ୟବହାର କରିପାରିବେ।

**ଫୁଟ୍‌ୱିୟାର୍**

ବର୍ଷାଦିନେ ଗମ୍‌ବୁଟସ୍, ୱାଟର୍‌ପ୍ରୁଫ୍ ସାଣ୍ଡେଲ୍ ଆଦି ଅଧିକ ବ୍ୟବହାର କରାଯାଏ। ଏବେର ସମୟରେ ବିଶେଷ କରି ଫ୍ଲୋରାଲ୍ ପ୍ରିଣ୍ଟ, ଟ୍ରାନ୍ସପ୍ୟାରେଣ୍ଟ ଏବଂ ନିଅନ ରଙ୍ଗର ବୁଟ୍ ଲୋକେ ପସନ୍ଦ କରୁଛନ୍ତି।

**ଆସେସରିଜ୍**

ଘଣ୍ଟା ବିନା ହାତ ଖାଲି ଦିଶିଥାଏ। ତେଣୁ ବର୍ଷାଦିନେ ୱାଟର୍‌ପ୍ରୁଫ୍ ଘଣ୍ଟା ପିନ୍ଧିପାରିବେ। ଏଥିସହ ବ୍ରେସ୍‌ଲେଟ୍ କ୍ଲିପ୍ ଆଦି ପିନ୍ଧିପାରିବେ।



# ହ୍ୟାଙ୍ଗିଙ୍ଗ୍ ବାସ୍କେଟ୍ ପ୍ଲାଣ୍ଟରେ ସଜାନ୍ତୁ ବାଲ୍‌କୋନି



ମହିଳାମାନେ ବାଲ୍‌କୋନି ସଜାଇବାକୁ ପସନ୍ଦ କରନ୍ତି। ଏଥିପାଇଁ ଇଣ୍ଟେରିୟର ଡିଜାଇନରଙ୍କ ସାହାଯ୍ୟରେ ବାଲ୍‌କୋନିକୁ ଏକ ନୂଆ ରୂପ ଦେଇଥାନ୍ତି। କିନ୍ତୁ ସମସ୍ତଙ୍କ ପକ୍ଷେ ଏହା ସମ୍ଭବ ହୋଇ ନଥାଏ। ତେଣୁ ଚାହିଁଲେ ହ୍ୟାଙ୍ଗିଙ୍ଗ୍ ବାସ୍କେଟ୍ ପ୍ଲାଣ୍ଟ ଲଗାଇ ବାଲ୍‌କୋନି ସଜାଇପାରିବେ।

**ମନିପ୍ଲାଣ୍ଟ**

ଏହି ଗଛ ଲଗାଇବା ସହ ଏହାର ଯତ୍ନ ନେବା ଖୁବ୍ ସୁବିଧାଜନକ ହୋଇଥାଏ। ଏହି ଲତାଗୁଡ଼ିକ ଫୁଲକୁଣ୍ଡରେ ଝୁଲନ୍ତା ଅବସ୍ଥାରେ ଖୁବ ସୁନ୍ଦର ଦେଖାଯାଏ। ଏହାକୁ ସାମାନ୍ୟ ଖରା, ଅଳ୍ପ ଯତ୍ନ କରିବାକୁ ପଡ଼ିଥାଏ। ଏହି ଗଛ ଖୁବ୍ ଶୀଘ୍ର ବଢ଼ିଥାଏ। ହଳଦିଆ ସବୁଜ ରଙ୍ଗର ଏହି ପତ୍ର କାନ୍ଥର ସୌନ୍ଦର୍ଯ୍ୟ ବଢ଼ାଇଥାଏ।

**ସ୍ପାଇଡର ପ୍ଲାଣ୍ଟ**


ଏହା ଏକ ଲୋକପ୍ରିୟ ଗଛ ଭାବେ ପରିଚିତ। ଏହାକୁ ଘର ସଜାଇବା ସହ ଘରେ ଶୁଦ୍ଧତା ବଜାୟ ରଖିବା ପାଇଁ ଲଗାଯାଇଥାଏ। ବିଶେଷ କଥା ହେଉଛି ସ୍ପାଇଡର ପ୍ଲାଣ୍ଟ ଲଗାଇଲେ, ଏହାର ବେଶୀ ଯତ୍ନ ନେବାକୁ ପଡ଼େନି। ଏହି ଗଛ ଫୁଲକୁଣ୍ଡରେ ଖୁବ୍ ସୁନ୍ଦର ଦେଖାଯାଏ। ଏହାର ପତ୍ର ଗୁଡ଼ିକ ତଳକୁ ଝୁଲିବା ଭଳି ରହିଥାଏ। ସେହିପରି ଏହା ବାୟୁମଣ୍ଡଳକୁ ଶୁଦ୍ଧ ରଖିଥାଏ । ଏହା ଦ୍ୱାରା ଘରେ ସକାରାତ୍ମକ ବାତାବରଣ ବଜାୟ ରହିଥାଏ।

**ପେଟୁନିଆ**

ବାଲ୍‌କୋନୀକୁ ରଙ୍ଗିନ ଫୁଲପତ୍ରରେ ସଜାଇବାକୁ ଚାହୁଁଥିଲେ, ପେଟୁନିଆ ଏକ ଭଲ ବିକଳ୍ପ। ଏହି ଗଛରେ ଫୁଲଗୁଡ଼ିକ ଖୁବ୍ ସୁନ୍ଦର ଦେଖାଯାଏ। ଏହିଗଛ ଅଧିକ ସୂର୍ଯ୍ୟାଲୋକ ଆବଶ୍ୟକ କରିଥାଏ। ବିଶେଷ କରି ଖରାଦିନେ ଏହି ଫୁଲ ଅଧିକ ଫୁଟିଥାଏ।

# ନିୟମିତ ମସ୍କାରା ଲଗାଉଥିଲେ...

ଆଖିପତାକୁ ଘନକଳା ତଥା ଆକର୍ଷଣୀୟ କରିବା ପାଇଁ ମହିଳାମାନେ ମସ୍କାରା ଲଗାଇଥାନ୍ତି। ଏହା ଆଖିର ସୌନ୍ଦର୍ଯ୍ୟ ବୃଦ୍ଧି କରି ମେକ୍‌ଅପ୍‌କୁ ଏକ ପରଫେକ୍ଟ ଲୁକ୍ ଦେଇଥାଏ। କିନ୍ତୁ ନିୟମିତ ଆଖିରେ ମସ୍କାରା ଲଗାଇଲେ ଆଖିପତା ଝଡ଼ିଯାଏ। ଏହା ଆଖିକୁ କ୍ଷତି ପହଞ୍ଚାଇଥାଏ। ଜାଣିବା ସେ ବିଷୟରେ...



**ଆଖି ସଂକ୍ରମଣ**

ମସ୍କାରାରେ ଥିବା ରାସାୟନିକ ପଦାର୍ଥ ଆଖିକୁ କ୍ଷତି ପହଞ୍ଚାଇଥାଏ। ନିୟମିତ ମସ୍କାରା ଲଗାଇଲେ ଆଖି ନାଲିପଡ଼ିବା, କୁଣ୍ଡାବ ହେବା ଓ ପାଣି ବାହାରିବା ଭଳି ସମସ୍ୟା ଦେଖିବାକୁ ମିଳିଥାଏ।

**ଆଖିପତା ଝଡ଼ିବା**

ଆଖିପତା ଘନ କରିବା ପାଇଁ ନିୟମିତ ବ୍ୟବହୃତ ମସ୍କାରା ଦ୍ୱାରା ଆଖି ପତା ଝଡ଼ିଯାଏ। ତେଣୁ ନିୟମିତ ମସ୍କାରା ଲଗାଇବାଠୁ ଦୂରେଇ ରହିବା ଭଲ।

**ଦେଖିବାରେ ସମସ୍ୟା**

ସେହିପରି ନିୟମିତ ମସ୍କାରା ବ୍ୟବହାର କଲେ ଦେଖିବାରେ ମଧ୍ୟ ସମସ୍ୟା ହୋଇଥାଏ। ମସ୍କାରା ଲଗାଉଥିବା ସମୟରେ ଭୁଲବଶତଃ ଏହା ଆଖିରେ ପ୍ରବେଶ କଲେ କାର୍ନିୟାକୁ କ୍ଷତି ପହଞ୍ଚାଇଥାଏ। ଏହା ଦ୍ୱାରା ଦୃଷ୍ଟିଶକ୍ତିରେ ସମସ୍ୟା ହୋଇପାରେ।

# ବ୍ଲାଉଜ୍ ଡିଜାଇନ୍



ସାଧାରଣତଃ ପୂଜା, ଫଙ୍କସନ୍‌ରେ ମହିଳାମାନେ ଶାଢ଼ି ପିନ୍ଧିବାକୁ ପସନ୍ଦ କରନ୍ତି। ଶାଢ଼ିର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ ବ୍ଲାଉଜ୍। ବିଶେଷ କରି ବ୍ଲାଉଜ୍‌ର ବେକ ଓ ପଛ ଡିଜାଇନ୍ ଶାଢ଼ିର ମୁଖ୍ୟ ଆକର୍ଷଣ ହୋଇଥାଏ। ତେଣୁ ବ୍ଲାଉଜ୍‌କୁ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ, ବର୍ତ୍ତମାନ ସମୟରେ ଟ୍ରେଣ୍ଡରେ ଥିବା ଡିଜାଇନ୍ କରିପାରିବେ ।

**ବୋ - ଡିଜାଇନ୍**

ବର୍ତ୍ତମାନ ସମୟରେ ବୋ- ଡିଜାଇନ୍ ବ୍ଲାଉଜର ଖୁବ୍ ଚାହିଦା ରହିଛି। ଏଥିରେ ଚାହିଁଲେ ମ୍ୟାଚିଙ୍ଗ୍ କରି କାହାଳୀ ତଥା ବିଡ୍ ଲଗାଇପାରିବେ। ଏହା ବ୍ଲାଉଜ୍‌ର ସୁନ୍ଦରତା ବୃଦ୍ଧି କରିଥାଏ।


**ଟେମ୍ପଲ୍ କଟିଙ୍ଗ୍**

ଶାଢ଼ି ଓ ଲେହେଙ୍ଗା ପାଇଁ ବ୍ଲାଉଜ୍ ତିଆରି କରିବାକୁ ଚାହୁଁଥିଲେ ଟେମ୍ପଲ କଟ୍ ଡିଜାଇନ୍ କରିପାରିବେ। ଏଥିସହ ଚାହିଁଲେ ଲଟକନ୍ କିମ୍ବା ଡୋରୀ ଲଗାଇପାରିବେ।



**ଷ୍ଟାଇଲିସ୍ ବ୍ଲାଉଜ୍ ଡିଜାଇନ୍**

ବ୍ଲାଉଜ୍‌ରେ ଏ ପ୍ରକାର ଡିଜାଇନ୍ ଖୁବ୍ ସୁନ୍ଦର ଦେଖାଯାଏ। ବ୍ଲାଉଜର ପଛପାର୍ଶ୍ୱ ୟୁ-କଟ୍ କରି ସେଥିରେ ତ୍ରିଭୂଜାକାର ଡିଜାଇନ ହୋଇଥାଏ। ମଝିରେ ବାନ୍ଧିବା ପାଇଁ ଫିତା ରହିଥାଏ। ଏହି ଡିଜାଇନ୍ ଉଭୟ ଭାରି ଓ ହାଲୁକା ଶାଢ଼ିକୁ ଭଲ ମାନିଥାଏ।



**ସ୍ୱିଟ୍‌ହାର୍ଟ ନେକ୍ ଡିଜାଇନ**

ବିଶେଷ କରି ସ୍ୱିଟ୍‌ହାର୍ଟ ନେକ୍ ଡିଜାଇନ୍ ବ୍ଲାଉଜ୍‌କୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି। ଏହି ଡିଜାଇନ୍ କରି ଏଥିରେ ବୋ ଲଗାଇଲେ ଏହା ଅଧିକ ଆକର୍ଷଣୀୟ ଦିଶିଥାଏ।

# ଭାରତର ବାଂଲା ଗସ୍ତ ସ୍ଥଗିତ

ନୂଆଦିଲ୍ଲୀ,୫।୭ (ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ଆସନ୍ତା ଅଗଷ୍ଟରେ ହେବାକୁ ଥିବା ବାଂଲାଦେଶ ଗସ୍ତକୁ ସ୍ଥଗିତ ରଖାଯାଇଛି। ଏହି ଗସ୍ତରେ ଅଗଷ୍ଟ ୧୭ରୁ ୩୧ ମଧ୍ୟରେ ୩ଟି ଦିନିକିଆ ଓ ୩ଟି ଟି-୨୦ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ସାମ୍ପ୍ରତିକ ସ୍ଥିତିରେ ବାଂଲାଦେଶ ଗସ୍ତରେ ଯିବା ଭାରତୀୟ କ୍ରିକେଟ ଦଳର ସମ୍ଭବ ନୁହେଁ। ଏହି ଗସ୍ତକୁ ଆସନ୍ତାବର୍ଷ ଅର୍ଥାତ୍ ୨୦୨୬ ସେପ୍ଟେମ୍ବରରେ ଆୟୋଜନ କରାଯିବାକୁ ଉଭୟ ଦେଶର କ୍ରିକେଟ ବୋର୍ଡ ରାଜି ହୋଇଥିବା କଥା ବିସିସିଆଇ ପକ୍ଷରୁ କୁହାଯାଇଛି। ସେହିଭଳି ଆସନ୍ତାବର୍ଷ ଭାରତୀୟ କ୍ରିକେଟ ଦଳର ଗସ୍ତକୁ ଆମେ ଉତ୍କଣ୍ଠାର ସହ ଅପେକ୍ଷା କରିବୁ ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ ସଭାପତି ଅମିନୁଲ ଇସ୍‌ଲାମ କହିଛନ୍ତି। ଏହି ଗସ୍ତ ସ୍ଥଗିତ ରହିବାର କାରଣ ଯାହା ହେଉନା କାହିଁକି, ଦୁଇ ଦେଶ ମଧ୍ୟରେ କୁଟନୈତିକ ଓ ରାଜନୈତିକ ସମ୍ପର୍କ ଭଲ ନାହିଁ। ଏଣୁ ଗସ୍ତ ବାତିଲ ହେବାର ଆଶଙ୍କା କରି ବାଂଲାଦେଶ କ୍ରିକେଟ ବୋର୍ଡ ପକ୍ଷରୁ ଏହି ସିରିଜ୍ ଲାଗି କୌଣସି ପ୍ରସ୍ତୁତି କରାଯାଇ ନ ଥିଲା। ବୋର୍ଡ ମଧ୍ୟ ତାହାର ପ୍ରସାରଣ ଅଧିକାର ନିଲମିକୁ ଘୁଞ୍ଚାଇଦେଇଛି। ଏହା ସମସ୍ତେ ଜାଣିଛନ୍ତି, ଭାରତ ଯେଉଁ ଦେଶକୁ କ୍ରିକେଟ ଖେଳିବାକୁ ଯାଏ, ସେହି ଦେଶର କ୍ରିକେଟ ବୋର୍ଡ ମାଲେମାଲ ହୋଇଯାଇଥାଏ। ଦୁଇଦେଶ ମଧ୍ୟରେ କୁଟନୈତିକ ସମ୍ପର୍କ ଭଲ ହେବା ପରେ ଏହି ଗସ୍ତକୁ କାର୍ଯ୍ୟକାରୀ କରାଯିବ।

# ଦ୍ୱିତୀୟ ଟେଷ୍ଟ: ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ଆଗୁଆ

ଗ୍ରେନେଡା,୫।୭ (ଏଜେନ୍ସି): ନାଥନ ଲାୟନ ଓ ଅନ୍ୟ ସହଯୋଗୀଙ୍କ ସଫଳତା ବଳରେ ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ୩୩ ରନ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ ନେଇଛି। ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ୨୮୬ ରନ୍ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୨୫୩ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ବ୍ରାଣ୍ଡନ କିଙ୍ଗ୍ ସର୍ବାଧିକ ୭୫, ଜନ୍ କ୍ୟାମ୍ପବେଲ ୪୦ରନ୍ କରିଥିଲେ। ଦୁଇ ଯୋଶେଫଙ୍କ ମଧ୍ୟରୁ ସମର ୨୯ ଓ ଅଲଜରୀ ୨୭ ରନ୍‌ର ଯୋଗଦାନ ଦେଇଥିଲେ। ଅଷ୍ଟ୍ରେଲିଆର ଲାୟନଙ୍କୁ ୩ଟି, ଜୋଶ ହାଜ୍‌ଲେଉଡ୍ ଓ ପ୍ୟାଟ କମିନ୍ସଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା। ପ୍ରଥମ ଇନିଂସ ଅଗ୍ରଣୀ ନେଇଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୧୨ ରନ୍‌ରେ ୨ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା। ମ୍ୟାଚ୍‌ର ତୃତୀୟ ଦିନ ଖେଳ ଶେଷ ଖବର ସୁଦ୍ଧା ଦଳ ୩ ୱିକେଟ ହରାଇ ୨୩ ଓଭରରେ ୬୦ ରନ୍ ସଂଗ୍ରହ କରିଛି। ଦୁଇ ଓପନର ସାମ କୋନଷ୍ଟାସ ୦, ଉସ୍‌ମାନ ଖୱାଜା ୨ ରନ୍‌ରେ ଆଉଟ ହୋଇଛନ୍ତି।

**ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲ**

# ସେମିରେ ଚେଲସୀ-ଫ୍ଲୁମିନେନ୍ସ

ଲିଙ୍କନ୍, ୫।୭ (ଏଜେନ୍ସି): ଇଂଲଣ୍ଡର ଚାମ୍ପିଅନ କ୍ଲବ୍ ଚେଲସୀ ଓ ବ୍ରାଜିଲର ଟାଣୁଆ ଟିମ୍ ଫ୍ଲୁମିନେନ୍ସ ମଧ୍ୟରେ ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଖେଳାଯିବ। ଗତକାଲି ବିଳମ୍ବିତ ରାତିରେ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ଚେଲସୀ ୨-୧ ଗୋଲରେ ପାଲମେଇରାସକୁ ଓ ଫ୍ଲୁମିନେନ୍ସ ମଧ୍ୟ ୨-୧ ଗୋଲରେ ବିପର୍ଯ୍ୟୟସୃଷ୍ଟିକାରୀ ଅଲ ହିଲାଲକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲ ମୁକାବିଲା ଇଷ୍ଟ ରଦରଫୋର୍ଡରେ ଜୁଲାଇ ୮ରେ ଖେଳାଯିବ। ଏହା ପୂର୍ବରୁ ଦ୍ୱିତୀୟ ସେମିଫାଇନାଲ ଲାଗି ଆଜି ମୁକାବିଲା ହେବ। ଆଟଲାଣ୍ଟାରେ ଖେଳାଯିବାକୁ ଥିବା ତୃତୀୟ କ୍ୱାର୍ଟର ଫାଇନାଲରେ ଫ୍ରାନ୍ସର ପ୍ୟାରିସ୍ ସେଣ୍ଟ ଜର୍ମେନ ସହ ଜର୍ମାନୀର ବେୟର୍ଣ୍ଣ ମ୍ୟୁନିକ୍‌ର ମୁକାବିଲା ହେବ। ସେହିପରି ଇଷ୍ଟ ରଦରଫୋର୍ଡରେ ଖେଳାଯିବାକୁ ଥିବା ଶେଷ କ୍ୱାର୍ଟର ଫାଇନାଲ ମୁକାବିଲାରେ ସ୍ପେନ୍‌ର ରିଅଲ ମାଡ୍ରିଡ୍ ସହ ଜର୍ମାନୀ ଟିମ୍ ବୋରୁସିଆ ଡର୍ଟମଣ୍ଡ ଖେଳିବ। ଜୁଲାଇ ୮ ଓ ୯ରେ ସେମିଫାଇନାଲ, ୧୩ରେ ଫାଇନାଲ ମୁକାବିଲା ଖେଳାଯିବ। ଏହି ୩ଟି ଯାକ ମୁକାବିଲା ଇଷ୍ଟ ରଦରଫୋର୍ଡରେ ଖେଳାଯିବ।

**ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ: ଉଭୟ ଇନିଂସରେ ଗିଲ୍‌ଙ୍କ ଶତକ**

# ଇଂଲଣ୍ଡକୁ ୬୦୮ ରନ୍‌ର ଟାର୍ଗେଟ୍



ଏଜ୍‌ବାଷ୍ଟନ,୫।୭ (ଏଜେନ୍ସି)

ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଭାରତର ଅଧିନାୟକ ଶୁବମନ ଗିଲ୍ ଦ୍ୱିତୀୟ ଶତକ ହାସଲ କରିଛନ୍ତି। ଏହି ଟେଷ୍ଟର ପ୍ରଥମ ଇନିଂସରେ ୨୬୯ ରନ୍ କରି ରେକର୍ଡ କରିଥିବା ଗିଲ୍ ଭାରତର ତୃତୀୟ ଅଧିନାୟକ ଭାବେ ଉଭୟ ଇନିଂସରେ ଶତକ ହାସଲ କରିଛନ୍ତି। ଗିଲ୍ (୧୬୧)ଙ୍କ ଶତକ ସହ ଉପଅଧିନାୟକ ରଷଭ ପନ୍ତ୍ (୬୫), ଲୋକେଶ ରାହୁଲ (୫୫) ଓ ରବୀନ୍ଦ୍ର ଜାଡେଜା (୬୯)ଙ୍କ ଅର୍ଦ୍ଧଶତକ ବଳରେ ଭାରତ ୬ ୱିକେଟ ବିନିମୟରେ ୪୨୭ ରନ୍ କରି ଦ୍ୱିତୀୟ ଇନିଂସ ଘୋଷଣା କରିଛି। ଇନିଂସ ସମାପ୍ତି ଘୋଷଣା ବେଳକୁ ଜାଡେଜା ୬୯ ଓ ୱାଶିଂଟନ ସୁନ୍ଦର ୧୨ ରନ୍‌ରେ ବ୍ୟାଟିଂ କରୁଥିଲେ। ଏହା ଫଳରେ ପ୍ରଥମ ଇନିଂସରେ ୧୮୦ ରନ୍‌ର ଅଗ୍ରଣୀକୁ ମିଶାଇ ଭାରତ ଏହି ମ୍ୟାଚ୍‌ରେ ମୋଟ ୬୦୭ ରନ୍‌ରେ ଆଗୁଆ ରହି ନିଜର ସ୍ଥିତି ସୁଦୃଢ଼ କରିଛି। ଆସନ୍ତାକାଲି ଏହି ମ୍ୟାଚ୍‌ର ଶେଷ ଦିନ ହୋଇଥିବାରୁ ମୁକାବିଲା ଉତ୍କଣ୍ଠାପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ଏହି ମ୍ୟାଚ୍‌ରେ ଶନିବାର ଭାରତ ତାହାର ଅସମାପ୍ତ ଦ୍ୱିତୀୟ ଇନିଂସରେ ୧ ୱିକେଟରେ ୬୪ ରନ୍‌ରୁ ଖେଳ ଆରମ୍ଭ କରି ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲା। ଲୋକେଶ ରାହୁଲ ପାରମ୍ପରିକ ଭଙ୍ଗୀରେ ଖେଳି ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୮୪ ବଲ ଖେଳି ୧୦ ଚୌକା ସହ ୫୫ ରନ୍ କରିଥିଲାବେଳେ ଟଙ୍ଗଙ୍କ ବଲରେ ବୋଲ୍ଡ ହୋଇଯାଇଥିଲେ। ତାଙ୍କ ପୂର୍ବରୁ କରୁନ ନାୟାର ୨୬ ରନ୍ କରି ଟେଷ୍ଟ ଦଳରେ ସ୍ଥାନ ସୁରକ୍ଷିତ କରିବାର ଆଉ ଏକ ସୁଯୋଗ ହାତଛଡ଼ା କରିଥିଲେ।

୧୨୬ ରନ୍‌ରେ ଦଳ ତୃତୀୟ ୱିକେଟ ହରାଇବା ପରେ ଗିଲ ଦୁଇଟି ବଡ଼ ପାର୍ଟନରସିପ୍ ବଳରେ ଭାରତକୁ ଭଲ ସ୍ଥିତିରେ ପହଞ୍ଚାଇଥିଲେ। ଚତୁର୍ଥ ୱିକେଟରେ ଗିଲ୍ ଉପଅଧିନାୟକ ରଷଭ ପନ୍ତଙ୍କ ସହ ୧୦୩ ବଲ୍‌ରୁ ୧୧୦ ଓ ଅବିଭକ୍ତ ପଞ୍ଚମ ୱିକେଟରେ ରବୀନ୍ଦ୍ର ଜାଡେଜାଙ୍କ ସହ ୨୦୮ ବଲ୍‌ରୁ ୧୭୫ ରନ୍ ଉଠାଇଥିଲେ। ଏକ ବଡ଼ ସଟ୍ ମାରିବାକୁ ଯାଇ ପନ୍ତ୍ ନିୟନ୍ତ୍ରଣ ହରାଇବା ସହ କ୍ୟାଚ୍ ଆଉଟ ହୋଇଥିଲେ। କିନ୍ତୁ ଗିଲ୍ ଓ ଜାଡେଜା ଦମ୍ ଦେଖାଇ ଭାରତକୁ ସୁରକ୍ଷିତ ସ୍ଥାନରେ ପହଞ୍ଚାଇଥିଲେ। ପନ୍ତ୍ ୫୮ ବଲ୍ ଖେଳି ୮ ଚୌକା ଓ ୩ଛକା ସହ ୬୫ ରନ୍ କରିଥିଲେ। କିନ୍ତୁ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିବା ଗିଲ୍ ୧୬୨ ବଲ୍‌ରୁ ୧୩ ଚୌକା ଓ ୮ ଛକା ସହ ୧୬୧ ରନ୍‌ରେ ଆଉଟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ**: ୫୮୭ (ଗିଲ-୨୬୯, ଜାଡେଜା-୮୯, ଜୟସ୍ୱାଲ-୮୭, ବସିର-୩/୧୬୭, ଓକ୍ସ-୨/୮୧)।
**ଇଂଲଣ୍ଡ ପ୍ରଥମ ଇନିଂସ**: ୪୦୭/୧୦, ୮୯.୩ ଓଭର (ବ୍ରୁକ୍-୧୫୮, ସ୍ମିଥ-୧୮୪³, ସିରାଜ-୬/୭୦, ଆକାଶ ଦୀପ-୪/୮୮)।
**ଭାରତ ଦ୍ୱିତୀୟ ଇନିଂସ**: ୪୨୭/୬ (ପାଳି ଘୋଷଣା) ୮୩ ଓଭର (ଶୁବମନ ଗିଲ- ୧୬୧, ରବୀନ୍ଦ୍ର ଜାଡେଜା-ବ୍ୟାଟିଂ-୬୯*, ରଷଭ ପନ୍ତ୍-୬୫, ଲୋକେଶ ରାହୁଲ-୫୫, ଟଙ୍ଗ୍-୨/୯୩, ସୋଏବ ବସିର-୨/୧୧୯)।

**ମହିଳା ଟି-୨୦**

# ବିଶ୍ୱରେକର୍ଡ ସତ୍ତ୍ୱେ ହାରିଲା ଭାରତ

କିଆ ଓଭାଲ,୫।୭ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ତୃତୀୟ ମହିଳା ଦିନିକିଆ ମ୍ୟାଚ୍‌ରେ ଭାରତ ୨୫ ବଲ୍‌ରେ ୯ଟି ୱିକେଟ ଅକ୍ତିଆର କରି ବିଶ୍ୱରେକର୍ଡ କରିଥିଲେ ମଧ୍ୟ ୫ ରନ୍‌ରେ ଏହି ମ୍ୟାଚ୍‌କୁ ହାରିଯାଇଛି। ଏହା ଫଳରେ ୧-୨ରେ ପଛୁଆ ରହିଥିବା ଇଂଲଣ୍ଡ ଏହି ସିରିଜ୍‌ରେ ତିଷ୍ଠି ରହିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୯ ୱିକେଟରେ ୧୭୧ ରନ୍ କରିଥିଲା। ଏପରିକି ଦଳ ୯୨ ବଲ୍‌ରେ ପ୍ରଥମ ୱିକେଟ ହରାଇଥିଲେ ମଧ୍ୟ ୨୫ ବଲ୍‌ରେ ଶେଷ ୯ଟି ୱିକେଟ ହରାଇ ଭାରତକୁ ବିଶ୍ୱରେକର୍ଡ କରିବାରେ ସହାୟତା ଦେଇଥିଲା। ଏହି ୯ଟି ମଧ୍ୟରୁ ଦୀପ୍ତି ଶର୍ମା ଓ ଅରୁନ୍ଧତି ରେଡ୍ଡି ୩ଟି ଲେଖାଏଁ ଓ ଶ୍ରୀଚରଣି ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ପ୍ରଥମ ୱିକେଟରୁ ୮୫ରନ୍ ଉଠାଇ ଦଳକୁ ବିଜୟ ଅଭିମୁଖେ ନେଇଯାଇଥିଲେ। ଶେଫାଳି ୪୭ ରନ୍ କରିଥିଲେ। କିନ୍ତୁ ୧୬ତମ ଓଭରରେ ମନ୍ଧାନା ଆଉଟ ହେବା ପରେ ଭାରତ ଆଉ ରନ୍ ରେଟ୍ ରଖିପାରି ନ ଥିଲା। ଶେଷରେ ୫ ରନ୍‌ରେ ପରାଜିତ ହୋଇଥିଲା। ୫୩ ବଲ୍‌ରୁ ୭୫ ରନ୍ କରିଥିବା ସୋଫି ଡଙ୍କଲୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

**ସଙ୍ଗୀତା ବାସ୍‌ଫୋରଙ୍କ ଡବଲ ଗୋଲ**

# ଭାରତକୁ ଏସିଆ କପ୍ ଯୋଗ୍ୟତା

ବ୍ୟାଙ୍କକ୍,୫।୭ (ଏଜେନ୍ସି): ସଙ୍ଗୀତା ବାସ୍‌ଫୋରଙ୍କ ଡବଲ ଗୋଲ ବଳରେ ଏଠାରେ ଚାଲିଥିବା ଏସିଆ କପ୍ ମହିଳା ଯୋଗ୍ୟତା ପର୍ଯ୍ୟାୟର ଶେଷ ମୁକାବିଲାରେ ଭାରତ ୨-୧ ଗୋଲରେ ଥାଇଲାଣ୍ଡକୁ ପରାସ୍ତ କରିଛି। ଏହା ଫଳରେ ଭାରତ ଏଏଫ୍‌ସି ମହିଳା ଏସିଆ କପ୍-୨୦୨୬କୁ ଯୋଗ୍ୟତା ଅର୍ଜନ କରିଛି। ଏହି ସଫଳତା ଲାଗି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଏସିଆ କପ୍‌ରେ ଭାରତ ଉଚ୍ଚକୋଟୀର ଖେଳି ଭାରତ ବିଜୟୀ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଏହା ପୂର୍ବରୁ ଏଏଫ୍‌ସି ମହିଳା ଏସିଆ କପ୍‌ରେ ଭାରତ ୮ଥର ଖେଳିଛି, କିନ୍ତୁ ପ୍ରଥମଥର ଲାଗି କ୍ୱାଲିଫାୟର୍ସ ଖେଳି ଯୋଗ୍ୟତା ଅର୍ଜନ କରିଛି। ୨୦୨୨ରେ ଆୟୋଜକ ଦେଶ ଭାବେ ଭାରତ ଏହି ମହାଦେଶୀୟ ଟୁର୍ଣ୍ଣାମେଣ୍ଟ ଖେଳିଥିଲା।

# ଚତୁର୍ଥ ରାଉଣ୍ଡରେ ସିନର, ସାବାଲେଙ୍କା



**ୱିମ୍ବଲଡନ ଟେନିସ୍**

ଲଣ୍ଡନ, ୫।୭ (ଏଜେନ୍ସି): ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟରେ ସିଡ୍ ଇଟାଲୀର ପୁରୁଷ ତାରକା ଜାନିକ ସିନର ଓ ବେଲାରୁଷର ଅରିନା ସାବାଲେଙ୍କା ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିବା ବେଳେ କାଜାଖସ୍ତାନର ମହିଳା ଖେଳାଳି ଏଲିନା ରିବାକିନା ତୃତୀୟ ରାଉଣ୍ଡରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ଏକକ ମୁକାବିଲାରେ ସିନର ୬-୧, ୬-୩, ୬-୧ ସିଧା ସେଟ୍‌ରେ ସ୍ପେନ୍‌ର ପେଡ୍ରୋ ମାର୍ଟିନେଜଙ୍କୁ, ୨୨ତମ ସିଡ୍ ଇଟାଲୀର ଫ୍ଲାଭିଓ କୋବୋଲି ୬-୨, ୬-୪, ୬-୨ ସିଧା ସେଟ୍‌ରେ ଚେକ୍ ଗଣରାଜ୍ୟର ୧୫ତମ ସିଡ୍ ଜାକୁବ୍ ମେନସିକଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ଏକକରେ ୧୧ତମ ସିଡ୍ ରିବାକିନା ୬-୭, ୬-୩ ସିଧା ସେଟ୍‌ରେ ୨୩ତମ ସିଡ୍ ଡେନମାର୍କର କ୍ଲାରା ଟସନଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଶ୍ରେଷ୍ଠ ସିଡ୍ ମାନ୍ୟତା ପାଇଥିବା ସାବାଲେଙ୍କା ୭-୬, ୬-୪ ସିଧା ସେଟ୍‌ରେ ବ୍ରିଟେନର ଇମ୍ମା ରାଡୁକାନୁଙ୍କୁ ହରାଇ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ୭ମ ସିଡ୍ ୧୭ ବର୍ଷୀୟ ରୁଷିଆର ମୀରା ଆନ୍ଦ୍ରିଭା ୬-୧, ୬-୩ ସେଟ୍‌ରେ ଆମେରିକାରା ହେଲି ବାପ୍ଟାଇଜ୍‌ଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପଟେ ପୁରୁଷ ଯୁଗଳରେ ଭାରତର ଏନ୍ ଶ୍ରୀରାମ ବାଲାଜୀ ତାଙ୍କ ମେକ୍ସିକୋ ପାର୍ଟନର ମିଗୁଏଲ ଭାରେଲା ଦ୍ୱିତୀୟ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

**ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା**

# ଦଣ୍ଡସେନାଙ୍କୁ ଚତୁର୍ଥ ସ୍ୱର୍ଣ୍ଣ

ଭୁବନେଶ୍ୱର, ୫।୭ (ସମିସ)

ଓଡ଼ିଶା ପୁଲିସର ଜଣାଶୁଣା ଧାବକ ଅଶୋକ ଦଣ୍ଡସେନାଙ୍କ ସ୍ୱର୍ଣ୍ଣିମ ସଫଳତା ଧାରା ଜାରି ରହିଛି। ଆମେରିକାରେ ଚାଲିଥିବା ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ଅଶୋକ ଚତୁର୍ଥ ସ୍ୱର୍ଣ୍ଣ ପଦକ ସହ ୫ମ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ୧୦,୦୦୦ ମିଟର ଦୌଡ଼ରେ କନଷ୍ଟେବଲ ଦଣ୍ଡସେନା ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୂର୍ବରୁ ଶୁକ୍ରବାର ଅନୁଷ୍ଠିତ ପୁରୁଷ ୫୦୦୦ ମିଟର ରେସରେ ସେ ପ୍ରଥମ ସ୍ଥାନରେ ରହି ଏହି ସମ୍ମାନଜନକ ପ୍ରତିଯୋଗିତାରେ ୩ୟ ସ୍ୱର୍ଣ୍ଣପଦକ ଜିତିଥିଲେ। ପୂର୍ବରୁ ସେ ୮୦୦ ମିଟର ଓ ୧୫୦୦ ମିଟରରେ ମଧ୍ୟ ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଥିଲେ। କିନ୍ତୁ ୪ ଗୁଣା ୪୦୦ ମିଟର ରିଲେ ଦୌଡ଼ରେ ସେ ଏକମାତ୍ର ରୌପ୍ୟ ପଦକ ହାସଲ କରିଛନ୍ତି।





ସେହିପରି ମହିଳା ବିଭାଗରେ କନଷ୍ଟେବଲ ସବିତା ଆଜି ଦ୍ୱିତୀୟ ସ୍ୱର୍ଣ୍ଣପଦକ ମହିଳା ୧୦୦ ମିଟର ବାଧାଦୌଡ଼ରେ ବିଜୟୀ ହୋଇଛନ୍ତି। ଏହା ବ୍ୟତୀତ ୪୦୦ ମିଟର ବାଧାଦୌଡ଼ରେ ମଧ୍ୟ ତାଙ୍କୁ କାଂସ୍ୟ ପଦକ ମିଳିଛି। ମହିଳା ବିଭାଗରେ ସୁସ୍ମିତା ଟିଗ୍‌ଗା ମହିଳା ୪ ଗୁଣା ୪୦୦ ମିଟର ରିଲେ ଦୌଡ଼ରେ କାଂସ୍ୟ ଜିତିବାକୁ ସମର୍ଥ ହୋଇଛନ୍ତି। ପୂର୍ବରୁ ସେ ୧୫୦୦ ଓ ୮୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଏହି ସଫଳତା ଲାଗି ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଓ ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରତି ଦୁଇ ବର୍ଷରେ ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା ଅନୁଷ୍ଠିତ ହୋଇଥାଏ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS